

ଶୀର୍ଷକୁ ଉଠିଲେ ରୁଟ୍ ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 266 | ଭାଗ ୩୨ | ସଂଖ୍ୟା୨୬୬ Bhubaneswar | Friday 20 December 2024 | Page 8 Rs. 4.00 ଭୁବନେଶ୍ୱର ଶୁକ୍ରବାର ୨୦ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ସଂସଦରେ ଲଜ୍ଜା: ବାଟ ହୁଡୁଛି କଂଗ୍ରେସ

**ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି):** ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଆମ୍ବେଦକରଙ୍କ ଉପରେ ଦେଇଥିବା ମନ୍ତବ୍ୟକୁ କେନ୍ଦ୍ରକରି କିଛିଦିନ ହେଲା ବିରୋଧୀ ଇଣ୍ଡିମେଣ୍ଟ ପକ୍ଷରୁ ସଂସଦରେ ଚାଲିଥିବା ହୋହଲା ଗୁରୁବାର ସବୁ ସୀମା ଟପିଛି। ବିରୋଧୀଦଳ ନେତା ତଥା କଂଗ୍ରେସ ସାଂସଦ ଠେଲି ଦେବାରୁ ବରିଷ୍ଠ ବିଜେପି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ(୬୯) ଓ ମୁକେଶ ରାଜପୁତ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍)ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଅବସ୍ଥାରେ ସୁଧାର ନ ଆସିବାରୁ ଦୁହିଁଙ୍କୁ ଆଇସିୟୁରେ ରଖାଯାଇଛି। ଶ୍ରୀ ଷଡ଼ଙ୍ଗୀ ମୁଣ୍ଡରେ ଜୋର ଆଘାତ ଲାଗିଛି ଓ ୫ ଷ୍ଟିଚ୍ ପଡ଼ିଛି। ଏହି ଅଘଟଣ ପରେ





ରାଜନୀତି ସରଗରମ ହୋଇଛି। ରାହୁଲଙ୍କ ଆଚରଣକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ଅମିତ ଶାହଙ୍କୁ ସୁରକ୍ଷା ଦେବା ପାଇଁ ଏହା ବିଜେପିର ଡ୍ରାମା ବୋଲି କଂଗ୍ରେସ ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି।

ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖ ପ୍ରକାଶ କରିବା ସହିତ ଶ୍ରୀ ଷେଙ୍ଗୀ ଓ ଶ୍ରୀ ରାଜପୁତଙ୍କୁ ଫୋନ କରି କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ବୁଝିଛନ୍ତି।

- ପ୍ରତାପ ଓ ମୁକେଶ ଆଇସିୟୁରେ
- ଦେଶବ୍ୟାପୀ ରାଜନୀତି ଉଷ୍ମ
- ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୋଦି, ମୋହନ
- ସବୁ ସ୍ତରରେ ନିନ୍ଦା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପ୍ରତାପ ଷଡ଼ଙ୍ଗୀଙ୍କ ସଙ୍ଗେ କଥା ହେବା ସହିତ ଉଭୟ ସାହସଦଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, କିରଣ ରିଜିଜୁ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ଭର୍ତ୍ତୃହରି ମହତାବ, ବୈଜୟନ୍ତ ପଣ୍ଡା ପ୍ରମୁଖ ଉଭୟ ସାଂସଦଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହିତ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ସଂସଦ ପରିସରରେ ଠେଲାପେଲାକୁ ନେଇ ରାଜନୀତି ଉଠୁଛି ପଡୁଛି। ଆଜି ସଂସଦର ମକର ଦ୍ୱାର ନିକଟରେ ବିଜେପି ଓ ଇଣ୍ଡିମେଣ୍ଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ବେଳେ ଏହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବିଜେପି ସାଂସଦମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ➪ପୃଷ୍ଠା-୬

## ଦେଶ ଦେଖିଲା ଗୁଣ୍ଡାଗିରିର ଅସଲ ଚେହେରା



ସଂସଦ ପରିସରରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଧକ୍କା କାରଣରୁ ଆଘାତ ପାଇ ଆରଏମଏଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ମୁକେଶ ରାଜପୁତଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଏଭଳି ଭୁଲ ପାଇଁ ରାହୁଲ ଗାନ୍ଧୀଙ୍କୁ କ୍ଷମା ମାଗିବା ପାଇଁ ସେ ଦାବି କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସାମନ୍ତବାଦୀ ଚିନ୍ତାଧାରାରେ ଗ୍ରସିତ ରାହୁଲ ଗାନ୍ଧି ଅସହାୟତାର ସୀମା ଅତିକ୍ରମ କରିଛନ୍ତି। ଯେଉଁମାନେ ମିଛ ଭଲ ପାଇବାର ବାର୍ତ୍ତା ବାଣ୍ଟୁଛନ୍ତି, ସମ୍ବିଧାନର କଥା କହୁଛନ୍ତି, ବି ଆର୍.ଆମ୍ବେଦକରଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ସେମାନଙ୍କର ଗୁଣ୍ଡାଗିରି ଏବଂ ଅସଲ ଚେହେରା ସାମ୍ନାକୁ ଆସିଛି। 'ଗଣତନ୍ତ୍ରର ମନ୍ଦିର'ରେ ଶାରୀରିକ ନିର୍ଯାତନା ଏବଂ ଧମକର କୌଣସି ସ୍ଥାନ ନାହିଁ। ସଂସଦୀୟ ଶାଳୀନତା ପ୍ରତି ଏଭଳି ଘୃଣା ; ବିରୋଧୀ ଦଳ ପାଇଁ ଠିକ୍ ନୁହେଁ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ବୁଦ୍ଧି କେବେ ହେବ ? ସଂସଦ ତାଙ୍କର ବ୍ୟକ୍ତିଗତ ଅଧିକାର ନୁହେଁ । ତାଙ୍କ ଅହଙ୍କାର, ଅଧିକାର ସାବ୍ୟସ୍ତ ଭାବନା ଓ ସାମନ୍ତବାଦୀ ➪ପୃଷ୍ଠା-୬

- ପ୍ରତାପ ଷଡ଼ଙ୍ଗୀ ଏବଂ ମୁକେଶ ରାଜପୁତଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଲେ
- କ୍ଷମା ମାଗନ୍ତୁ ରାହୁଲ ଗାନ୍ଧୀ
- ସାମନ୍ତବାଦୀ ଚିନ୍ତାଧାରାର ସୀମା ଅତିକ୍ରମ କରିଛନ୍ତି

## ଉଭୟ ପକ୍ଷରୁ ଥାନାରେ ଏତଲା

ଉଭୟ ଦଳର ସାଂସଦଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଆରୋପ ପ୍ରତ୍ୟାରୋପ ଏବେ ଥାନାରେ ପହଞ୍ଚିଛି। ଉଭୟ ବିଜେପି ଓ କଂଗ୍ରେସ ଦଳର ସାଂସଦ ପରସ୍ପର ବିରୋଧରେ ଆକ୍ରମଣ ଓ ଦୁର୍ବ୍ୟବହାର ଅଭିଯୋଗରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ବାଂଶୁରୀ ସ୍ୱରାଜ ପ୍ରମୁଖ ରାହୁଲ ଗାନ୍ଧୀ ହିଂସାକାଣ୍ଡ ଉସୁକାଇଥିବା ନେଇ ସଂସଦ ମାର୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଶ୍ରୀ ଠାକୁର କହିଛନ୍ତି, ଭାରତ ନ୍ୟାୟ ସଂହିତାର ୧୦୯ (ହତ୍ୟା ଉଦ୍ୟମ) ➪ପୃଷ୍ଠା-୬



## ବିଜେଡି ଆଭିମୁଖ୍ୟ ଅସ୍ପଷ୍ଟ

ଆଜି ସଂସଦରେ ଘଟିଥିବା ଘଟଣା ସଂସଦର ଗାରିମା କ୍ଷୁର୍ଣ୍ଣ କରିଥିବା ବେଳେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ ନୁହେଁ। ଦଳ ନା କଂଗ୍ରେସକୁ ନିନ୍ଦା କରୁଛି ନା ବିଜେପିକୁ ସମର୍ଥନ କରୁଛି। ସଂସଦରେ ଆଜି ଯେଉଁଭଳି ଘଟଣା ଘଟିଛି ସେଥିରେ ଦେଶର ସବୁ ରାଜନୈତିକ ଦଳ ନିଜ ନିଜର ପକ୍ଷ ରଖିଛନ୍ତି। କିଏ ରାହୁଲ ଗାନ୍ଧୀଙ୍କୁ ଫସେଇବାକୁ ଉଦ୍ୟମ ହୋଇଥିବା କହୁଛନ୍ତି ତ କିଏ ତାଙ୍କୁ ନିନ୍ଦା କରୁଛନ୍ତି। ସେପଟେ ବିଜେଡି ସେଇ ପୂର୍ବପରି ଦୁଇ ନାଆରେ ଗୋଡ ଦେଲା ଭଳି ସତ୍ୟାସତ୍ୟ ଲୋକଲୋଚନକୁ ଆସୁ ବୋଲି ଏକ ପ୍ରେସ ବିବୃତ୍ତିରେ ବିଜେଡି ମୁଖପାତ୍ର ଲେଲିନ ମହାନ୍ତି ଦାବି କରିଛନ୍ତି। ଏହି ଘଟଣାରେ ଦଳର କୌଣସି ନେତା କି ସାଂସଦ ମିଡିଆରେ ପ୍ରତିକ୍ରିୟା ଦେବାକୁ ରାଜି ନୁହଁନ୍ତି। କରଣ ଉପର ମହଲରୁ ତାଙ୍କୁ ଏନେଇ ଅନୁମତି ମିଳିନି। ରାଜନୀତିରେ ଅହିଂସାକୁ ଗୁରୁତ୍ୱ ଦେଉଥିବା ନବୀନ ପଟ୍ଟନାୟକ ମଧ୍ୟ ଏହି ଘଟଣାରେ ଏନେଇ ପ୍ରତିକ୍ରିୟା ନରଖିବାକୁ ସମସ୍ତଙ୍କୁ ଚକିତ କରିଛି।

## ଆମ୍ବେଦକର ପ୍ରସଙ୍ଗ ଏଡାଇବା ପାଇଁ ଷଡ୍‌ଯନ୍ତ୍ର



ପାର୍ଲାମେଣ୍ଟ ହାଉସ କମ୍ପ୍ଲେକ୍ସରେ ବିଜେପି ସାଂସଦଙ୍କୁ ଠେଲାପେଲା କରିବା ଅଭିଯୋଗକୁ ନେଇ ରାହୁଲ ଗାନ୍ଧୀ ଗଣମାଧ୍ୟମକୁ କହିଛନ୍ତି ଯେ ଯେତେବେଳେ ସେ ସଂସଦରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ ସେତେବେଳେ ତାଙ୍କୁ ଅଟକାଇବାକୁ ଉଦ୍ୟମ କରାଗଲା। ବିଜେପି ସାଂସଦମାନେ ଧମକ ଦେଉଥିଲେ, ତେଣୁ ଏହିପରି ଘଟିଲା। ସଂସଦରେ ପ୍ରବେଶ କରିବାର ଅଧିକାର ଆମର ଅଛି। ମୁଖ୍ୟ ପ୍ରସଙ୍ଗ ହେଉଛି ସେମାନେ ସମ୍ବିଧାନ ଉପରେ ➪ପୃଷ୍ଠା-୬

## ଅହଂକାର ଛାଡ଼ି କ୍ଷମା ମାଗନ୍ତୁ



ରାହୁଲଙ୍କ ସାମ୍ବାଦିକ ସମ୍ମିଳନୀକୁ କାଉଣ୍ଟର କରି ତୁରନ୍ତ ବିଜେପି ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରିଛି। ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡଗେ ନିଜ ଭୁଲ ପାଇଁ କ୍ଷମା ପ୍ରାର୍ଥନା ନ କରି ଅହଂକାର ଦେଖାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ। ସେ କହିଛନ୍ତି ଯେ ଖଡଗେ ଓ ରାହୁଲ ଗାନ୍ଧୀ ସାମ୍ବାଦିକ ସମ୍ମିଳନୀ କଲେ। ଆମେ ଭାବିଲୁ ➪ପୃଷ୍ଠା-୬

# ବୈପ୍ଳବିକ ପରିବର୍ତ୍ତନ ଆଣିବ ପୂର୍ବୋଦୟ ମିଶନ

**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ଓଡ଼ିଶାର ସାଂସଦଙ୍କ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁଙ୍କୁ ଭେଟିଛନ୍ତି। ରାଜ୍ୟରେ ନୂତନ ବିମାନବନ୍ଦର ନିର୍ମାଣ, ନୂତନ ଟର୍ମିନାଲ ନିର୍ମାଣ, ବିମାନବନ୍ଦର ସମ୍ପ୍ରସାରଣ ଓ ସଂଯୋଗୀକରଣ, ଯାତ୍ରୀ ସୁବିଧା ଏବଂ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରତିନିଧିମଣ୍ଡଳୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

- ପୁରୀରେ ନୂଆ ବିମାନବନ୍ଦର ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି
- ଚାରବାଟିଆ ଏୟାର ଫିଲ୍ଡ ହେଉ ବେସାମରିକ ବିମାନବନ୍ଦର
- ଉଡ଼ାନ୍ ଯୋଜନାରେ ୧୦ ନୂଆ ବିମାନବନ୍ଦର ସାମିଲ କରାଯାଉ



ଉପସ୍ଥାପିତ ଦାବିଗୁଡ଼ିକ ହେଉଛି, ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନୂତନ ଟର୍ମିନାଲ ଭବନ ନିର୍ମାଣ, ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ନବୀକରଣ, ପୁରୀରେ ନୂଆ ବିମାନବନ୍ଦର ପ୍ରତିଷ୍ଠା ସହ କଟକ ଚାରବାଟିଆ ଏୟାରଫିଲ୍ଡକୁ ପୂର୍ଣ୍ଣାଙ୍ଗ ବେସାମରିକ ବିମାନବନ୍ଦରରେ ପରିଣତ କରିବାକୁ ଦାବି ହୋଇଛି। ଏହାସହିତ ରାଉରକେଲା ଓ ଜୟପୁର ଏୟାରଷ୍ଟ୍ରିପର ସମ୍ପ୍ରସାରଣ ଓ ବଲାଙ୍ଗୀର ତୁଷୁରା ଏୟାରଷ୍ଟ୍ରିପର ନବୀକରଣ ପାଇଁ ସାଂସଦମାନେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ 'ଉଡାନ ଯୋଜନା' ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଥିବା ବେଳେ ଏହି ଯୋଜନାରେ ଢେଙ୍କାନାଳର ବିରାସାଲ, ସମ୍ବଲପୁରର ହୀରାକୁଦ, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତସିଂହପୁରର ପାରାଦୀପ, କଳାହାଣ୍ଡିର ଉତକେଲା, ଯାଜପୁରର କଳିଙ୍ଗନଗର, କେନ୍ଦୁଝରର ରାଇସୁଆଁ, ➪ପୃଷ୍ଠା-୬

# ଶିକ୍ଷା ପରିବେଶକୁ ସୁଦୃଢ଼ କରିବା ଆମ ଦାୟିତ୍ୱ

**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ଜ୍ଞାନ ହିଁ ଶକ୍ତି (Knowledge is Power)। ଜ୍ଞାନରୁ ଆମକୁ ଶକ୍ତି ମିଳିଥାଏ। ରାଜ୍ୟରେ ଶିକ୍ଷା ପରିବେଶକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି କେନ୍ଦୁଝର ଜିଲ୍ଲା ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉଦବୋଧନ ଦେଇ କହିଛନ୍ତି ।

- ଜୁନ୍ ଶେଷ ସୁଦ୍ଧା ସରିବ ବୈତରଣୀ ଜଳ ସେଚନ ପ୍ରକଳ୍ପ
- କେନ୍ଦୁଝରରେ ପ୍ରତିଷ୍ଠା ହେବ ଟ୍ରମା କେୟାର, ବାଇପାସ୍ ରୋଡ୍

ମୁଖ୍ୟମନ୍ତ୍ରୀ କହିଲେ ଯେ, ପୂର୍ବରୁ ଶିକ୍ଷା ବିଭାଗ ଅନେକ ସମସ୍ୟା ଦେଇ ଗତି କରୁଥିଲା। ଯେଉଁମାନେ ଶାସନ କରୁଥିଲେ ସେମାନେ କିଛି ତ୍ରୁଟି ରଖିଥିଲେ। ସେହି ସମସ୍ୟା ଗୁଡିକର କିପରି ସମାଧାନ ହୋଇ ପାରିବ ସେ ନେଇ ଆମ ସରକାର କାର୍ଯ୍ୟ କରୁଛନ୍ତି। ଆମ ସରକାର ଶାସନକୁ ଆସିବା ପରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ଓ ଶିକ୍ଷା ବାତାବରଣକୁ ସୁଦୃଢ଼ କରିବା ପାଇଁ ୧୬,୦୦୯ ଜଣ ପ୍ରାଥମିକ ଶିକ୍ଷକ ନିଯୁକ୍ତ କରିଛନ୍ତି। ରାଜ୍ୟରେ ଡ୍ରପ ଆଉଟ୍ ହାର ରୋକିବା ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ଆମ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଦେଶ ତଥା ରାଜ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ➪ପୃଷ୍ଠା-୬

## ଘରୋଇ ସଂସ୍ଥା କରୁଛନ୍ତି ଧାନର ମାନ ପରୀକ୍ଷା

**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ମଣ୍ଡି ଗୁଡିକରେ ଏବେ ଧାନ ମାନ ପରୀକ୍ଷା ଦାୟିତ୍ୱ ବେସରକାରୀ ସଂସ୍ଥା ହାତରେ । ପୂର୍ବରୁ ସମବାୟ ବିଭାଗ ଏହାକୁ ତୁଲାଉଥିବାବେଳେ ଚଳିତଥର ବେସରକାରୀ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ଧାନ ପରୀକ୍ଷା ଯନ୍ତ୍ର ପରିଚାଳନା ସହିତ ମାନ ପରୀକ୍ଷା ପାଇଁ ଲୋକଙ୍କୁ ନିଯୁକ୍ତି କରୁଛନ୍ତି ଘରୋଇ ସଂସ୍ଥା । ଓଡିଶା ଏଗ୍ରିକଲଚର ମାର୍କେଟିଂ ବୋର୍ଡ ପକ୍ଷରୁ ଟେଣ୍ଡର ଜରିଆରେ ଘରୋଇ ସଂସ୍ଥା ଚୟନ ହୋଇଛନ୍ତି । ଏହି ସଂସ୍ଥାଗୁଡିକ ସମଗ୍ର ରାଜ୍ୟରେ ଧାନ ପରୀକ୍ଷା ପାଇଁ କର୍ମଚାରୀ ନିଯୁକ୍ତ କରୁଛନ୍ତି। ତେବେ କର୍ମଚାରୀଙ୍କ ଅଭିଜ୍ଞତା ସଂକ୍ରାନ୍ତରେ ସେଭଳି କୌଣସି ନୀତି ନିୟମ ନଥିବା ଜଣାଯାଇଛି । ଘରୋଇ ସଂସ୍ଥା ଯାହାକୁ ଚାହିଁଲା ତାକୁ ନିଯୁକ୍ତି ଦେଲା । ଏହି ଠିକା କର୍ମଚାରୀଙ୍କ ହାତରେ ଏବେ ➪ପୃଷ୍ଠା-୬

- ଅନଭିଜ୍ଞଙ୍କ ହାତରେ ଚାଷୀଙ୍କ ଭାଗ୍ୟ
- ପରୀକ୍ଷକଙ୍କୁ ଆଠ ମାସିଆ ନିଯୁକ୍ତି




## ପ୍ରଶାସନକୁ ନାକେଦମ କରୁଛନ୍ତି ବିଜେଡି ମାର୍କା ଅଫିସର

**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ବିଜେଡି ମାର୍କା ଅଫିସରଙ୍କୁ ନେଇ ପ୍ରଶାସନ କିଭଳି ହରଡଘଣାରେ ପଡୁଛି ଓ ତଦନ୍ତ ରିପୋର୍ଟକୁ ନେଇ ନାକେଦମ ହେଉଛି ତାହା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲାରେ। ଜିଲ୍ଲାରେ ଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଏବେ ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି।




ଠିକାରେ ନିଯୁକ୍ତ ହୋଇଥିବା ଏହି ଅଧିକାରିଣୀ ୧୧ବର୍ଷ ଧରି ଜିଲ୍ଲାରେ ରହିଛନ୍ତି। ତେବେ ବିଜେଡି ମାର୍କା ଅଧିକାରୀ ହୋଇଥିବାରୁ ତାଙ୍କୁ କେହି କିଛି କହିବାକୁ ସାହସ କରୁନଥିଲେ। ଏପରିକି ୨୦୧୯ରେ ତିନି ଜଣ ବିଧାୟକ ତାଙ୍କୁ ଜିଲ୍ଲାରୁ ହଟାଇବାପାଇଁ ଲେଖିକି ଦେଲେ ବି ସଚିବାଳୟରେ ତାହା ହଜି ଯାଇଥିଲା । ଏହାପରେ ଅଧିକାରିଣୀଙ୍କ ଦାଦାଗିରିରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ତ୍ରାହି ତ୍ରାହି ଡାକୁଛନ୍ତି। ତେବେ ସରକାର ବଦଳିବାପରେ ବିଭିନ୍ନ ଗଣମାଧ୍ୟମରେ ଏହି ➪ପୃଷ୍ଠା-୬

- ହରଡ଼ଘଣାରେ କୋରାପୁଟ ପ୍ରଶାସନ
- ରାଜଧାନୀକୁ ରିପୋର୍ଟ ପଠାଇବା ପାଇଁ କୁନ୍ଥୁକୁନ୍ଥୁ

## ଟିମ୍ ଅଦୃଶ୍ୟକୁ ବ୍ରହ୍ମ ଚାପୁଡ଼ା !

ଯେତେବେଳେ ସମସ୍ତ ଲଜ୍ୟାକୁ ପାର୍ କରାଯାଏ, ସେତବେଳେ ବସ୍ତ୍ର ବା କପଡ଼ା ନପିନ୍ଧି ଗର୍ବର ସହ ବୁଲିଥାଏ ନିର୍ଲଜ। କିଛି ଅଯୋଗ୍ୟ ଅପାରଗ ଅଫିସରଙ୍କ ପାଇଁ କମିଶନରେଟ ପୋଲିସର ଏବେ ସମାନ ଅବସ୍ଥା। ଲୋକଙ୍କ ଆଗରେ ଭୁବନେଶ୍ୱର ପୋଲିସ ଏବେ ନିବସ୍ତ୍ର। ଏଥିପାଇଁ ଏକଥା ଆମେ କହୁଛୁ ଯେ, ଗତକାଲି ଧଉଳି ଥାନା ଅନ୍ତର୍ଗତ ବିଜୟ ବିହାର ଲେନ ୨ ରୁ ସଶସ୍ତ୍ର ଲୁଟେରା ଘରେ ପଶିବା ସହ ବିଶ୍ୱାମିତ୍ର ସାହୁଙ୍କ ଘରୁ ଲୁଟି ନେଇଥିଲେ ସୁନା ଟଙ୍କା। ସିସିଟିଭିକୁ ଖାତିର ନକରି ଘରେ ବୁଲାଇଥିଲେ କଳାକନା। ସେପଟେ ଏହି ଘଟଣାକୁ ୪ ଘଣ୍ଟା ପୁରିନଥିବା ବେଳେ ଇନ୍ଫୋସିଟି ଥାନା ଅନ୍ତର୍ଗତ ଆଦର୍ଶ ବିହାରରେ ରହୁଥିବା କିଶୋର କୁମାର ମାଝୀଙ୍କ ଘରୁ ହୋଇଛି ବ୍ୟାପକ ଲୁଟ । ପୁଅର ଜାତୀୟ ବ୍ୟାଡମିଣ୍ଟନ ଚମ୍ପିୟନସିପ ପାଇଁ ପରିବାର ଲୋକ ବାଙ୍ଗାଲୋର ଗସ୍ତ କରିଥିବା ବେଳେ ଘରୁ ୩ ଲକ୍ଷ ନଗଦ ଟଙ୍କା ସହ ଲୁଟ ହୋଇଯାଇଛି ସୁନା ଅଳଙ୍କାର। କିନ୍ତୁ ଲଜ୍ଜାର ବିଷୟ ହେଉଛି, ଦୁଇ ଦୁଇଟି ଲୁଟ ଘଟଣାରେ ଭୁବନେଶ୍ୱର ପୋଲିସର ଛବି ଖରାପ ହୋଇଥିବା ସମୟରେ ସାବାସୀ ଆଣିଦେଇଛି ନୟାପଲ୍ଲୀ ପୋଲିସ। ୪ ପ୍ୟାକେଟ ମ୍ୟାଗି, ଗୋଟିଏ ଭେସଲିନ ବୋତଲ, ଦୁଇଟି ରିଫାଇନ ତେଲ ଓ ଚକୋଲେଟ ଜବତ କରି ବାଃ ବାଃ ନେଇଛି ପୋଲିସ । ଏପରିକି ଦୁଇ ଅଭିଯୁକ୍ତଙ୍କୁ ଛିଡା କରି ଗଣମାଧ୍ୟମ ପାଖକୁ ପୋଲିସ ଯେଉଁ ଫଟୋ ସେୟାର କରିଛି, ଦେଖିଲେ ଲାଗୁଛି ସତେକି ଆତଙ୍କବାଦୀ ଧରାହୋଇଛନ୍ତି। ଅନ୍ତତଃପକ୍ଷେ ଏହି ଫଟୋ ➪ପୃଷ୍ଠା-୬

- ଦୁଇ ଲିଟର ତେଲ ଧରି ଫଟୋ ସେସନ
- ସେପଟେ କ୍ରୀଡ଼ାବିତଙ୍କ ଘରୁ ସଶସ୍ତ୍ର ଲୁଟ





## କାନ ଡେରିଆ

ନବୀନ ଏଇଠି ଖେଳ
ଖେଳୁଥିଲେ
ଏକାକୀ ସର୍ବସ୍ୱ ପାଇଁ
ପାଣ୍ଡିଆନଙ୍କର ରଙ୍ଗ ଏଣ୍ଟ୍ରି
ଦଳ କୁ ଦେଲା ଗଡ଼ାଇ
ସବୁ ରାଜିନୀତି ପାଇଁ...
ସିନିଅର ନେତା ଅଣଦେଖା ହେଲେ
ଅସ୍ତିତ୍ୱ ରହିଲା ନାହିଁ ।

■ ଦେବାଶିଷ

# ଇଭେଣ୍ଟ ସଂସ୍ଥା ମାୟାରେ ନେତା ଓ ବାବୁ ବାୟା

**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ଗୋଟିଏ ନିର୍ଦ୍ଦିଷ୍ଟ ଇଭେଣ୍ଟ ସଂସ୍ଥାର ମାୟାରେ ନେତା ଓ ବାବୁମାନେ ବାୟା। ସରକାର ବଦଳିଲେ ବି ସଂସ୍ଥା ଉପରେ କିଛି ଫରକ ପଡୁନାହିଁ । ପୂର୍ବ ସରକାର ଅମଳରେ ବାବୁ ଓ ନେତାମାନେ ଯେଭଳି ଆଖିବୁଜି କୋଟି କୋଟି ଟଙ୍କାର କାମ ଟେକି ଦେଉଥିଲେ ବର୍ତ୍ତମାନର ସରକାରରେ ବି ତାହାଠାରୁ ଅଧିକ ସୁବିଧା ମିଳୁଛି ।

ନିକଟରେ ଶେଷ ହୋଇଥିବା ବାଲିଯାତ୍ରାର ଇଭେଣ୍ଟ କାମ ବଣ୍ଟନ ପରେ ଏହି ଚର୍ଚ୍ଚା ଏବେ ଜୋର ଧରିଛି । ବାଲିଯାତ୍ରାରେ କାମ ପାଇବାପାଇଁ ବହୁ ସଂସ୍ଥା ଆବେଦନ କରିଥିଲେ। ତେବେ ଗୋଟିଏ ନାମୀ ଦାମୀ ସଂସ୍ଥା ଟେଣ୍ଡର ଜରିଆରେ କାମ ବି ପାଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ଉକ୍ତ ସଂସ୍ଥାକୁ ବାଦ୍ ଦେବାପାଇଁ ଚାପ ପଡିଥିଲା । ନେତା ଓ ବାବୁଙ୍କୁ ଅତି ଆପଣାର କରିଥିବା ଉକ୍ତ ସଂସ୍ଥା ହାତରେ କାମ ଟେକି ଦିଆଗଲା। ଅତ୍ୟନ୍ତ ସର୍ତ୍ତକାତାର ସହ ଏହା ହୋଇଥିବାରୁ ବାଲିଯାତ୍ରା ସମୟରେ ଘଟଣାର ସେତେଟା ଚର୍ଚ୍ଚା ହୋଇନଥିଲା । ହେଲେ କାମ ପାଇବା ଖୁସିରେ ବଡ ସେଲିବ୍ରେସନ ପାର୍ଟି ହେବାପରେ ଚର୍ଚ୍ଚା ଆରମ୍ଭ ହୋଇଛି ।

- ଦୁଇ ସରକାରର ଗେହ୍ଲାପୁଅ
- ବ୍ରହ୍ମପୁର ଫେରନ୍ତାଙ୍କର ଗହିରିଆ ସମ୍ପର୍କ
- ଇଡି ରେଡ୍ ନେଇ ଚର୍ଚ୍ଚା



ସେହିଭଳି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଇଭେଣ୍ଟ ସଂସ୍ଥାଙ୍କୁ ତାଲିକାଭୁକ୍ତ କରି କାମ ଦେବାପାଇଁ ଟେଣ୍ଡର ହୋଇଥିଲା। ଏଥିରେ ୧୭ଟି ନାମୀ ଦାମୀ ସଂସ୍ଥା ଆବେଦନ କରିଥିଲେ। ହେଲେ ବାବୁ ଓ ନେତାଙ୍କ ନୟନପିତୁଳା। ପାଲଟିଥିବା ସେହି ନିର୍ଦ୍ଦିଷ୍ଟ ସଂସ୍ଥାଟି ତାଲିକାଭୁକ୍ତ (ଏମ୍‌ପାନେଲଡ୍) ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ବିଜେଡି ସରକାର ସମୟରେ ନେତାଙ୍କୁ ପକେଟସ୍ଥ କରି ଏହି ସଂସ୍ଥା ପ୍ରାୟ ୪୦୦ କୋଟି ଟଙ୍କାର କାମ ହାତେଇ ନେଇଥିଲା । ଏବେ ବିଜେପିର କାମ ପାଇବାପାଇଁ ଲାଗି ପଡିଛି । ତେବେ ହେଉଥିବା ଚର୍ଚ୍ଚା ଅନୁଯାୟୀ ଯେଉଁ ବାବୁମାନେ ଗଞ୍ଜାମ ବାଟ ଦେଇ ରାଜଧାନୀକୁ ଆସିଛନ୍ତି ସେମାନେ ସମସ୍ତେ ଏହି ସଂସ୍ଥାର ଅତି ଆପଣାର । ଯାହା ଫଳରେ ବିଏମ୍‌ସି, ସିଏମ୍‌ସି କିମ୍ବା କୃଷି ନିର୍ଦ୍ଦେଶାଳୟର ଯେତେ ଇଭେଣ୍ଟ କାମ ବାହାରିଲେ ଏହି ସଂସ୍ଥାକୁ ବାବୁମାନେ ଖୋଜିଥାନ୍ତି । ସଂସ୍ଥା ବି ବାବୁଙ୍କ ମନ ଜାଣି ସବୁ ପ୍ରକାର ବ୍ୟବସ୍ଥା କରିଥାଏ । ନିକଟରେ ବିଏମ୍‌ସିରେ ଜଣେ ମହିଳାଙ୍କ ନିଯୁକ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି । ତାଙ୍କ ନିଯୁକ୍ତି ପଛରେ ଜଣେ ଗଞ୍ଜାମ ଫେରନ୍ତା ବାବୁ ଥିବାବେଳେ ସେ କୁଆଡେ ଉକ୍ତ ସଂସ୍ଥାର ଇଙ୍ଗିତରେ ମହିଳାଙ୍କୁ ଠିକା ନିଯୁକ୍ତି ଦେଇଛନ୍ତି। ଅବଶ୍ୟ ଏହାକୁ ନେଇ ବିଏମ୍‌ସି ମେୟର ଆପତ୍ତି ଉଠାଇବାରୁ କିଛିଦିନ ସେହି ଠିକା କର୍ମଚାରୀଙ୍କର ➪ପୃଷ୍ଠା-୬

## ସିଓ୍ୱାଇଏସ୍‌ଡି ପକ୍ଷରୁ ବାତ୍ୟା ବିପନ୍ନ ପରିବାରକୁ ସହାୟତା



**ରାଜନଗର, ୧୯।୧୨ (ସଂଚାର ବ୍ୟୁରୋ) :** ବାତ୍ୟା ଦାନା ରାଜନଗରରେ ସ୍ଥଳଭାଗ ଛୁଇଁ ଥିଲା। ରାଜନଗରରେ ଦାନା ସ୍ଥଳଭାଗ ଛୁଇଁବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସିଓ୍ୱାଇଏସଡି ସଂସ୍ଥା ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ବାତ୍ୟା ପ୍ରଭାବିତ ଲୋକେ କିପରି ସଳଖି ଛିଡା ହେବେ ଓ ସମାଜର ମୁଖ୍ୟ ସ୍ରୋତକୁ ପୁଣି ଫେରିବେ, ସେଥିପାଇଁ ଏହି ସହାୟତା ପ୍ରଦାନ କରାଯାଇଛି। ସିଓ୍ୱାଇଏସଡିର ପ୍ରତିଷ୍ଠାତା ଜଗଦାନନ୍ଦଙ୍କ ପରାମର୍ଶ ଏବଂ ପ୍ରଫୁଲ୍ଲ ରାଉତଙ୍କ ତତ୍ତ୍ୱାବଧାନରେ ସଂସ୍ଥାର ୧୧ଜଣିଆ ଟିମ୍ ବ୍ୟା ବିପନ୍ନ ଅଞ୍ଚଳରେ ବିପନ୍ନ ପରିବାରକୁ ଚିହ୍ନଟ କରି ଏହି ସହାୟତା ପ୍ରଦାନ କରିଛନ୍ତି। ସାତଭାୟା, କଣ୍ଡିରା, ଗୁପ୍ତି ପଞ୍ଚାୟତର କ୍ଷତିଗ୍ରସ୍ତ ୧୫୦୦ ପରିବାରକୁ ସ୍ୱଚ୍ଛତା ସାମଗ୍ରୀ, ଘରକରଣା ସାମଗ୍ରୀ ସମେତ ନଗଦ ୫ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳ ନିକଟରେ ବିପନ୍ନ ପରିବାରକୁ ଏହି ସହାୟତା ପ୍ରଦାନ କରାଯାଇଛି।

# ଆଉଟସୋର୍ସିଂ କର୍ମଚାରୀଙ୍କ ଦୁଃଖ ଶୁଣିବ କିଏ ?

**କେନ୍ଦ୍ରାପଡ଼ା, ୧୯।୧୨ (ସଂଚାର ବ୍ୟୁରୋ) :** ଦିନକୁ ଦିନ କେନ୍ଦ୍ରାପଡ଼ା ଜିଲ୍ଲାରେ ଆଉଟସୋର୍ସିଂ ଶ୍ରମିକ ବା କର୍ମଚାରୀଙ୍କ ଉପରେ ନିର୍ଯାତନା କ୍ରମଶଃ ବଢ଼ିଚାଲିଥିବା ଅଭିଯୋଗ ଉଠିବାରେ ଲାଗିଲାଣି। ସଦର ମହକୁମା ସମେତ ସମଗ୍ର ଜିଲ୍ଲାର ଅଧିକାଂଶ ବିଭାଗରେ ଏକାଧିକ ଠିକା ସଂସ୍ଥାଙ୍କ ଜରିଆରେ ହଜାର ହଜାର ଆଉଟସୋର୍ସିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସରକାରଙ୍କ ସହ ଚୁକ୍ତି ଅନୁସାରେ ନିୟମିତ ବ୍ୟବଧାନରେ ଠିକା ସଂସ୍ଥାଙ୍କ କାର୍ଯ୍ୟକାଳ ଅବଧି ଶେଷ ହୋଇଯାଉଛି। ପରବର୍ତ୍ତୀ ସମୟରେ ହେଉଥିବା ଟେଣ୍ଡର ବ୍ୟବସ୍ଥାରେ ପୁରୁଣା କିମ୍ବା ନୂଆ ଠିକା ସଂସ୍ଥା ଏହି କାର୍ଯ୍ୟ ନେଉଛନ୍ତି। ନୂଆ ସଂସ୍ଥା ଆସିବା ପରେ ପୁରୁଣା କର୍ମଚାରୀଙ୍କୁ ବିଭିନ୍ନ ଆଳ ଦେଖାଇ ବାହାର କରିଦେଇ ନୂଆ ଯୁବକ ଯୁବତୀଙ୍କୁ ରଖୁଥିବା ଗତ ମଙ୍ଗଳବାର ଦିନ କାର୍ଯ୍ୟରୁ ବାଦ୍ ପଡ଼ିଥିବା କର୍ମଚାରୀ ମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟିବା ସହ ଲିଖିତ ଅଭିଯୋଗ କରିଛନ୍ତି ।

ଚୁକ୍ତି ଅନୁସାରେ, କାର୍ଯ୍ୟକାଳ ସରିବା ପରେ ଠିକା ସଂସ୍ଥା ବଦଳି ପାରେ, ମାତ୍ର ପୂର୍ବରୁ ଥିବା କର୍ମଚାରୀଙ୍କୁ ବାହାର କରି ନୂଆ ନିଯୁକ୍ତି ଦେଇ ପାରିବେ ନାହିଁ ବୋଲି ସରକାରୀ ନିୟମ ରହିଛି। ମାତ୍ର ଏହି ନିୟମକୁ ଉଲଂଘନ କରି କିଛି ବିଭାଗୀୟ ଅସାଧୁ ଅଧିକାରୀଙ୍କ ସୁପାରିସ କ୍ରମେ ଠିକା ସଂସ୍ଥା ପୁରୁଣା କର୍ମଚାରୀଙ୍କୁ କାର୍ଯ୍ୟରୁ ଛଟେଇ କରୁଛନ୍ତି ବୋଲି ଚାକିରି ହରାଇଥିବା

**କାର୍ଯ୍ୟାଳୟ ସହିତ ଅଧିକାରୀଙ୍କ ବ୍ୟକ୍ତିଗତ କାର୍ଯ୍ୟ ବି କରୁଛନ୍ତି**

**ଅଧିକାରୀ ଖୁସି ନ ଥିଲେ କରୁଛନ୍ତି ଛଟେଇ**

କେତେକେ ଯୁବକ ଯୁବତୀ ଅଭିଯୋଗ ଆଣିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଆକ୍ରୋଶ ଓ ଠିକା ସଂସ୍ଥା ସୁପରଭାଇଜରଙ୍କ ଅର୍ଥାନ୍ୱେଷୀ ମାନସିକତାରୁ ପୁରୁଣା କର୍ମଚାରୀଙ୍କୁ କାର୍ଯ୍ୟରୁ ବାହାର କରି ଦିଆଯାଉଥିବା ସେମାନେ କହିଛନ୍ତି।

ବାସ୍ତବରେ ଠିକା ସଂସ୍ଥା ସେମାନଙ୍କୁ ନିଯୁକ୍ତି ଦେଉଥିଲେ ବି ବିଭାଗୀୟ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅଧୀନରେ ସେମାନେ କାର୍ଯ୍ୟ କରିଥା'ନ୍ତି। ବିଭାଗର ଅଧିକାରୀ ଓ ବରିଷ୍ଠ କର୍ମଚାରୀଙ୍କ ପରାମର୍ଶ ତଥା ନିର୍ଦ୍ଦେଶ କ୍ରମେ ଏହି ଠିକା କର୍ମଚାରୀ କାର୍ଯ୍ୟ କରନ୍ତି । ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ବି ପଡ଼ିଥାଏ। ସବୁଠାରୁ ବଡ଼ କଥା ହେଲା, ଅଫିସ କାମ ପରେ ବିଭାଗୀୟ ଅଧିକାରୀ ଓ ସେହି ଅଫିସରେ କ୍ଷମତାଶାଳୀ କର୍ମଚାରୀ ସେମାନଙ୍କୁ ବ୍ୟକ୍ତିଗତ କାର୍ଯ୍ୟରେ ବି ନିଯୋଜିତ କରିଥା'ନ୍ତି। ଯେଉଁ କର୍ମଚାରୀ ଏଥିରେ ଅମଙ୍ଗ ହେଉଛି, ସେମାନଙ୍କୁ ଠିକା ସଂସ୍ଥା ବାହାର କରିଦେଉଛି। ସେହିଭଳି ନିଯୁକ୍ତି ବେଳେ କର୍ମଚାରୀମାନେ ପ୍ରାୟ ଅଧିକାଂଶ ଆଉଟସୋର୍ସିଂ ସଂସ୍ଥାର ସୁପରଭାଇଜର କିମ୍ବା ବିଭାଗୀୟ ଅଧିକାରୀଙ୍କୁ ୧୦/୧୫ ହଜାର ଲେଖାଏଁ ଟଙ୍କା ହାତଗୁଞ୍ଜା ବି ଦେଇଥା'ନ୍ତି । ନୂଆ ନିଯୁକ୍ତି ହେଲେ ପୁଣିଥରେ ଏହି ଅର୍ଥ ମିଳିବା ଆଶାରେ ପୁରୁଣା କର୍ମଚାରୀଙ୍କୁ ଚାକିରିରୁ ହଟାଇ ଦିଆଯାଉଥିବା ଛଟେଇ ହୋଇଥିବା କିଛି କର୍ମଚାରୀ ସୂଚନା ଦେଇଛନ୍ତି।

ତେବେ ଜିଲ୍ଲାର ଅନ୍ୟାନ୍ୟ ବିଭାଗ ତୁଳନାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଏହି ଧାରା ଅଧିକ ମାତ୍ରାରେ ଚାଲିଥିବା ଜଣାଯାଇଛି। କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟରେ ଗତ କିଛି ବର୍ଷ ଧରି ସିକ୍ୟୁରିଟି ଗାର୍ଡ଼ ଭାବେ କିଛି ଗରିବ ଯୁବକ ଯୁବତୀମାନେ ନିଜର କର୍ତ୍ତବ୍ୟ ତୁଲାଇ ଆସିଥିବା ବେଳେ ଏବେ ତାଙ୍କୁ ନୂତନ ଭାବେ ନେଇଥିବା ସଂସ୍ଥା କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ବାଦ୍ ଦେଇଛନ୍ତି । ପୂର୍ବରୁ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ ତୁଲାଇ ଥିବା ବେଳେ ଏବେ ଶିକ୍ଷାଗତ ଯୋଗ୍ୟତା କମ୍ ଥିବା ଦର୍ଶାଇ ସଂପୃକ୍ତ ସଂସ୍ଥା ଏମାନଙ୍କୁ ବାଦ୍ ଦେଇଥିବା ଅଭିଯୋଗ କରିଛନ୍ତି। ସିକ୍ୟୁରିଟି ଗାର୍ଡ ଠାରୁ ଆରମ୍ଭ କରି ଏକାଧିକ ବିଭାଗରେ ଆଉଟସୋର୍ସିଂ ଠିକା କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ଇତି ମଧ୍ୟରେ ବହୁ ଯୁବକ ଯୁବତୀ ଚାକିରି ହରାଇ ସାରିଲେଣି। ଅଭିଯୋଗ କଲେ ବି କେହି ଶୁଣିବାକୁ ନାହିଁ । ତେବେ ଏ ସମ୍ପର୍କରେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ପ୍ରଶ୍ନ କଲେ ମଧ୍ୟ କୌଣସି ଉତ୍ତର ମିଳୁନି ।

# ହେମଲତାଙ୍କ ପାଇଁ ଆବାସ ଯୋଜନା ସାତସପନ

**● ନୁଆଁଣିଆ ଚାଳ ଘରେ ବିତୁଛି ଜୀବନ ● ଗୁହାରି କରି ଥକିଗଲେଣି ପରିବାର**

**ମହାକାଳପଡ଼ା, ୧୯।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତଙ୍କ ପାଇଁ ପକ୍କା ଗୃହ ଯୋଗାଇ ଦେବାକୁ ଯୋଜନା କରୁଛନ୍ତି । ସେହି ଯୋଜନା ମାଧ୍ୟମରେ ଖର୍ଚ୍ଚ କରାଯାଉଛି କୋଟି କୋଟି ଟଙ୍କା। କେହି ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଆବାସ ଯୋଜନାରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ପଞ୍ଚାୟତ ସ୍ତରରୁ ଜନସଚେତନତା ମଧ୍ୟ କରାଯାଉଛି। ହେଲେ ସରକାରଙ୍କ ଯୋଜନାରୁ ଯୋଗ୍ୟ ହିତାଧିକାରୀଟିଏ ବଞ୍ଚିତ ହେଉଥିବା ଘଟଣା ଅନେକ ସମୟରେ ଦେଖିବାକୁ ମିଳୁଛି। କେତେବେଳେ ଅଯୋଗ୍ୟ ହିତାଧୀକାରୀମାନେ ସରକାରୀ କର୍ମଚାରୀଙ୍କୁ ଅବା ଲୋକପ୍ରତିନିଧିଙ୍କୁ ଢାଲ କରି ଯୋଜନାକୁ ନିଜ ନାମରେ କରାଇ ନେଉଥିବା ଦେଖିବାକୁ ମିଳୁଥିବା ବେଳେ ଆଉ କେତେବେଳେ ସାଧାରଣ ଯୋଗ୍ୟ ହିତାଧିକାରୀଟିଏ ସରକାରଙ୍କ ଯୋଜନା ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି।



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କି ଛନ୍ଦା) ଗ୍ରାମର ରବୀନ୍ଦ୍ର ପାଇଟାଳଙ୍କ ପତ୍ନୀ ହେମଲତା ପାଇଟାଳ (୪୬)ଙ୍କ ପରିବାର ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ପକ୍କାଘର ଖଣ୍ଡିଏ ପାଇବାରୁ ବଞ୍ଚିତ ଅଛନ୍ତି। ନୁଆଁଣିଆ ଚାଳ ଛପର ଘରେ ୫ ପ୍ରାଣୀ କୁଟୁମ୍ବ ଜୀବନ କାଟୁଛନ୍ତି। ନିର୍ବାଚନ ପରେ ନିର୍ବାଚନ ଯାଉଛି। ନୁଆ ନୁଆ ଧୋବଧୋବଳିଆ ନେତା/ନେତ୍ରୀ ଦେଇ ଯାଉଛନ୍ତି ବଡ଼ବଡ଼ ପ୍ରତିଶ୍ରୁତି ହେଲେ କ୍ଷମତାଗାଦିରେ ବସିବା ପରେ ହେମଲତାଙ୍କୁ ମିଳିଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଉଛି। ଜଣେ ନାମମାତ୍ର ଚାଷୀ ପରିବାର ହିସାବରେ ଘର ଖଣ୍ଡିଏ କରିବାକୁ ସକ୍ଷମ ନଥିବା ଏହି ପରିବାର ସରକାରଙ୍କ ବ୍ୟବସ୍ଥା ଉପରେ ଭରଷା ହରାଇ ଦେଇଛି। ସମସ୍ତଙ୍କୁ ଗୁହାରି କରି କରି ଥକି ପଡ଼ିବା ପରେ ଭାଗ୍ୟକୁ ଆଦରି ସେହି ଚାଳ ଛପର ଘରେ ଜୀବନ କାଟୁଛନ୍ତି। ସଂଚାର ଆଗରେ ଏମିତି ଘଟଣା ବଖାଣି ସରକାରଙ୍କ ବ୍ୟବସ୍ଥା ଉପରେ ଅଭିମାନ ଢାଳିଛନ୍ତି ହେମଲତା। ଆଶା କରୁଛୁ ଏ ଖବର ଦେଖିଲା ପରେ ପ୍ରଶାସନ ହେମଲତାଙ୍କୁ ଆବାସ ଯୋଜନା ରେ ସାମିଲ କରି ପକ୍କାଘର ଖଣ୍ଡିଏ ପ୍ରଦାନ କରିବ।

# ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୪' ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ୧୯।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ ଦୁଇ ଦିନିଆ 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୪' ଗୁରୁବାର ସଂଧ୍ୟାରେ ଉଦଯାପିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ଯୋଗ ଦେଇଥିବା ବେଳେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ରାମାଶିଶ ହାଜରା (ଭାପ୍ର.ସେ) ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

**ପୁରସ୍କୃତ ହେଲେ ଦୁଇ ମତ୍ସ୍ୟ ଓ ଦୁଇ ପ୍ରାଣୀ ପାଳକ**

ପ୍ରାରମ୍ଭରେ ଶ୍ରୀ ସାହୁ ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୪'ର ସଫଳତା ପାଇଁ ଉପସ୍ଥିତ ଚାଷୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ମତ୍ସ୍ୟ ଓ ପ୍ରାଣସମ୍ପଦ ବିକାଶ ସମ୍ପ୍ରତି ଗ୍ରାମାଞ୍ଚଳ ଅର୍ଥନୀତିର ମେରୁଦଣ୍ଡ ଭାବେ ଉଭା ହୋଇଛି। ଗ୍ରାମାଞ୍ଚଳର ଅର୍ଥନୀତି ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ । ଗୋପାଳନ, କୁକୁଡ଼ା ଚାଷ,ମତ୍ସ୍ୟ ଚାଷ ଯୋଗୁ ଚାଷୀମାନଙ୍କର ଅର୍ଥନୈତିକ ମାନଦଣ୍ଡ ସୁଦୃଢ଼ ହେଉଛି । ରାଜ୍ୟ ସରକାରଙ୍କ ବିଭିନ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରିଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଉତ୍ସବରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିଭାଗ ଦ୍ୱାରା ୨ ଜଣ ମତ୍ସ୍ୟ ଚାଷୀ ଓ ୨ ଜଣ ପ୍ରାଣିପାଳକଙ୍କୁ ପୁରସ୍କୃତ କରାଯାଇଥିଲା । ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ। ଏଥିରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ସନ୍ଧ୍ୟାରେ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ



ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ଦୁଇଦିନିଆ ଉତ୍ସବର ସଫଳ ଆୟୋଜନ ନିମନ୍ତେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ମହୁରୀଗାଁ ପ୍ରଧାନମନ୍ତ୍ରୀ ସଡ଼କ ଶୋଚନୀୟ

**ରାଜକନିକା, ୧୯।୧୨ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ମହୁରୀଗାଁ - ବଳରାମପୁର ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ଏବେ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ



ସ୍ଥାନରେ ଶୋଚନୀୟ ଅବସ୍ଥାକୁ ଆସି ଗଲାଣି। ଅଥଚ ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁ ଏହା ଏବେ ମରଣଯନ୍ତା ପାଲଟି ଯାଇଛି। ଏହି ରାସ୍ତାକୁ ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

ସୂଚନା ନେବାରୁ ଜଣା ପଡିଛି ଯେ ମହୁରୀଗାଁରୁ ବଳରାମପୁର ଭାୟା ବଡ ତୈଳାର ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ କେନ୍ଦ୍ରାପଡା-୨ ଅଧିନସ୍ଥରେ ନିର୍ମାଣ ହୋଇଛି। ରାସ୍ତାଟିର ଲମ୍ବ ଚାରି କି:ମିରୁ ଅଧିକ ରହିଥିବା ବେଳେ ଏଥିରେ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ରାସ୍ତାଟିର କାମ ଚାରି ବର୍ଷ ତଳୁ ସରି ଥିଲେ ବି ଏବେ କିନ୍ତୁ ରାସ୍ତା ଶୋଚନୀୟ ହୋଇ ପଡିଛି। ଠାଏ ଠାଏ ପିଚୁ ଉଭାନ ହୋଇ ଯାଇ ବଡ ବଡ ମେଟାଲ ବାହାରି ରାସ୍ତା ସାରା ବିକ୍ଷିପ୍ତ ଭାବେ ପଡି ରହିଛି। ଯାହା ଫଳରେ ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଖଣ୍ଡିଆଖାବରା ହେଉଛନ୍ତି। ଏହି ରାସ୍ତାଟି ଉପରେ ପ୍ରତ୍ୟକ୍ଷ ଭାବେ ଶହ ଶହ ଲୋକ ଯିବା ଆସିବା କରିବା ସହିତ ସ୍କୁଲ କଲେଜକୁ ବି ଛାତ୍ରମାନେ ଯାଇ ଥାଆନ୍ତି। ହେଲେ ଏଭଳି ଶୋଚନୀୟ ରାସ୍ତାରେ ଯିବା ନିରାପଦ ନୁହେଁ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଯଦି ରାସ୍ତାଟିର ମରାମତି ନ ହୁଏ ତେବେ ଅଞ୍ଚଳବାସୀ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଅଧା କାମକରି ଛାଡିଦେଲା ଠିକାଦାର

**କେନ୍ଦ୍ରାପଡ଼ା/ମାର୍ଶାଘାଇ, ୧୯।୧୨ (ସଂଚାର ବ୍ୟୁରୋ):** ମେ' ମାସରେ ଆରମ୍ଭ ହୋଇଥିଲା ପିଚୁ ରାସ୍ତା କାମ। ଅଙ୍ଗୁଳାଇ ଠାରୁ ନରଣପୁର ପର୍ଯ୍ୟନ୍ତ ଜଳସେଚନ ବିଭାଗର ପ୍ରାୟ ୧.୭ କି. ମି କେନାଲ ରାସ୍ତା କାମ ଆରମ୍ଭ କରାଯାଇଥିଲା। ହେଲେ ଅଧା କାମ କରି ଆଉ ଅଧେ ବନ୍ଦ ହୋଇ ପଡ଼ିଛି। ଅଧାପାନ୍ତରିଆ କାମରେ ଦୁର୍ଘଟଣା ଘଟି ନିଇତି ଲୋକେ କ୍ଷତିଗ୍ରସ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏମିତି ଏକ ବିଚିତ୍ର

**ରାସ୍ତାରେ ଫାଟ, ଉଠିଗଲାଣି ପିଚୁ**

**ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକେ**

**ବଢ଼ିଲାଣି ଅସନ୍ତୋଷ**

ଦୃଶ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅଧିନସ୍ଥ ଅଙ୍ଗୁଳାଇ ପଞ୍ଚାୟତ ଅଙ୍ଗୁଳାଇ ୫ ନମ୍ବର (କ) କେନାଲ ଠାରୁ ଆରସି-୮ (ବି) କେନାଲ ବନ୍ଧ ପର୍ଯ୍ୟନ୍ତ ଥିବା ରାସ୍ତା ମାର୍ଶାଘାଇ ସଦର ମହକୁମା ରୁ କେନ୍ଦ୍ରାପଡ଼ା ଗଣ୍ଡାଖିଆକୁ ଥିବା ରାସ୍ତା କାମରେ ଦେଖିବାକୁ ମିଳିଛି।

ଏହି ରାସ୍ତାର ନୂତନ କାମ ପାଇଁ ବିଭାଗ ତରଫରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ନିର୍ବାଚନ ପୂର୍ବରୁ ଅର୍ଥାତ ମେ ମାସରୁ ତରବରିଆ ଭାବରେ କାମ ଆରମ୍ଭ କରାଗଲା। ହେଲେ ୧.୭ ର ଅଧା ରାସ୍ତା କାମ ପିଚୁ କରି ଆଉ ଅଧା ରାସ୍ତାରେ ଡଷ୍ଟ ବିଛାଇ ଛାଡ଼ିଦେଇ ଠିକାଦାର ଯାଇଛି ଯେ ଯାଇଛି। ନା ଯନ୍ତ୍ରୀ ନା ବିଭାଗୀୟ ଅଧିକାରୀ କାହାର ଏଥିପାଇଁ ଦୃଷ୍ଟି ନାହିଁ। ହୋଇଥିବା ପିଚୁ କାମ ନିମ୍ନମାନର ହେତୁ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ହୋଇଥିବା ପିଚୁ ରୁ ଗୋଡ଼ି ଉଠି ମଝିରେ ମଝିରେ ଖାଲ ହୋଇଗଲାଣି। ପଞ୍ଚାୟତ ବାସୀଙ୍କ ମୁଖ୍ୟ ରାସ୍ତା ହୋଇଥିବାରୁ ହଜାର ହଜାର ଲୋକେ ଏହି



ରାସ୍ତାରେ ଯିବା ଆସିବା କରୁଛନ୍ତି। କିନ୍ତୁ ଶୋଚନୀୟ ରାସ୍ତାରେ ନିଇତି ଦୁର୍ଘଟଣା ଘଟୁଛି। ବିଗତ ସରକାରଙ୍କ ଅମଳରୁ କହି କହି ହୋଇଥିବା ରାସ୍ତା ୬ ମାସ ମଧ୍ୟରେ ବେହାଲ୍ ହେବାରୁ ଅଞ୍ଚଳବାସୀ ନାନା ସମସ୍ୟାର ସମ୍ମୁଖିନ ହେଉଥିବା ସଂଚାର ଆଗରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଇବା ସହିତ ବିପର୍ଯ୍ୟସ୍ତ ହୋଇପଡିଥିବାର ରାସ୍ତାର ମରାମତି କରିବାକୁ ଦାବି ହେଉଛି।

## ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା, ୧୯।୧୨ (ସଂଚାର ବ୍ୟୁରୋ):** ଭାତ ପେଜ ଗାଳି ସାରି ନହିଁକି ଚୁଲି ନିକଟରୁ ଘର ମଧ୍ୟକୁ ଯାଉଥିବା ସମୟରେ ଶାଢୀରେ ଆକସ୍ମିକ ଭାବେ ନିଆଁ ଲାଗି ପୋଡ଼ିହୋଇ ଗୁରୁତର ଆହତ ହେବା ସହ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ନଛିପଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ପ୍ରଶାନ୍ତ କୁମାର ପରିଡ଼ାଙ୍କ ୩୮ ବର୍ଷୀୟ ପତ୍ନୀ ମାନସୀ ପରିଡ଼ାଙ୍କ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ପରଲୋକ ହୋଇଯାଇଛି । ସୂଚନା ମୁତାବକ ଗତ ୧୨ତାରିଖ ମଧ୍ୟାହ୍ନରେ ନିଜ ଘର ଅଗଣାରେ ଥିବା ଏକ ଚୁଲିରେ ମାନସୀ ରୋଷେଇ କରୁଥିଲେ । ହଠାତ୍ ତାଙ୍କ ଶାଢୀ କାନିରେ ନିଆଁ ଲାଗିଯାଇଥିଲା । ସେ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ ହେଁ ସିଲିକ୍ ଶାଢୀଟି ପିନ୍ଧିଥିବା କାରଣରୁ ପିନ୍ଧା ଶାଢୀଟି ସହିତ ତାଙ୍କ ଶରୀର ନିଆଁରେ ଜଳିଯାଇଥିଲା । ଏହାପରେ ନିରୂପାୟ ମାନସୀ ଚିତ୍କାର କରିବାରୁ ପରିବାର ଲୋକେ ଦୌଡ଼ି ଆସିବା ବେଳକୁ ମାନସୀଙ୍କ ଶରୀର ଜଳୁଥିଲା । ସେମାନେ ତାଙ୍କୁ ଉଦ୍ଧାର କରି ତତ୍କାଳ ସ୍ଥାନୀୟ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଶରୀର ୭୦ପ୍ରତିଶତରୁ ଅଧିକ ପୋଡ଼ି ଯାଇଥିବାରୁ ମହିଳା ଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

## ଡିଜିଟାଲ ପ୍ଲାଟଫର୍ମରେ ବିଜେଡିର ସଭ୍ୟ ସଂଗ୍ରହ ପାଇଁ ତାଲିମ




**ପଟ୍ଟାମୁଣ୍ଡାଇ, ୧୯।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେଡି ସୁପ୍ରିମୋ ବିରୋଧୀଦଳ ନେତା ନବୀନ ପଟନାୟକଙ୍କ ଆହ୍ୱାନରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି । ଡିଜିଟାଲ ପ୍ଲାଟଫର୍ମରେ ବିଜେଡି ସଭ୍ୟ ସଂଗ୍ରହ ପାଇଁ ପଟ୍ଟାମୁଣ୍ଡାଇ ନଗର ବିଜେଡି ପକ୍ଷରୁ ଦଳୀୟ କାର୍ଯାଳୟ ଠାରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ତାଲିମ ଶିବିରରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡିଶା ଓ ଓଡ଼ିଆ ସ୍ୱାର୍ଥର ଜାଗ୍ରତ ପ୍ରହରୀ ବିଜେଡି ଦଳକୁ ସଶକ୍ତ କରିବା ପାଇଁ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ସହିତ ସ୍ୱଳ୍ପ ସମୟରେ ସଭ୍ୟ ସଂଗ୍ରହ ପାଇଁ ଡିଜିଟାଲ ପ୍ଲାଟ ଫର୍ମ ବ୍ୟବହାର ନିମନ୍ତେ ଉପଯୁକ୍ତ ତାଲିମ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏଥିରେ ଜିଲ୍ଲା ଯୁବବିଜେଡି ସଭାପତି ରାଜେଶ ଦାସ, ଡିଜିଟାଲ ସଂଯୋଜକ ଜ୍ୟୋସ୍ନା ପରିଡା, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ନଗର ମହିଳା ସଭାନେତ୍ରୀ ଲାସ୍ୟମୟୀ ସାହୁ ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ କାଉନସିଲର ପ୍ରଶାନ୍ତ ବାରିକ ସନ୍ତୋଷ ଦାସ,ଝରଣା ବେହେରା ମୃତ୍ୟୁଞ୍ଜୟ ପାଢ଼ୀ, ସୁବାଷ ମଲିକ ସଂଖ୍ୟାଲଘୁ ସଂଗଠକ ଏମ ଡି ଫିରଦୋଷ, ବରିଷ୍ଠ ନେତା କମ୍ବୁକଣ୍ଠ ସାହୁ,ପୂର୍ବତନ ପୌର ଉପାଧକ୍ଷ ସୁମନ୍ତ ପାତ୍ର, ପୂର୍ବତନ କାଉନସିଲର ଆଲୋକ ଧଳ ଓ ମଳୟ ମଲିକ, ସାଗର ସାହୁ, ତାପସ ପ୍ରଧାନ, ଦିଲ୍ଲୀପ ସାହୁ, ସୁବୋଧମଲିକ, ଜ୍ଞାନଶୁ ସେଠୀ, ରବୀନ୍ଦ୍ର ସାହୁ, ରାମ ସାହୁ, ସୁରେନ୍ଦ୍ର ଗିରି, ଅନିଲ ପଣ୍ଡା,ଯୁବନେତା ବାବନ ସାହୁ, ନିରାକାର ସାହୁ,ପବିତ୍ର ପାତ୍ର, ମୋହନୀ ମଲିକ, ଭରତ ନାୟକ, ଦେବ ନାୟକ, ସଞ୍ଜୟ ଦାସ, ସୁବାଷ ସ୍ୱାଇଁ ପ୍ରମୁଖ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ଯୋଗ ଦେଇ ଡିଜିଟାଲ ସଭ୍ୟ ସଂଗ୍ରହ ଉପରେ ମତାମତ ଦେଇଥିଲେ । ଏହି ଶିବିରରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୨୦ଟି ୱାର୍ଡର ବିଜେଡି ନେତା, କର୍ମକର୍ତ୍ତା, କାଉନସିଲର ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

# ସରକାରୀ ଅନୁଦାନପ୍ରାପ୍ତ କଲେଜ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଖୋର୍ଦ୍ଧା, ୧୯।୧୨ (ସଂଚାର ବ୍ୟୁରୋ):** ଅନୁଦାନପ୍ରାପ୍ତ କଲେଜରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଓଡିଶା ସରକାରୀ ଅନୁଦାନ ପ୍ରାପ୍ତ କଲେଜ କର୍ମଚାରୀ ସଂଘ ସରକାରଙ୍କ ଠାରେ ଦୃଢ଼ ଦାବି ଜଣାଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗ ଉପରେ ହସ୍ତକ୍ଷେପ କରନ୍ତୁ। ସଂଗଠନର ସମ୍ପାଦକ ସଚିତ୍ର କୁମାର ପାତ୍ରଙ୍କ କହିବା ଅନୁଯାଇ ଆମ ଦାବି ଯଥାର୍ଥ ଆବଶ୍ୟକତାକୁ ତୁରନ୍ତ ମୁଖ୍ୟମନ୍ତ୍ରୀ ତର୍ଜମା କରିବାକୁ ଅନୁରୋଧ କରିଛନ୍ତି। ଆଗାମୀ ନୂତନ ବର୍ଷରେ ସମସ୍ଥ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଥିବା ଅଧ୍ୟାପକ ଓ ସମସ୍ତ କର୍ମଚାରୀ ମାନକ ସର୍ତ୍ତାବଳୀ ଯାହାକି ଅବସରକାଳୀନ ସୁବିଧା ସରକାରୀ କର୍ମଚାରୀଙ୍କ ଠାରୁ ସମ୍ପୁର୍ଣ୍ଣ ଭିନ୍ନ ଥିବା ବେଳେ ଚାକିରୀ ଆରମ୍ଭରୁ ପୂର୍ଣ୍ଣ ଅନୁଦାନ ପାଇବାକୁ ଉକ୍ତ କର୍ମଚାରୀମାନଙ୍କୁ ଅନୁନ୍ୟ ୯ ବର୍ଷ ଲାଗିଥାଏ। ବ୍ଲକ ଗ୍ରାଣ୍ଡ କର୍ମଚାରୀ ମାନଙ୍କୁ ଏହି କ୍ୟାଡ଼ରରେ ୧୮ ବର୍ଷ ଲାଗିଥାଏ। ଅବସର ପରେ ଅଧ୍ୟାପକଙ୍କୁ ସ୍ୱଳ୍ପ ଅବସରକାଳୀନ ସୁବିଧା ମିଳୁଥିବା ବେଳେ ବ୍ଲକ ଗ୍ରାଣ୍ଡ କର୍ମଚାରୀଙ୍କ କ୍ଷେତ୍ରରେ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପେନସନ ବ୍ୟବସ୍ଥା ଲାଗୁ କରାଯାଇନାହିଁ। ଏହା ବ୍ୟତୀତ ଅବସର ବ୍ୟବସ୍ଥା ମଧ୍ୟରେ ୫୮ ଥିବା ବେଳେ ସରକାରି କର୍ମଚାରୀଙ୍କ ଅବସର ବ୍ୟବସ୍ଥାକୁ ୬୦ ରେ ପରିବର୍ତ୍ତନ କରିଥିବା ବେଳେ ଅନୁଦାନ କଲେଜ କ୍ୟାଡ଼ରରେ ଏହା ଆଜି ପର୍ଯ୍ୟନ୍ତ ଲାଗୁ କରାଯାଇନାହିଁ । ଚଳିତ ଶିକ୍ଷା ନୀତି ୨୦୨୦ କୁ ଓଡ଼ିଶାରେ ଲାଗୁ କରିଥିବା ବେଳେ ମାତ୍ର ଉକ୍ତ ଶିକ୍ଷାନୁଷ୍ଠାନର କାର୍ଯ୍ୟରତ ବରିଷ୍ଠ ଶିକ୍ଷକ ଓ କର୍ମଚାରୀ ୨୦୨୪-୨୫ ଶିକ୍ଷା ବର୍ଷରୁ ଅବସର ନେବା ଆରମ୍ଭ କଲେଣି। ଯାହାକି ନୂତନ କାର୍ଯ୍ୟକାରିତା ଓ ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରକାଶ କରିଛନ୍ତି। ତେଣୁ ଏହାକୁ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗ ଉପରେ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ସଂଘର କର୍ମକର୍ତା ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ପୂର୍ବକ ଦାବି ଜଣାଇଛନ୍ତି।

## ମହୁମାଛି ଆକ୍ରମଣରେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ

**କେନ୍ଦ୍ରାପଡ଼ା, ୧୯।୧୨ (ସଂଚାର ବ୍ୟୁରୋ):** ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ସମୟରେ ମହୁମାଛି ଆକ୍ରମଣରେ ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଗୁରୁବାର ଅପରାହ୍ନ ସମୟରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଂଚାୟତ ଅନ୍ତର୍ଗତ ଫକିରାବାଦ ସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଦେଖିବାକୁ ମିଳିଛି। ଗୁରୁବାର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହେଉଥିବା ବେଳେ ବାଘୁଆ ମହୁମାଛିଙ୍କ ଆକ୍ରମଣରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୁରୁତର ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ଜଣାଯାଇଛି ।

**ଶୀତରେ ଥରୁଛି କେନ୍ଦ୍ରାପଡ଼ା ସହର**

# ବଢୁଛି ଶୀତପୋଷାକ ଓ କମ୍ବଳର ଚାହିଦା

**କେନ୍ଦ୍ରାପଡ଼ା, ୧୯।୧୨ (ସଂଚାର ବ୍ୟୁରୋ):** ସଂପ୍ରତି ରାଜ୍ୟବ୍ୟାପୀ ତାପମାତ୍ରା ହ୍ରାସ ହେବା ଫଳରେ ଶୀତର ପ୍ରକୋପ ଜାରି ରହିଛି। ଏହିକ୍ରମରେ କେନ୍ଦ୍ରାପଡ଼ା ସହରରେ ବି ଶୀତ ବଢ଼ିଛି। ଦିନର ତାପମାତ୍ରା ଅପେକ୍ଷା ସଂଧ୍ୟା ପରେ ତାପମାତ୍ରା ହ୍ରାସ ପାଇବା ସହ ରାତିରେ ବେଶ୍ ଶୀତ ଅନୁଭୂତ ହେଉଛି। ସହରବାସୀ ବି ଶୀତକୁ ବେଶ୍ ଉପଭୋଗ କରୁଛନ୍ତି। ସହର ଭିତରେ ଶୀତ ଯେଉଁ ପରିମାଣର ରହୁଛି ଉପକଣ୍ଠରେ ଅଧିକ ଜଣାପଡୁଛି। ଶୀତକୁ ଦୃଷ୍ଟିରେ ରଖି ଗତ ଏକମାସ ଧରି ସହରର

ଶୀତପୋଷାକ ବିକ୍ରି ପାଇଁ ବିଭିନ୍ନ ସ୍ଥାନରେ ଦୋକାନ ଖୋଲିଛି। କିଛି ଦିନ ପୂର୍ବେ ଶୀତ ଉଭାନ୍ ହୋଇଯାଇଥିବା ଯୋଗୁଁ ଶୀତପୋଷାକ ବିକ୍ରି କରିବାକୁ ଆସିଥିବା ବ୍ୟବସାୟୀମାନେ ହାତବାନ୍ଧି ବସିଥିଲେ । ଶୀତ ବଢ଼ିବା ସହ ଏହି ବେପାର ବି ଏବେ



ବଢ଼ିଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ତିବ୍ବତୀୟଙ୍କ ଦ୍ୱାରା କେନ୍ଦ୍ରାପଡ଼ାରେ ଶୀତପୋଷାକ ବିକ୍ରି ମାର୍କେଟ ଖୋଲିଥାଏ। ଏହା ସହ ମଧ୍ୟପ୍ରଦେଶ ସମେତ ଅନ୍ୟରାଜ୍ୟର ବ୍ୟବସାୟୀମାନେ ରାସ୍ତାକଡ଼ରେ ଶୀତପୋଷାଜ ସହ କମ୍ବଳ ବିକ୍ରି କରିବାକୁ ଆସିଥାନ୍ତି। ଚଳିତ ବର୍ଷ ଗୋପ ଛକ, ତିନିମୁହାଣି ଛକ ନୂଆ ବସ୍ ଷ୍ଟାଣ୍ଡ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏହି ରାସ୍ତାକଡ଼ ବ୍ୟବସାୟୀଙ୍କ ପସରା ଖୋଲିଛି ଗତ ତିନିରୁ ଚାରିଦିନ ଧରି ସହରରେ ଶୀତର ମାତ୍ରା ବଢ଼ିଥିବା ଯୋଗୁଁ ଶୀତପୋଷାକ ବିକ୍ରି ବି ବଢ଼ିଥିବା ବ୍ୟବସାୟୀ ମାନେ କହିଛନ୍ତି ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ଏଠାରେ ପ୍ରାୟ ୩ ମାସ ରହି ବେପାର କରିବା ପରେ ପୁଣିଥରେ ନିଜ ରାଜ୍ୟକୁ ଫେରିଯାଆନ୍ତି। ଲୁଧିଆନା ଓ ପଞ୍ଜାବରୁ କମ୍ବଳ ଆଣି ବ୍ୟବସାୟ କରୁଥିବା ଏହି ବ୍ୟବସାୟୀମାନେ କହିଛନ୍ତି କମ୍ବଳର ମୂଲ୍ୟ ୩୫୦ ଟଙ୍କାରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏବେ ଏଭଳି ପସରା ନିକଟରେ ଗ୍ରାହକଙ୍କ ଭିଡ଼ ଜମୁଥିବା ବେଳେ ସେମାନେ ମୂଲଚାଲ କରି ଦର ଧାର୍ଯ୍ୟ ପରେ କ୍ରୟ କରୁଛନ୍ତି ଚଳିତ ବର୍ଷ ଯାହା ସାମଗ୍ରୀ ଆଣିଛନ୍ତି ତାହା ବିକ୍ରି ହୋଇଯିବ ବୋଲି ଆଶା ରଖିଥିବା ବେଳେ ବଳକା ରହିଲେ ଫେରାଇ ନେଇଯିବୁ ବୋଲି କିଛି ରାସ୍ତାକଡ଼ ବ୍ୟବସାୟୀ କହିଛନ୍ତି। ପୂର୍ବରୁ ବେପାର ମାନ୍ଦା ଥିବା ବେଳେ ଏବେ ଦୈନିକ ୧୦ରୁ ୧୨ ହଜାର ଟଙ୍କାର ସାମଗ୍ରୀ ବିକ୍ରି ହେଉଥିବା କହିଛନ୍ତି।

# ଗଣତନ୍ତ୍ରର ଛବି ଆଜି ବିଶ୍ୱରେ ଖରାପ ହୋଇଛି

- ରାହୁଲ ଗାନ୍ଧୀଙ୍କ ଗୁଣ୍ଡାଗର୍ଦ୍ଦି ଲଜ୍ଜାଜନକ
- ଗଣତନ୍ତ୍ରକୁ କଂଗ୍ରେସ ହତ୍ୟା କରିଥିବା ପୂର୍ବରୁ ନଜିର ରହିଛି



**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ବିଜେପିର ବରିଷ୍ଠ ନେତା ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସଂସଦରେ ରାହୁଲ ଗାନ୍ଧୀ ଧକ୍କା ମାରି ଆହତ କରିବା ଘଟଣାକୁ ସାରାଦେଶ ନିନ୍ଦା କରୁଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏଭଳି ଗୁଣ୍ଡାଗର୍ଦ୍ଦି ଅତ୍ୟନ୍ତ ଲଜ୍ଜାଜନକ। ସଂସଦୀୟ ଗଣତନ୍ତ୍ରରେ ଆଜି ଏକ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ ଦିନ। ଗଣତନ୍ତ୍ରକୁ ସଭିଏଁ ସମ୍ମାନ ଦେବା ଉଚିତ। ଏଠାରେ ହିଂସାର କୌଣସି ସ୍ଥାନ ନାହିଁ। ଦାୟିତ୍ୱ ସମ୍ପନ୍ନ ଦଳର ବିରୋଧୀ ଦଳ ନେତା ବୋଲି ଦାବି କରୁଥିବା ରାହୁଲ ଗାନ୍ଧୀ ଯେଉଁ ଭଳି ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହାକୁ ୧୪୦କୋଟି ଭାରତୀୟ ନିନ୍ଦା କରୁଛନ୍ତି। ଏହାଦ୍ୱାରା ଭାରତର ୭୫ ବର୍ଷ ଗଣତନ୍ତ୍ରର ଛବି ଆଜି ସାରା ବିଶ୍ୱରେ ଖରାପ ହୋଇଛି। ଏହାକୁ ଯେତେ ନିନ୍ଦା କଲେ କମ୍ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଜଣେ ନିର୍ବାଚିତ ପ୍ରତିନିଧି ହୋଇ ମଧ୍ୟ ରାହୁଲ ଗାନ୍ଧୀ ଯେଉଁଭଳି ଗୁଣ୍ଡାଗର୍ଦ୍ଦି କଲେ, ଜଣେ ମାନସିକ ସନ୍ତୁଳନ ଥିବା ବ୍ୟକ୍ତି ଏଭଳି ବ୍ୟବହାର କେବେ କରିବେ ନାହିଁ। ସାଂସଦ ହେବା ପରେ ଉଚ୍ଚାରଣ, ଆଚରଣ ଓ ସ୍ୱଭାବରେ ପରିବର୍ତ୍ତନ ଆବଶ୍ୟକ। ରାହୁଲଙ୍କ ଗୁଣ୍ଡାଗର୍ଦ୍ଦିରେ ଆହତ ହୋଇ ଚିକିତ୍ସାଧୀନ ଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଶୀଘ୍ର ଆଶୁଆରୋଗ୍ୟ କାମନା କରୁଛି। କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ କ୍ଷମତା ଶୂନ୍ୟ କଂଗ୍ରେସ ନେତା ବିଚଳିତ ହୋଇ ଏଭଳି କାଣ୍ଡ କରିଛନ୍ତି। ୫୬ ବର୍ଷ ଧରି କ୍ଷମତାରେ ରହିବା ପରେ, କଂଗ୍ରେସ ଦଳର ନେତାମାନେ ଏହାକୁ ସହ୍ୟ କରି ନ ପାରି ଏଭଳି ଆଚରଣ କରୁଛନ୍ତି। ଏଭଳି ହିଂସ୍ର ଆଚରଣ ପ୍ରଦର୍ଶନ କରିବା ହେଉଛି କଂଗ୍ରେସ ପରିବାରର ପରମ୍ପରା। କଂଗ୍ରେସ ଅନେକ ସମୟରେ ଗଣତନ୍ତ୍ରକୁ ହତ୍ୟା କରିଥିବା ପୂର୍ବରୁ ନଜିର ରହିଛି। ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳିନ ପରିସ୍ଥିତିଠାରୁ ଆରମ୍ଭ କରି ଆଜି ରାହୁଲ ଗାନ୍ଧୀଙ୍କ ଦ୍ୱାରା ସଂସଦରେ ବରିଷ୍ଠ ନେତାଙ୍କୁ ଅସମ୍ମାନ ଓ ଆକ୍ରମଣ କରିବା ଘଟଣା ହେଉଛି ଏହାର ବଳିଷ୍ଠ ଉଦାହରଣ ବୋଲି ଶ୍ରୀ ସାମଲ କହିଛନ୍ତି।

# ଜାମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତି ସମୀକ୍ଷା କଲେ ଶାହ




## ଏରିୟା ଡୋମିନେସନ୍ ପ୍ଲାନ୍ ଓ ଜିରୋ ଟେରର୍ ପ୍ଲାନକୁ ମିଶନ ମୋଡରେ କାର୍ଯ୍ୟକାରୀ କରିବା ଉପରେ ଜୋର୍ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

**ନୂଆଦିଲ୍ଲୀ,୧୯।୧୨:** କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଜାମ୍ମୁ-କାଶ୍ମୀରର ସୁରକ୍ଷା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ, ନିର୍ଦ୍ଦେଶକ (ଆଇବି), ଆରଏଡବ୍ଲୁ ମୁଖ୍ୟ, ସେନା ମୁଖ୍ୟ, ଜିଓସି-ଇନ୍-ସି (ଉତ୍ତର କମାଣ୍ଡ), ଡିଜିଏମଓ, ଜାମ୍ମୁ-କାଶ୍ମୀରର ମୁଖ୍ୟ ଶାସନ ସଚିବ ଓ ଡିଜିପି, କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳଗୁଡ଼ିକର ମୁଖ୍ୟ ଏବଂ ଗୃହ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଉଦବୋଧନ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ, ଆତଙ୍କବାଦ ବିରୋଧରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁରୂପ, ଆମେ ଯଥାଶୀଘ୍ର ‘ଆତଙ୍କ ମୁକ୍ତ ଜାମ୍ମୁ-କାଶ୍ମୀର’ ଲକ୍ଷ୍ୟ ହାସଲ କରିବୁ ଏବଂ ଏଥିପାଇଁ ସବୁପ୍ରକାର ସମ୍ବଳ ଯୋଗାଇ ଦିଆଯିବ। ସମସ୍ତ ସୁରକ୍ଷା ବାହିନୀର ମିଳିତ ପ୍ରୟାସ ଦ୍ୱାରା ମୋଦୀ ସରକାର ଜାମ୍ମୁ-କାଶ୍ମୀରରେ ଆତଙ୍କବାଦ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପ୍ରତିଷ୍ଠା କରିବାକୁ ପ୍ରତିଶ୍ରୁତିବଦ୍ଧ। ଶ୍ରୀ ଅମିତ ଶାହ କହିଥିଲେ ଯେ, ଜାମ୍ମୁ ଓ କାଶ୍ମୀର ବିଧାନସଭା ଏବଂ ଲୋକସଭା ନିର୍ବାଚନରେ ଜନସାଧାରଣଙ୍କ ଅଭୂତପୂର୍ବ ଅଂଶଗ୍ରହଣ ଗଣତନ୍ତ୍ର ଉପରେ ସେମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସକୁ ଦର୍ଶାଉଛି। ଆତଙ୍କବାଦ ଘଟଣା, ଅନୁପ୍ରବେଶ ଏବଂ ଆତଙ୍କବାଦୀ ସଂଗଠନରେ ଯୁବବର୍ଗଙ୍କୁ ସାମିଲ କରିବା ଘଟଣାରେ ଉଲ୍ଲେଖନୀୟ ହ୍ରାସ ପାଇଁ କେନ୍ଦ୍ର ସୁରକ୍ଷା ସଂସ୍ଥାଗୁଡ଼ିକର ପ୍ରୟାସକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରଶଂସା କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ କହିଥିଲେ ଯେ, ମୋଦୀ ସରକାରଙ୍କ ନିରନ୍ତର ଏବଂ ସମନ୍ୱିତ ପ୍ରୟାସ ଯୋଗୁଁ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ଢାଞ୍ଚା ପ୍ରାୟତଃ ସମାପ୍ତ ହୋଇଯାଇଛି। ଜାମ୍ମୁ ଓ କାଶ୍ମୀରରୁ ଆତଙ୍କବାଦର ସମ୍ପୂର୍ଣ୍ଣ ବିଲୋପ ପାଇଁ ଏକ ସମନ୍ୱିତ ଢଙ୍ଗରେ କାର୍ଯ୍ୟ କରିବା ଲାଗି ସବୁ ସୁରକ୍ଷା ସଂସ୍ଥାଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏରିୟା ଡୋମିନେସନ୍ ପ୍ଲାନ୍ ଓ ଜିରୋ ଟେରର୍ ପ୍ଲାନକୁ ମିଶନ ମୋଡରେ କାର୍ଯ୍ୟକାରୀ କରିବା ଉପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଜୋର୍ ଦେଇଥିଲେ।

- ହାଇକୋର୍ଟଙ୍କୁ ଅବଗତ କଲେ ସ୍ୱାସ୍ଥ୍ୟ ସଚିବ

# ଏସସିବିରେ ଖୁବଶୀଘ୍ର ପୂରଣ ହେବ ପଦବୀ

**କଟକ, ୧୯।୧୨(ସଂଚାର ବ୍ୟୁରୋ):** ଏସସିବି ମେଡିକାଲରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଜାରି ରହିଛି ପ୍ରକ୍ରିୟା। ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ। କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିରେ ଭର୍ଚ୍ଚୁଆଲ୍ ମୋଡ୍‌ରେ ହାଜର ହୋଇ ହାଇକୋର୍ଟଙ୍କୁ ଅବଗତ କରାଇଲେ ସ୍ୱାସ୍ଥ୍ୟ ସଚିବ। ଅଚଳ ପଡ଼ିଥିବା ମେସିନ ମରାମତି କରାଯାଇ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ। ଏସସିବି ମେଡିକାଲରେ ଏମ୍ଆରଆଇ ମେସିନ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ମାଣ ସରିଥିବା ଶିଶୁ ଭବନର ନୂତନ ବିଲ୍ଡିଂ ଖୁବଶୀଘ୍ର ଖୋଲାଯିବ ବୋଲି କୋର୍ଟଙ୍କୁ ଅବଗତ କରାଇଲେ ସ୍ୱାସ୍ଥ୍ୟ ସଚିବ। ଲାଲବାଗ ଥାନା ନିକଟରେ ଶିଶୁ ଭବନ ଗେଟ ସମ୍ମୁଖରେ ଥିବା ଉଠା ଦୋକାନୀଙ୍କ ଭେଣ୍ଡିଂ ଜୋନ ଲାଇସେନ୍ସ ଯାଞ୍ଚ କରିବା ପାଇଁ ସିଏମ୍‌ସିକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ। ଏହାସହ ଲାଲବାଗ ଥାନା ସମ୍ମୁଖରେ ଶିଶୁ ଭବନ ମୁଖ୍ୟ ଗେଟ ଖୋଲିବା ପାଇଁ ପଦକ୍ଷେପ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳାବାଗ ଛକରୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପର୍ଯ୍ୟନ୍ତ ଥିବା ଜବରଦଖଲ ଉଚ୍ଛେଦ ପରେ ଯଦି ପୁନର୍ବାର ଜବରଦଖଲ ହୁଏ, ତା'ହେଲେ ଏଥିପାଇଁ ମଙ୍ଗଳାବାଗ ଥାନା ଆଇଆଇସି ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ହାଇକୋର୍ଟ। ଆଜିର ଶୁଣାଣିରେ ସ୍ୱାସ୍ଥ୍ୟ ବିଭାଗ ସଚିବ, ଏସ୍‌ସିବି ମେଡ଼ିକାଲ ଅଧିକ୍ଷକ, କଟକ ଡିସିପି, ସିଏମ୍‌ସି କମିଶନର, ଶିଶୁ ଭବନ ଅଧୀକ୍ଷକ ଭିସି ମାଧ୍ୟମରେ ହାଇକୋର୍ଟରେ ହାଜର ହୋଇଥିଲେ।

## ଟ୍ୱିନ୍ ସିଟି କ୍ରାଇମ୍

### ଖାଇବାକୁ ନଦେବାରୁ ହୋଟେଲରେ ବୁଲିଲା ଖଣ୍ଡା



**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଅଭିମନ୍ୟୁ ସାହୁଙ୍କର ଏତଲା ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ବୁ ହସ୍ପିଟାଲ ନିକଟରେ ଥିବା ସାହୁ ହୋଟେଲରେ କାର୍ଯ୍ୟ କରନ୍ତି । ଗତ ତା.୦୮.୧୨.୨୦୨୪ ରିଖ ରାତି ପ୍ରାୟ ୧୧.୪୫ ସମୟରେ ନିମ୍ନୋକ୍ତ ଅଭିଯୁକ୍ତ ଚନ୍ଦନ ସାହୁ ଜଣେ ସହଯୋଗୀଙ୍କ ସହ ଉକ୍ତ ହୋଟେଲକୁ ଯାଇ ଖାଇବାକୁ ମାଗିଥିଲେ । ବିଳମ୍ବିତ ସମୟ ଯୋଗୁଁ ହୋଟେଲ ବନ୍ଦ ହୋଇଯାଇଥିବା ଦର୍ଶାଇ ଅଭିଯୋଗକାରୀ ଖାଇବାକୁ ଦେବା ନିମନ୍ତେ ମନା କରିଦେଇଥିଲେ। ଏଥିରେ ଉତ୍ତେଜିତ ହୋଇ ନିମ୍ନୋକ୍ତ ଅଭିଯୁକ୍ତ ତାଙ୍କୁ ଓ ଅନ୍ୟ କର୍ମଚାରୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରି ସେଠାରୁ ଚାଲିଯାଇଥିଲେ । ପୁଣିଷ୍ଟ କିଛି ସମୟ ପରେ ଦୁଇ ଅଭିଯୁକ୍ତ ତାଙ୍କର ଅନ୍ୟାନ୍ୟ ସହଯୋଗୀଙ୍କ ସହ ମିଶି ଖଣ୍ଡା ଏବଂ ଲୁହାଛଡ଼ ନେଇ ଘଟଣା ସ୍ଥଳକୁ ଆସିଥିଲେ । ସେଠାରେ ରଖାଯାଇଥିବା ଗୋଟିଏ ହୋଣ୍ଡା ସାଇନ ବାଇକ ଓ ଗୋଟିଏ ହୋଣ୍ଡା ଆକ୍ଟିଭା ଗାଡିକୁ ଭଙ୍ଗାରୁଜା କରିଥିଲେ। ଅଭିଯୋଗକାରୀ ଏବଂ ଅନ୍ୟ କର୍ମଚାରୀ ମାନେ ଏହାର ବିରୋଧ କରିବାରୁ ଅଭିଯୁକ୍ତ ମାନେ ସେମାନଙ୍କୁ ଖଣ୍ଡା ସାହାଯ୍ୟରେ ଆକ୍ରମଣ କରିବାକୁ ପ୍ରୟାସ କରିଥିଲେ । ଭୟଭୀତ ହୋଇ ଅଭିଯୋଗକାରୀ ଓ ଅନ୍ୟମାନେ ହୋଟେଲ ଭିତରକୁ ଚାଲିଯାଇ ଆକ୍ରମଣରୁ ନିଜକୁ ବଞ୍ଚାଇ ନେଇଥିଲେ। ଘଟଣା ଘଟାଇବା ପରେ ଅଭିଯୁକ୍ତ ମାନେ ହୋଟେଲରେ ଅଗ୍ନି ସଂଯୋଗ କରିଦେବାର ଧମକ ଦେଇ ସେଠାରୁ ଚାଲିଯାଇଥିଲେ । ଏନେଇ ଅଭିଯୋଗକାରୀ ସମ୍ପୃକ୍ତ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।

### ଅପହରଣ କରି ୫ ଲକ୍ଷ ଟଙ୍କା ଦାବି



**ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରିଣୀଙ୍କ ଏତଲା ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା.୦୧.୧୨.୨୦୨୪ ରିଖ ଦିନ ୪.୩୦ ସମୟରେ ନିମ୍ନୋକ୍ତ ଅଭିଯୁକ୍ତ ଆଉ ପ୍ରଥମେ ଦୁଇଜଣ ବନ୍ଧୁଙ୍କୁ ନେଇ ରସୁଲଗଡ଼ ଅଞ୍ଚଳରେ ଥିବା ଏକ ସେଲୁନ୍ ଡ୍ରାଇଭ କାର ଭେଣ୍ଡୋରାକାରରୁ ଏକ ଧଳା ରଙ୍ଗର ସ୍କର୍ପିଓ କାର ଭଡାରେ ଆଣିଥିଲେ । ପରେ ସେ ସ୍ୱାମୀ ଏବଂ ଛକ ନିକଟରୁ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ବଳପୂର୍ବକ ଉଠାଇ ନେଇ ଗଡ଼କାଣା ଅଞ୍ଚଳରେ ଥିବା ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ଅଭିଯୋଗକାରିଣୀଙ୍କ ସ୍ୱାମୀ ସନ୍ତୋଷ କୁମାର ପଣ୍ଡାଙ୍କୁ ବଳପୂର୍ବକ ଅପହରଣ କରିନେଇ ଗଣ୍ଡରପୁର ନିକଟସ୍ଥ କୁଆଖାଇ ନଦୀକୂଳକୁ ଚାଲିଯାଇ । ସେଠାରେ ଅଭିଯୁକ୍ତମାନେ ସନ୍ତୋଷଙ୍କୁ ଜୋରଜବରଦସ୍ତ ୫ ଲକ୍ଷ ଟଙ୍କା ଦେବାଲାଗି କହିଥିଲେ । ସେ ଟଙ୍କା ଦେବାଲାଗି ମନାକରିବାରୁ, ଅଭିଯୁକ୍ତମାନେ ଲୁହା ଛଡ ଏବଂ ସ୍ଟିଲ ପାଇପ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ପରେ ଅଭିଯୋଗକାରିଣୀଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ, ପ୍ରଚୁର ରକ୍ତସ୍ରାବ ହୋଇଥିଲା ।

### ୧୦ ଗ୍ରାମ ବ୍ରାଉନ ସୁଗାର ସହ ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ):** ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଲକ୍ଷ୍ମୀସାଗର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ସ୍ୱତନ୍ତ୍ର ଟିମ, ଥାନା ଅନ୍ତର୍ଗତ ସତ୍ୟାଗ୍ରିହି ବିହାର ଅଞ୍ଚଳରେ ଅତର୍କିତ ଚଢାଉ କରି ବେଆଇନ ବ୍ରାଉନ ସୁଗାର ବିକ୍ରି କରୁଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଧାର କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ପୁଲିସ ନିମ୍ନୋକ୍ତ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନ ସୁଗାର, ଏବଂ ଏକ ବାଇକ ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ଏହି ବେଆଇନ ବ୍ରାଉନସୁଗାର ବିକ୍ରୟ ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ। ଏହି ଘଟଣାକୁ ନେଇ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ବେଆଇନ ବ୍ରାଉନ ସୁଗାର ବିକ୍ରୟ ଜନିତ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

### ସ୍ପେୟାରପାର୍ଟସ ଚୋରିକରି ବନ୍ଧାହେଲେ



**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ପୁଲିସ ଅଭିଯୋଗକାରୀ ଶ୍ରୀ ସୋମ ଶେଖର ଆଚାରୀଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହିତ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କ ଲକ୍ଷ୍ମୀସାଗର ଓସ୍ପେନାଇଡ୍ ସମ୍ମୁଖରେ "ଭେଙ୍କଟେଶ୍ୱର ଡିଷ୍ଟ୍ରିବ୍ୟୁଟର" ନାମରେ ଏକ ସ୍ପେୟାରପାର୍ଟସ ଗୋଡାଉନ ଅଛି । ନିମ୍ନୋକ୍ତ ତିନି ଅଭିଯୁକ୍ତ ନିରାକାର ପଟ୍ଟନାୟକ, କ୍ଷେତ୍ର ମୋହନ ସ୍ୱାଇଁ ଓ ଅଭିଷେକ ସ୍ୱାଇଁ ତାଙ୍କ ଗୋଡାଉନରେ କାମ କରନ୍ତି । ଗତ ତା.୧୧.୦୯.୨୦୨୪ ରାତିରେ ଅଭିଯୋଗକାରୀ ଗୋଡାଉନ ବନ୍ଦ କରି ଘରକୁ ଯାଇଥିବା ବେଳେ, ବିଳମ୍ବିତ ରାତିରେ ନିମ୍ନୋକ୍ତ ତିନି ଅଭିଯୁକ୍ତ, ପୂର୍ବରୁ ଏହି ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଅନ୍ୟ ତିନି ସହଯୋଗୀ ମାନବ ଷଡଙ୍ଗୀ, ଆୟୁଷ ଷଡଙ୍ଗୀ ଓ ଚିନ୍ମୟ ସାମନ୍ତରାୟଙ୍କ ସହ ମିଶି ଉକ୍ତ ଗୋଡାଉନ ଭିତରେ ପଶି ସ୍ପେୟାରପାର୍ଟସ ଗୁଡ଼ିକୁ ଚୋରିକରି ନେଇଯାଇଥିଲେ । ସକାଳେ ଅଭିଯୋଗକାରୀ ଗୋଡାଉନ ଖୋଲିବା ପରେ ଭିତରୁ କିଛି ସ୍ପେୟାରପାର୍ଟସ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏହି ଚୋରାରେ ତାଙ୍କ ଗୋଡାଉନରେ କାମ କରୁଥିବା ଯୁବକଙ୍କ ହାତ ଥିବା ସନ୍ଦେହ କରି ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ପୂର୍ବରୁ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ଆଜି ତିନି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ପଚରାଉଚରା ବେଳେ, ଅଭିଯୁକ୍ତମାନେ ନିଜ ଅପରାଧ ସ୍ୱୀକାର କରିଥିଲେ ।

# ଆଇ-ଜିଓଟି ପ୍ଲାଟଫର୍ମରେ ଅନ୍ତର୍ଭୁକ୍ତ ହେବେ ଶତ ପ୍ରତିଶତ କର୍ମଚାରୀ

- ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଗତ ମଙ୍ଗଳବାର ଖାରବେଳ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ପୂର୍ବକ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସବୁକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ବୈଠକରେ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ବିଶେଷ କରି ସାଧାରଣ ଲୋକମାନଙ୍କ ଜୀବନଯାପନରେ ଅତ୍ୟାବଶ୍ୟକ ରହୁଥିବା ବିଭିନ୍ନ ବିଭାଗ ଦ୍ୱାରା ସେବା ପ୍ରଦାନ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରାଯାଉଛି, ସେ ସଂପର୍କରେ ସୁନିଶ୍ଚିତ କରିବାକୁ ବିଭାଗୀୟ ସଚିବମାନଙ୍କୁ ସାପ୍ତାହିକ ସମୀକ୍ଷା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ଆଇ-ଜିଓଟି (ଇଣ୍ଟିଗ୍ରେଟେଡ୍ ଗଭର୍ଣ୍ଣାନ୍ସ ଅନ୍ଲାଇନ ଟ୍ରେନିଂ) ପ୍ଲାଟଫର୍ମରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶତ ପ୍ରତିଶତ ଅନ୍ତର୍ଭୁକ୍ତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହା କର୍ମଚାରୀମାନଙ୍କୁ ଅନ୍ଲାଇନ୍ ପ୍ରଶିକ୍ଷଣ ସୁବିଧା ପ୍ରଦାନ ସଙ୍ଗେ ସଙ୍ଗେ ସେମାନଙ୍କର ଦକ୍ଷତା ବୃଦ୍ଧି, ବ୍ୟବହାରିକ ଆବଶ୍ୟକ ପରିବର୍ତ୍ତନ ଓ ଜ୍ଞାନ କୌଶଳର ଉପଯୋଗ ନିମନ୍ତେ ଅଧିକ ସହାୟକ ହେବ। ୧୫ ଡିସେମ୍ବର ସୁଦ୍ଧା ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀମାନଙ୍କର ତଥ୍ୟ ଆଇ-ଜିଓଟି ପ୍ଲାଟଫର୍ମରେ ପଂଜୀକରଣ କରାଯାଇଛି ଏବଂ ଏହି ସଂଖ୍ୟାରେ କ୍ରମାଗତ ବୃଦ୍ଧି ପାଉଥିବା ଜଣାଯାଇଛି।



# ଇସ୍ପାତ ଶିଳ୍ପର ଆବଶ୍ୟକତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କର୍ମଶାଳା



**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ଇସ୍ପାତ ଶିଳ୍ପର ଦକ୍ଷତା ଏବଂ କାର୍ଯ୍ୟରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ, ପୂର୍ବତଟ ରେଳପଥ (ଇକୋର) ଇସ୍ପାତ କ୍ଷେତ୍ରର ବିକାଶମୂଳକ ଆବଶ୍ୟକତାକୁ ଆକଳନ କରିବା ପାଇଁ ଡିସେମ୍ବର ୧୯, ୨୦୨୪ ରେ ଏହାର ମୁଖ୍ୟାଳୟ, ରେଳ ସଦନ ଠାରେ ଏକ ବ୍ୟାପକ କର୍ମଶାଳା ଆୟୋଜନ କରିଥିଲା। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଇସ୍ପାତ ଉତ୍ପାଦନକାରୀଙ୍କ ପ୍ରତିନିଧୀ, ଲଜିଷ୍ଟିକ୍ ବିଶେଷଜ୍ଞ ଏବଂ ରେଳ ବୋର୍ଡ ଏବଂ ଅନୁସନ୍ଧାନ ଡିଜାଇନ୍ ଏବଂ ମାନକ ସଂଗଠନ (ଆରଡିଏସଓ) ର ପ୍ରତିନିଧୀମାନେ ଯୋଗ ଦେଇଥିଲେ। ପରିବହନ ସାମଗ୍ରୀ ସହିତ ଜଡିତ ଆହ୍ୱାନର ମୁକାବିଲା, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଇସ୍ପାତ ପରିବହନ ସାମଗ୍ରୀର ସୁରକ୍ଷାକୁ ବୃଦ୍ଧି କରାଇବା ପାଇଁ ଇସ୍ପାତ ଶିଳ୍ପ ଏବଂ ରେଳବାଇ ମଧ୍ୟରେ ଘନିଷ୍ଠ ସହଯୋଗ ବୃଦ୍ଧି କରିବାକୁ ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା।

# କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳା

## ଛାତ୍ରଛାତ୍ରୀମାନେ ଶିକ୍ଷା ସହ ନୈତିକତା ବଜାୟ ରଖନ୍ତୁ



**ଭୁବନେଶ୍ୱର,୧୯।୧୨ (ସଂଚାର ବ୍ୟୁରୋ):** କିଟ୍ ନଲେଜ୍ ଟ୍ରି ବକ୍ତୃତାମାଳାରେ ଆଜି ସ୍ଲୋଭାକିଆର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଏଡ୍‌ୱାର୍ଡ ହେଗର ବକ୍ତୃତା ପ୍ରଦାନ କରି କିଟ୍ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ନୈତିକତା ଓ ସମାଜ ପ୍ରତି ପ୍ରତିବଦ୍ଧତା ରଖିବାକୁ ପରାମର୍ଶ ଦେଇଥିଲେ । ସେ କହିଲେ, ଆଜିର ଯୁଗରେ ଶିକ୍ଷା ହିଁ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ଶାନ୍ତି ଆଣିପାରେ, ଶିକ୍ଷା ଗୋଟିଏ ଦେଶକୁ ପରିବର୍ତ୍ତନ କରିପାରେ ଏବଂ ଶିକ୍ଷା ଜଣକ ଜୀବନରେ ସମୃଦ୍ଧି ଆଣିଥାଏ । ଛାତ୍ରଛାତ୍ରୀମାନେ କେବଳ ଶିକ୍ଷା ଗ୍ରହଣ କରି ନିଜେ କିପରି ପ୍ରତିଷ୍ଠିତ ହେବେ ସେ ବିଷୟରେ ଚିନ୍ତା ନ କରି ନିଜ ପରିବେଶ, ସମାଜ, ରାଜ୍ୟ ଓ ଦେଶରେ କିପରି ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱଭାବ ବଜାୟ ରହିବ ସେ ଦିଗରେ ନିଜ ଜ୍ଞାନ ଓ ଦକ୍ଷତାର ବିନିଯୋଗ କରିବା ଉଚିତ। କେବଳ ପ୍ରତିଷ୍ଠା ଏବଂ ଅର୍ଥ ବଳରେ ଜୀବନରେ ଶାନ୍ତି ଆସିପାରେ ନାହିଁ। ସମାଜ ପ୍ରତି ପ୍ରତିଦାନରେ ପ୍ରକୃତ ଶାନ୍ତି ମିଳିଥାଏ। ସମାଜ ପ୍ରତି ପ୍ରତିବଦ୍ଧତା ଓ ପ୍ରତିଦାନର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଅଚ୍ୟୁତ ସାମନ୍ତ ବୋଲି ସେ କହିଥିଲେ। ସେ କହିଲେ ଉତ୍ତମ ଚରିତ୍ରର ବ୍ୟକ୍ତି ଜଣେ ଭଲ ନେତା ହୋଇପାରେ। ନୈତିକତା ଓ ମୂଲ୍ୟବୋଧ ସହ ନେତାମାନେ ଅନ୍ୟମାନଙ୍କ ପାଇଁ ରୋଲ ମଡେଲ୍ ହୋଇପାରିବେ ବୋଲି ସେ କହିଥିଲେ । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଅନ୍ୟମାନଙ୍କ ପ୍ରତି ସର୍ବଦା ନମ୍ର ଓ ଦୟାଶୀଳ ହେବା ଉଚିତ। ଆମର ପୂର୍ବଜଙ୍କଠାରୁ ଜ୍ଞାନ ଆହରଣ କରି ତାହାକୁ ସମାଜସେବା ଓ ଦେଶକୁ ନେତୃତ୍ୱ ଦେବାରେ ବିନିଯୋଗ କରିବା ଉଚିତ।

# ଅଧ୍ୟକ୍ଷମାନଙ୍କ ଦକ୍ଷତା ବୃଦ୍ଧି ଓ ସମୀକ୍ଷା ବୈଠକ ଅନୁଷ୍ଠିତ



**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ୮୯ ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କୁ ନେଇ ଏକ ଦକ୍ଷତା ବୃଦ୍ଧି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଘୁରାମ୍ ଆର୍ ଆୟାର ସମସ୍ତ ଅତିଥି, ଅଧ୍ୟକ୍ଷବୃନ୍ଦ ତଥା ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କୁ ସମ୍ବୋଧନ କରିଥିଲେ । ଭାରପ୍ରାପ୍ତ ଅଧିକାରୀମାନେ ବିଦ୍ୟାଳୟ ପରିଚାଳନା ସହ ଏହାର ନେତୃତ୍ୱ ନେବାରେ ସୁଯୋଗ ପାଇବେ ବୋଲି ଏହି ଅବସରରେ ସେ ମତବ୍ୟକ୍ତ କରିଛନ୍ତି । ଏହି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଭାରପ୍ରାପ୍ତ ଅଧିକାରୀମାନେ ବିଦ୍ୟାଳୟ ପରିଚାଳନା ନିମିତ୍ତ ବିଭିନ୍ନ ବିଷୟବସ୍ତୁ ଯଥା- ପରୀକ୍ଷା ପରିଚାଳନା ପଦ୍ଧତି , ଶୈକ୍ଷିକ ସମୀକ୍ଷା , ଆର୍ଥିକ ପରିଚାଳନା , ଇ- ଆଡ଼ମିସନ ସମ୍ବନ୍ଧୀୟ ଜ୍ଞାନ , ଅତିଥି ଶିକ୍ଷକ ନିଯୁକ୍ତି ତଥା ୟୁଡିଆଇଏସ୍‌ଇ ଏପିପିଏଆର୍ ଆଦି , ଏସ୍‌ଏମ୍‌ଡିସି ପରିଚାଳନା ଇତ୍ୟାଦି ବିଷୟରେ ଜାଣିବାର ସୁଯୋଗ ପାଇବେ ବୋଲି ଶ୍ରୀ ଆୟାର ମତପ୍ରକାଶ କରିଛନ୍ତି । ଏହି ଦକ୍ଷତା ବୃଦ୍ଧି ଓ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ କହିଛନ୍ତି, ପ୍ରଥମ କରି ଉନ୍ନୀତ ହୋଇଥିବା ଏହି ୮୯ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକ ଏକ ନୂତନ ଶିକ୍ଷା ପରିବେଶରେ ପ୍ରବେଶ କରୁଛନ୍ତି । ଏହି ୮୯ ଟି ଉନ୍ନୀତ ବିଦ୍ୟାଳୟ ଗୁଡ଼ିକର ଉତ୍ତମ ପରିଚାଳନା ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ଏଣୁ ଏହି କର୍ମଶାଳା ସେମାନଙ୍କ ପାଇଁ ଏକ ଉତ୍ତମ ପଦକ୍ଷେପ ।

# କୃଷି ଓଡିଶା ୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ




**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜାନୁଆରୀ ମାସରେ ଆୟୋଜିତ ହେବାକୁ ଥିବା କୃଷି ଓଡ଼ିଶା, ଚାଷୀ ପଞ୍ଜିକରଣ, କୃଷକଙ୍କ ତଥ୍ୟ ଏବଂ ୨୦୨୫-୨୬ ବର୍ଷ ପାଇଁ କୃଷି ବଜେଟ ଉପରେ ପ୍ରସ୍ତୁତି ଆଲୋଚନା କରାଯାଇଥିଲା। ଆସନ୍ତା ୨୦୨୫ ଜାନୁଆରୀ ୩ ରୁ ୫ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ କୃଷି ଓଡ଼ିଶା ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆରେ ମହା ସମାରୋହରେ ଅନୁଷ୍ଠିତ ହେବ । ଏଥିରେ ୧୨ ଗୋଟି ବୈଷୟିକ ଅଧିବେଶନ ରହିଛି। ପ୍ରତି ଅଧିବେଶନରେ ୨୦୦ ଜଣ ଅଂଶଗ୍ରହଣ କରିବେ ଏବଂ ୨୫୦ ଟି ଷ୍ଟଲ ପ୍ରଦର୍ଶିତ କରାଯିବ । ଜଳ ସମ୍ପଦ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ କୃଷି ଓଡ଼ିଶାରେ କରାଯିବ । ସାରା ରାଜ୍ୟରୁ ପ୍ରାୟ ୧୦,୦୦୦ କୃଷକ ଏଥିରେ ଯୋଗଦାନ କରିବେ । ସେହିଭଳି, କୃଷକ ପଞ୍ଜିକରଣ ରେ ଚାଷୀଙ୍କୁ ପଞ୍ଜିକୃତ ହେବା ପାଇଁ ସାରା ରାଜ୍ୟରେ କ୍ୟାମ୍ପ ବ୍ୟବସ୍ଥା କରାଯିବ। ଚାଷୀମାନେ ନିଜକୁ ପଞ୍ଜିକୃତ କରିବା ନିମନ୍ତେ କ୍ୟାମ୍ପର ସହାୟତା ନେଇପାରିବେ କିମ୍ବା ନିଜେ ନିଜେ ପଞ୍ଜିକରଣ କରିପାରିବେ କିମ୍ବା ଜନସେବା କେନ୍ଦ୍ରର ସହାୟତା ନେଇପାରିବେ । ପ୍ରତି ରେଜିଷ୍ଟ୍ରେସନ ପିଛା ୧୦ ଟଙ୍କା ସରକାର ଯୋଗାଇ ଦେଉଛନ୍ତି। ଏହି ରେଜିଷ୍ଟ୍ରେସନ ଦ୍ୱାରା ସରକାରଙ୍କ ପାଖରେ ରାଜ୍ୟର ସମସ୍ତ ଚାଷୀଙ୍କ ବିଶଦ ତଥା ଏକୀକୃତ ଡାଟାବେସ ରହିପାରିବ ।

# କଟକ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାହୁଲଙ୍କ କୁଶପୁତ୍ତଳିକା ଦାହ

**କଟକ, ୧୯।୧୨(ସଂଚାର ବ୍ୟୁରୋ):** ସଂସଦରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ହୋଇଥିବା ଅଭାବନୀୟ ତଥା ଅଶୋଭନୀୟ ଆଚରଣକୁ ବିରୋଧ କରି କଟକ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଚୌଧୁରୀ ବଜାର ଗୌରୀଶଙ୍କର ପାର୍କ ଛକରେ ରାହୁଲଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଆଜି ପବିତ୍ର ଗୃହ ସଂସଦ ଭବନରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ହୋଇଥିବା ଅଭାବନୀୟ ଘଟଣା କାରଣରୁ ବିଜେପିର ଦୁଇ ସାଂସଦ ଓଡ଼ିଶାର ବରିଷ୍ଠ ନେତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ସାଂସଦ ମୁକେଶ ରାଜପୁତ ଗୁରୁତର ରୂପେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ରାହୁଲଙ୍କର ଏପରି ଅଶୋଭନୀୟ ତଥା ନିନ୍ଦନୀୟ ଆଚରଣକୁ ଘୋର ବିରୋଧ କରି ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝାଙ୍କ ତତ୍ତ୍ୱାବଧାନରେ ରାହୁଲଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା । ସମଗ୍ର ଭାରତବାସୀଙ୍କୁ କ୍ଷମା ମାଗିବା ସହିତ ରାହୁଲଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଯୁବ ମୋର୍ଚ୍ଚା ଦାବି ରଖିଛି। ଏହି କାର୍ଯ୍ୟକ୍ରମରେ ବିଜେପି ଯୁବ ନେତା ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, କଟକ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ନଳିନୀ କୁମାର ରାୟ, ଜ୍ୟୋତିପ୍ରକାଶ ରାୟ, ଆଇନଜୀବୀ କୃଷ୍ଣଚନ୍ଦ୍ର ମଲ୍ଲିକ, ଇଂ ପ୍ରଭାତ ତ୍ରିପାଠୀ, ଚଣ୍ଡୀପ୍ରସାଦ ମହାନ୍ତି,।




# ବଳକା ଧାନ ନେବାକୁ ବେପାରୀ ଡରୁଛନ୍ତି



**ଭୁବନେଶ୍ୱର,୧୯।୧୨:** ଚାଷୀଙ୍କ ଉତ୍ପାଦିତ ବଳକା ଧାନ କିଣିବାକୁ ଚଳିତ ବର୍ଷ ବେପାରୀ ଅମଙ୍ଗ। ରାଜ୍ୟ ସରକାର ସୀମା ସିଲ୍ କରିବା ସହିତ ଧାନଗାଡି ଉପରେ କଡା ନଜର ରଖିଥିବାରୁ ବେପାରୀମାନେ ଧାନ ଖରିଦ କରୁନାହାନ୍ତି। ଫଳରେ ଅଧିକ ଧାନ ଫଳାଇଥିବା ଚାଷୀମାନେ ଏବେ ଚିନ୍ତାରେ। ରାଜ୍ୟର ପଶ୍ଚିମାଞ୍ଚଳରେ ଧାନ ମଣ୍ଡିକୁ ଯିବା ଆରମ୍ଭ ହୋଇଥିବାବେଳେ ଉପକୂଳ ଜିଲ୍ଲାରେ ଧାନ ବିକ୍ରି ପାଇଁ ପଞ୍ଜିକରଣ ସରିଲାଣି। ଜାନୁୟାରୀମାସରୁ ଏଠାରେ ମଣ୍ଡିକୁ ଧାନ ଯିବ। ତେବେ ଅଧିକ ଧାନ ଫଳାଉଥିବା ଚାଷୀମାନେ ବଳକା ଧାନକୁ ମଣ୍ଡିକୁ ନନେଇ ଦୁଆର ମୁହଁରେ ବେପାରୀଙ୍କୁ ବିକ୍ରି କରିଦେଉଥିଲେ। ହେଲେ ଚଳିତବର୍ଷ ସରକାର ଓଡ଼ିଶାରୁ ବାହାରକୁ ଯାଉଥିବା ଧାନଗାଡି ଉପରେ କଡା ନଜର ରଖିଥିବାରୁ ବାହାର ରାଜ୍ୟର ବ୍ୟବସାୟୀମାନେ ଧାନ କିଣିବାକୁ ଭୟ କରୁଛନ୍ତି। ଏହା ଫଳରେ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ଜଳସେଚିତ ଜମିରୁ ହେକ୍ଟର ପିଛା ୧୯ କୁଇଣ୍ଟାଲ ଧାନ କିଣିବାପାଇଁ ସ୍ଥିର କରିଥିବାବେଳେ ଅଣଜଳସେଚିତ ଜମିରୁ ଏହି ପରିମାଣ ୧୩ କୁଇଣ୍ଟାଲ ଧାର୍ଯ୍ୟ କରିଛନ୍ତି। ହେଲେ ରାଜ୍ୟର ଅନେକ ଚାଷୀ ଉନ୍ନତ ପ୍ରଣାଳୀରେ ଚାଷ କରି ଏହି ସୀମାଠାରୁ ଢେର ଅଧିକ ଧାନ ଫଳାଉଛନ୍ତି। ସରକାରୀ ଧାର୍ଯ୍ୟସୀମା ବାହାରେ ଥିବା ବଳକା ଧାନକୁ ସେମାନେ ବ୍ୟବସାୟୀଙ୍କ ହାତରେ ଟେକି ଦେଇଥାନ୍ତି। ଦୁଆର ମୁହଁରୁ ବେପାରୀମାନେ ଧାନ ଖରିଦ କରୁଥିବାରୁ କୁଇଣ୍ଟାଲ ପିଛା ୨୫୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ କମ୍ ଦେଇଥାନ୍ତି। ଚାଷୀମାନେ ମଧ୍ୟ ମଣ୍ଡିକୁ ଧାନ ପରିବହନ କରିବା, ସେଠାରେ ଲୋକ ଜଗାଇବା ଖର୍ଚ୍ଚ ସହିତ କଟ୍‌ନି ଛଟ୍‌ନୀ ଆଦିକୁ ହିସାବ କରିବାପରେ ସାମାନ୍ୟ କ୍ଷତି ସହି ବେପାରୀଙ୍କୁ ଧାନ ବିକ୍ରି କରିଥାନ୍ତି। ବ୍ୟବସାୟୀମାନେ ମଧ୍ୟ ଦୁଆର ମୁହଁରୁ ଧାନ ଓଜନ କରି ନେବା ସହିତ ନଗଦ ଅର୍ଥ ପ୍ରଦାନ କରିଥାନ୍ତି। ଚଳିତ ବର୍ଷ ରାଜ୍ୟ ସରକାର ପ୍ରତିଶ୍ରୁତି ମୁତାବକ ଧାନ କୁଇଣ୍ଟାଲ ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଥିବାରୁ ଚାଷୀମାନେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ। ତେବେ ବଳକା ଧାନକୁ ନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ହୋଇପାରୁ ନାହିଁ। ଅନ୍ୟ ପକ୍ଷରେ ମଣ୍ଡିରେ ଏବେ ଧାନର ମାନ କୁ ନେଇ ଚାଷୀ ଅସନ୍ତୋଷ ବଢ଼ି ଚାଲିଥିବାବେଳେ ମିଲରମାନେ ଧାନ ଉଠାଉ ନଥିବାରୁ ବିଭିନ୍ନ ସ୍ଥାନରେ ହଜାର ହଜାର ବସ୍ତା ଧାନ ଗଦାହୋଇ ଗଲାଣି। ଏଭଳି ସ୍ଥିତିରେ ଚାଷୀ ଚାହିଁଲେ ମଧ୍ୟ ତାହାର ବଳକା ଧାନକୁ ବ୍ୟବସାୟୀଙ୍କୁ ବିକ୍ରି କରିପାରୁ ନାହିଁ। ଯଦି ସରକାର କଟକଣା ନଉଠାଇବେ ତେବେ ଧାନ ସଂଗ୍ରହର ସୀମା ଉଠାଇ ଚାଷୀ ଫଳାଇଥିବା ସମସ୍ତ ଧାନକୁ ଖରିଦ କରିବାକୁ ଚାଷୀମାନେ କହିବା ସହିତ ତୁରନ୍ତ ଏହା ଉପରେ ନିଷ୍ପତ୍ତି ନେବାକୁ ଅନୁରୋଧ କରିଛନ୍ତି। (ତଥ୍ୟ)

# ଖଦି ମେଳା ଉଦ୍‌ଯାପିତ



**ଭୁବନେଶ୍ୱର, ୧୯।୧୨(ସଂଚାର ବ୍ୟୁରୋ):** ଉଦଯାପିତ ହୋଇଯାଇଛି ଓଡ଼ିଶା ଖଦି ମେଳା-୨୦୨୪ । ଉଦଯାପନୀ ସଂଧ୍ୟାରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (ପୂର୍ବାଞ୍ଚଳ)ର ସଦସ୍ୟ ମନୋଜ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି ମେଳା ମାଧ୍ୟମରେ ଗ୍ରାମାଞ୍ଚଳର ପ୍ରଗତି ଓ ଗ୍ରାମ୍ୟ କାରିଗରମାନଙ୍କର ଆର୍ଥିକ ସମୃଦ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ, ଏହି ପ୍ରଦର୍ଶନୀରେ ପ୍ରାୟ ଦୁଇ କୋଟି ଟଙ୍କାରୁ ଅଧିକ କାରବାର ହୋଇଛି । ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଚଳିତଥର ସମୁଦାୟ ୧୦୦ଗୋଟି ଷ୍ଟଲର ଆୟୋଜନ କରାଯାଇଥିଲା । ସେଥି ମଧ୍ୟରୁ ୩୨ ଗୋଟି ଖଦି, ୬୩ ଗୋଟି ଗ୍ରାମୋଦ୍ୟୋଗ ଓ ୫ ଗୋଟି ଖାଦ୍ୟ ଷ୍ଟଲ ଖୋଲା ଯାଇଥିଲା । ଚଳିତବର୍ଷ ଡିସେମ୍ବର ୧୦ ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମେଳାରେ ଡେମନଷ୍ଟ୍ରେସନ ଷ୍ଟଲରେ କାରିଗରମାନେ ତାଙ୍କ ହସ୍ତର ନିପୁଣତା ପ୍ରଦର୍ଶନ କରି ଯୁବପିଢିଙ୍କୁ ଆକୃଷ୍ଟ କରିଥିଲେ । ପ୍ରତ୍ୟେକ ଦିନ ଅପରାହ୍ନ ୩ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଷ୍ଟଲ ଖୋଲା ଯାଉଥିଲା । ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ଜାମ୍ମୁକାଶ୍ମୀର୍ ରାଜ୍ୟର କୁଶଳୀ କାରିଗରମାନେ ଏହି ମେଳାରେ ଅଂଶ ଗ୍ରହଣକରି ସେମାନଙ୍କ ସାମଗ୍ରୀଗୁଡ଼ିକ ବିକ୍ରୟ କରିଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

SANCHAR
ସଂଚାର

୪ | ଶୁକ୍ରବାର ୨୦ ଡିସେମ୍ବର ୨୦୨୪, ଭୁବନେଶ୍ୱର
Friday 20 December 2024 | Bhubaneswar


# ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ସହ ଏହାର ନୂତନ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କୁ ଟ୍ରିବ୍ୟୁନାଲର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ତେବେ ଟ୍ରିବ୍ୟୁନାଲର ବର୍ଦ୍ଧିତ ସମୟ ମଧ୍ୟରେ ସମୟ ମଧ୍ୟରେ ମହାନଦୀ ବିବାଦର ସମାଧାନ ସମ୍ଭବ ହେଲା ଭଳି ଲାଗୁ ନାହିଁ। ଯଦି ଏହି ସମୟ ମଧ୍ୟରେ ବିବାଦର ସମାଧାନ ନହୁଏ ତେବେ ଏହାର କାର୍ଯ୍ୟକାଳ ଆହୁରି ବଢ଼ିବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ୍ୟ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ୍ୟ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ôଥକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ତହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ୍ୟ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଳୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି। କଟକ ଜିଲ୍ଲା ନରାଜ ଏବଂ ଯୋବ୍ରାରେ ନିର୍ମିତ ଆନିକଟରେ ଜଳାଭାବ ଦେଖା ଦେଇଛି। ଯୋବ୍ରାରୁ ପାରାଦ୍ୱୀପରେ ପ୍ରତିଷ୍ଠିତ ଆଇଓସିଏଲ ପ୍ଲାଣ୍ଟକୁ ଜଳଯୋଗାଣ ହେଉଛି। ଫଳରେ ଯୋବ୍ରାରେ ପାଣି ଅଭାବ ଦେଖିବାକୁ ମିଳୁଛି। କିଛି ବର୍ଷ ତଳେ ଯେତେବେଳେ ଆଇଓସିଏଲ ଯୋବ୍ରାରୁ ପାଣି ନେବ ବୋଲି ପ୍ରସ୍ତାବ ଆସିଥିଲା ସେତେବେଳେ ଏହାକୁ ବିରୋଧ କରାଯାଇଥିଲା ଏବଂ ଆଇଇସିଏଲ ମହାନଦୀ ମୁହାଣରେ ନିଜସ୍ୱ ଜଳଭଣ୍ଡାର ନିର୍ମାଣ କରୁ ବୋଲି ଅନେକ ମତବ୍ୟକ୍ତ କରିଥିଲେ। ବର୍ଷା ଦିନେ ମହାନଦୀରେ ଆସୁଥିବା ବନ୍ୟାଜଳକୁ ସେଠାରେ ସଞ୍ଚୟ କରାଯାଇ ଏହାକୁ ଶିଳ୍ପ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। କିନ୍ତୁ ଆଇଓସିଏଲ ଏହାକୁ କାର୍ଯ୍ୟକାରୀ କଲାନାହିଁ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ହେତୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀ ଜଳ ବିବାଦ ଆରମ୍ଭରୁ ଛତିଶଗଡ଼ କହିଆସୁଛି ଯେ, ମହାନଦୀ ଉପରମୁଣ୍ଡରେ ନିଜ ଭୌଗଳିକ ସୀମା ଭିତରେ ଏହା ବ୍ୟାରେଜ ନିର୍ମାଣ କରିଛି। ଓଡ଼ିଶା ସରକାର ମଧ୍ୟ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜଳସଞ୍ଚୟ କରିପାରିବେ। ଛତିଶଗଡ଼ ସରକାରଙ୍କ ଏହି ଯୁକ୍ତି ଅନେକାଂଶରେ ଯଥାର୍ଥ। ବର୍ଷା ଦିନେ ମହାନଦୀରେ ପ୍ରବାହିତ ହେଉଥିବା ବିପୁଳ ଜଳରାଶି ସମୁଦ୍ରକୁ ଚାଲିଯାଉଛି। ଓଡ଼ିଶା ସରକାର ଯେବେଠାରୁ ଛତିଶଗଡ଼ ସହ ମହାନଦୀ ଜଳବିବାଦରେ ଲିପ୍ତ ହେଲେଣି ସେବେଠାରୁ ଯୋଜନା କରିଥିଲେ ତଳମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ ହୋଇସାରନ୍ତାଣି। ଛତିଶଗଡ଼ ସରକାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ଆଗୁଆ ଟଙ୍କା ଆଣି ଏହିସବୁ ବ୍ୟାରେଜ ନିର୍ମାଣ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହା କରିପାରନ୍ତେ। ପ୍ରତିବର୍ଷ ବଜେଟରେ ଏଥିଲାଗି କିଛି ଅର୍ଥ ବରାଦ କରାଗଲେ ୧୦ ବର୍ଷରେ ସ୍ଥିତି ବଦଳିଯାଇପାରନ୍ତା। ଟ୍ରିବ୍ୟୁନାଲରେ ମାମଲା ଚାଲୁ। କିନ୍ତୁ ଏହାକୁ ଭରସା କରି ସମୟ ନଷ୍ଟ କରାଯିବା ଅନୁଚିତ। ପ୍ରତିବର୍ଷ ଏହି ପ୍ରସଙ୍ଗ ନେଇ ବିଧାନସଭାରେ ହଟ୍ଟଗୋଳ ହେଉଛି। ରାଜନୈତିକ କାଦୁଅ ଫିଙ୍ଗାରେ ସବୁ ଦଳ ବ୍ୟସ୍ତ। କିନ୍ତୁ ସମସ୍ୟାର ସମାଧାନ ଲାଗି କାହାର ଆନ୍ତରିକତା ନାହିଁ। ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ ନିମନ୍ତେ ଜଙ୍ଗଲ ବା ଚାଷ ଜମି ବୁଡ଼ାଇବାର ଆବଶ୍ୟକତା ନାହିଁ। ନଦୀ ଶଯ୍ୟା ଭିତରେ ଏହା ନିର୍ମିତ ହୋଇପାରିବ। କେବଳ ଏହି ଗୋଟିଏ ଯୋଜନା ଉପରେ ରାଜ୍ୟ ସରକାର ମନୋନିବେଶ କଲେ ଓଡ଼ିଶାର ଭାଗ୍ୟ ବଦଳିଯାଇପାରନ୍ତା। ଏବେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପି କ୍ଷମତାସୀନ ଅଛି। ତେଣୁ ବିବାଦର ସମାଧାନ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଏକ ମିଶନ ଭାବେ ବିବେଚନା କରନ୍ତୁ। ବିବାଦ ଯେତେ ଅଧିକ ଦିନ ଗଡ଼ି ଚାଲିବ ତାହା ସେତେ ଜଟିଳ ହେବ ଏବଂ ଏଥିରେ ଅଧିକରୁ ଅଧିକ ପକ୍ଷଭୁକ୍ତ ହେବେ। ଫଳରେ ବିଚାର ପ୍ରକ୍ରିୟା ବହୁ ବିଳମ୍ବ ହେବ। ସରକାରଙ୍କ ରାଜକୋଷରୁ ବିପୁଳ ଅର୍ଥ ବରବାଦ ହେବ। ତେଣୁ ମୂଳରୁ ଟ୍ରିବ୍ୟୁନାଲ ଗଠନ ପରିବର୍ତ୍ତେ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପନ୍ଥା ନିର୍ଦ୍ଧାରଣ ସପକ୍ଷରେ ମତ ପ୍ରକାଶ ପାଇଥିଲା। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ଏବେ ଏହାର ମୂଲ୍ୟ ଆମକୁ ଦେବାକୁ ପଡ଼ିବ। ଟ୍ରିବ୍ୟୁନାଲରେ ଲଢ଼ିବା ପାଇଁ ରାଜ୍ୟ ସରକାରଙ୍କୁ ଓକିଲଙ୍କ ପ୍ରାପ୍ୟ ଏବଂ ଅନ୍ୟାନ୍ୟ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିବ। ଏହି ଅର୍ଥ ସାଧରଣ ନାଗରିକଙ୍କ ଟିକସ ଅର୍ଥରୁ ବ୍ୟୟ ହେବ। ତେଣୁ ଅନ୍ତତଃ ପଟେ ମାମଲାର କିପରି ଶୀଘ୍ର ଫଇସଲା ହେବ ସେ ଦିଗରେ ଉଦ୍ୟମ ହେବା ଉଚିତ। ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସରକାର ଏହାକୁ ଗମ୍ଭୀରତାର ସହ ନେବା ଉଚିତ। ମାମଲାକୁ ଅଧିକ ଦିନ ଗଡ଼ାଇବା ଅନୁଚିତ।

## ସମ୍ପାଦକଙ୍କୁ ପତ୍ର

### ଶୀତଳ ଭଣ୍ଡାର ନିର୍ମାଣ ଜରୁରୀ

**ମହାଶୟ,**

ରାଜ୍ୟରେ ଆଳୁ, ପିଆଜ, ଟମାଟୋ ଉତ୍ପାଦନ ବୃଦ୍ଧି ଯେତିକି ଜରୁରୀ ଏସବୁର ଉପଯୁକ୍ତ ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର ନିର୍ମାଣ ମଧ୍ୟ ସେତିକି ଜରୁରୀ। ଶୀତ ଋତୁରେ ଓଡ଼ିଶାରେ ପ୍ରଚୁର ପରିମାଣର ଟମାଟୋ ଉତ୍ପାଦନ ହୋଇଥାଏ। କିନ୍ତୁ ଚାଷୀମାନେ ଏହାକୁ ସଂରକ୍ଷିତ କରି ରଖିପାରନ୍ତି ନାହିଁ ଏବଂ ବାଧ୍ୟ ହୋଇ କେଜି ପଚାଶ ପଇସାରେ ବିକ୍ରି କରନ୍ତି। ଅନେକ ବିଲରୁ ଟମାଟୋ ତୋଳନ୍ତି ନାହିଁ ମଧ୍ୟ। ଚାଷର ଯେତିକି ଖର୍ଚ୍ଚ କରିଥାନ୍ତି ତାହାର ଅଧା ବି ଉଠେନି। ସେଥିପାଇଁ ଅନେକ ଚାଷୀ ଆଉ ଟମାଟୋ ବା ଅନ୍ୟ ପନିପରିବା ଚାଷ ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ଯେତିକି ଅର୍ଥ ବରବାଦ କରୁଛନ୍ତି ସେଥିରେ ପ୍ରତି ଜିଲ୍ଲାରେ ୧୦ଟି ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ ହୋଇପାରିବ। ଏଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ।

**ସୁରେନ୍ଦ୍ର ବିଶ୍ୱାଳ, ବାଲିପାଟଣା**

# ‘ସମଦୂରତା’ରୁ ‘ନିରପେକ୍ଷତା’



**ବ୍ରଜ ରଞ୍ଜନ ଦାଶ**

ବିଜୁ ଜନତା ଦଳ ରାଜନୀତିର ମୂଳ ଆଧାର ଥିଲା 'ସମଦୂରତା'। ଏହାକୁ ଆଧାର କହିବା ବୋଧହୁଏ ଠିକ ହେବ ନାହିଁ। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡ଼ିଏ ମେଣ୍ଟକୁ ନିରବ ସମର୍ଥନ କରିବାର ଏକ ସୁଚିନ୍ତିତ ରାଜନୈତିକ ରଣନୀତି ଥିଲା,। ୨୦୦୨ ରୁ ୨୦୦୯ ପର୍ଯ୍ୟନ୍ତ ଓଡିଶାକୁ ବିଜେପି-ବିଜେଡି ମିଳିତ ଭାବରେ ଶାସନ କରିଥିଲେ। ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ଘଟଣା ପରେ ପରେ ବିଜେଡି ସାମ୍ପ୍ରଦାୟିକ ରାଜନୀତିର ଆରୋପରୁ ବର୍ତ୍ତିଯିବାର ବାଟ ଖୋଜିଥିଲା। ବିଜେଡିକୁ ଏକାକୀ ରାଜନୀତିର ମୈଦାନରେ ଛିଡା କରିବାରେ ତତ୍କାଳୀନ ରାଜନୈତିକ ପରାମର୍ଶଦାତା ପ୍ୟାରୀ ବାବୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତୃଣମୂଳ ସ୍ତରରୁ ଏହି ଦଳକୁ ମଜବୁତ କରିବାରେ ତାଙ୍କର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ପ୍ୟାରୀ ବାବୁଙ୍କ ଆକଳନ ଅନୁସାରେ ବିଜେଡିକୁ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ଅଭୁତପୂର୍ବ ସଫଳତା ମିଳିଲା। ୨୦୦୪ ରୁ ୨୦୧୪, କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର କ୍ଷମତାରେ ଆସୀନ ରହିଥିବା ସମୟରେ ବିଜେଡି ସୁପ୍ରିମୋ ନବୀନ ବାବୁ ସମସ୍ତ ନୀତିଗତ ଓ ରାଜନୈତିକ ପ୍ରସଙ୍ଗରେ ବିଜେଡି ଉଭୟ କଂଗ୍ରେସ ଓ ବିଜେପି ଠାରୁ ସମଦୂରତା ରକ୍ଷା କରିବ ବୋଲି ସ୍ପଷ୍ଟ ଅଭିମତ ରଖୁଥିଲେ। ୟୁପିଏର ୧୦ ବର୍ଷର ଶାସନ କାଳ ମଧ୍ୟରେ ସମଦୂରତା ନୀତି ପାଇଁ ରାଜ୍ୟକୁ ଅନେକ କିଛି ହରାଇବାକୁ ପଡିଥିଲା। ୨୦୧୪ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ମଧ୍ୟ ବିଜେଡିର ସମଦୂରତା ଫର୍ମୁଲା କାଏମ ରହିଥିଲେ ମଧ୍ୟ ବିଜେପି ଆଡକୁ ଢ଼ଳିବାର ଆଭାସ ମିଳୁଥିଲା। ଓଡ଼ିଶାରେ ହୋଇଥିବା କୋଇଲା ଦୁର୍ନୀତି, ଚିଟଫଣ୍ଡ କେଳେଙ୍କାରୀ ଏପରି ବହୁ ମାମଲାର ଖୋଳତାଡ଼ ହେଇଯିବାର ଆଶଙ୍କା ଘାରିଥିଲା। ସେଥିପାଇଁ ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ସମଦୂରତା ଆଢୁଆଳରେ ବିଜେପି ଆଡକୁ ନଇଁପଡି ନିରାପଦରେ ଶାସନ କାର୍ଯ୍ୟ ଚଳାଇବା ପରେ ୨୦୨୪ ନିର୍ବାଚନରେ ବିଜେପି ଠାରୁ ଶୋଚନୀୟ ପରାଜୟବରଣ କଲା। ଲୋକସଭାର ୨୧ଟି ଆସନରୁ ୨୦ଟି ଆସନ ବିଜେପି ହାତକୁ ଚାଲିଯିବା ପରେ ବିଜେଡିର ସମଦୂରତା ନୀତିକୁ ଶକ୍ତ ଝଟକା ପହଞ୍ଚିଥିଲେ ମଧ୍ୟ ବିଧାନସଭାରେ ବିରୋଧୀ ଦଳ ଭୂମିକା ନିର୍ବାହ କରୁଥିବା ବିଜେଡି ଏବେ ଏବେ ସମଦୂରତାରୁ ନିରପେକ୍ଷତା ନାଟକବାଜି ଆରମ୍ଭ କରିଛି। କେଉଁ ଅଜଣା ଭୂତର ଭୟ ଏହି ଦଳକୁ ଘାରିଛି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଥିବା ବେଳେ କ୍ଷମତାକୁ ଆସିଲେ ଚିଟଫଣ୍ଡ ଦୁର୍ନୀତିର ପର୍ଦ୍ଦାଫାଶ ହେବ ଏବଂ ଜମାକାରୀଙ୍କୁ ସେମାନଙ୍କର ଅର୍ଥ ଫେରସ୍ତ ମିଳିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ, ଅମିତ ଶାହା ଘୋଷଣା କରିଥିବା ମୋଦି ଗ୍ୟାରେଣ୍ଟି କୁଆଡେ ଗଲା ବୋଲି ସାଧାରଣ ଜନତା ପ୍ରଶ୍ନ କଲେଣି। ସେହିପରି ଦୁର୍ନୀତିଗ୍ରସ୍ତ ଚିଟଫଣ୍ଡ ଅଧିକାରୀ ଓ ଏଥିରେ ସମ୍ପୃକ୍ତ ରାଜନେତାମାନଙ୍କ ବିରୋଧରେ ସିବିଆଇ ତଦନ୍ତରେ




ଶିଥିଳତା କାହିଁକି ସେ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। କ୍ଷମତାକୁ ଆସିଲେ ଭି କେ ପାଣ୍ଡିଆନ ଓ ବିଜେଡି ନେତାଙ୍କର ଦୁର୍ନୀତି ପଦାରେ ପଡିବ ବୋଲି ରାଜ୍ୟରେ କ୍ଷମତାସୀନ ବିଜେପି ସରକାରର ଶାଣିତ ସ୍ୱର ନରମି ଗଲାଣି। ସମଦୂରତାରୁ ନିରପେକ୍ଷତା ଆଡକୁ ମୁହାଇଁଥିବା ବିଜେଡି ଏବେ ବି ବିଜେପିର ଆଗରେ ହାତ ଟେକି ଦେଇଛି। ଏହି ଦଳର ୯ ଜଣ ରାଜ୍ୟସଭା ସାଂସଦ ଦଳରୁ ଇସ୍ତଫା ଦେଇ ବିଜେପି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇସାରିଲେଣି। ତଥାପି ବିଜେଡି ସମଦୂରତା, ନିରପେକ୍ଷତାର ଆଈ ମା କାହାଣୀ ଶୁଣାଇ କାହାକୁ ଭୂଆଁ ବୁଲାଉଛି ଜଣାପଡୁନି। ପ୍ରକାଶଯୋଗ୍ୟ, ଶାସକ ସପକ୍ଷରେ ଓ ପ୍ରତିପକ୍ଷ ଦଳ ପ୍ରତି ବାଛ ବିଚାର କରୁଥିବା ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି, ଜଗଦୀପ ଧନଖଡ଼ଙ୍କ ବିରୋଧରେ କଂଗ୍ରେସ ନେତୃତ୍ୱରେ ଏକ ଅନାସ୍ଥା ପ୍ରସ୍ତାବ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଗତ କରାଯାଇଛି। ୭୦ ଜଣ ସାଂସଦ ଏଥିରେ ଦସ୍ତଖତ କରିଛନ୍ତି। କିନ୍ତୁ ବିଜେଡି ରାଜ୍ୟସଭା ସାଂସଦମାନେ ଏଥିରୁ ବିରତ ରହିବା ସହ ଧନକଡ଼ଙ୍କ ସହିତ ଫୋଟୋ ଉଠାଇବା ଘଟଣା ସମସ୍ତଙ୍କୁ ହତଚକିତ କରିଦେଇଛି। ସେମାନେ ଅନାସ୍ଥା ପ୍ରସ୍ତାବକୁ ବିରୋଧ କରୁଥିବା ସ୍ପଷ୍ଟ ହୋଇଯାଇଛି। ଏଥିରୁ ଆମର ଅଡିସବାସୀଙ୍କୁ କଣ ବାର୍ତ୍ତା ମିଳୁଛି ?। ବିଜେଡିର ଅସଲ ମୁଖା ଖୋଲିଯାଇଛି। ଓଡ଼ିଶାରେ ମଧ୍ୟ ବିଜେପି - ବିଜେଡି ସରକାର ସଲାସୁତରାରେ ଚାଲିଥିବାର ସନ୍ଦେହ ସୃଷ୍ଟି ହେଉଛି। ବିରୋଧୀ ଦଳର ଭୂମିକା ତୁଲାଇବାରେ ବିଜେଡି ଉପରେ ଭରସା କରାଯାଇପାରିବ ନାହିଁ କିମ୍ବା ବିଜେଡି ଅମଳରେ ହୋଇଥିବା ଚରମ ଦୁର୍ନୀତି ଓ ହରିଲୁଟର ତଦନ୍ତ ବିଜେପି ସରକାର କରିପାରିବ ନାହିଁ ବୋଲି ଏକ ବାର୍ତ୍ତା ଧୀରେ ଧୀରେ ଜନମାନସ ମଧ୍ୟରେ ଯେଉଁ ଉଦବେଳନ ସୃଷ୍ଟି କଲାଣି ଆଗାମୀ ଦିନରେ ତାହାର ପରିଣାମ ଦେଖିବାକୁ ମିଳିପାରେ। ଆଉ ସମଦୂରତା କିମ୍ବା ନିରପେକ୍ଷତାର ଭ୍ରମ ସୃଷ୍ଟି କରି ଜନସାଧାରଣଙ୍କୁ ପ୍ରତାରିତ କରିହେବ ନାହିଁ। ଦିଲ୍ଲୀର ରିମୋଟରେ ଚାଲିଥିବା ରାଜ୍ୟ ବିଜେପିର କିଛି ଭୂମିକା ନାହିଁ। ଭ୍ରଷ୍ଟ ଆଇପିଏସ ଅଧିକାରୀ କୁଟେ ଓ ଆଶିଷ ସିଂହଙ୍କୁ ଡେପୁଟେସନରେ କେନ୍ଦ୍ର ସରକାର କୋଳେଇ ନେଇ ଦୋଷମୁକ୍ତ କରିଦେୱା ଘଟଣା ମଧ୍ୟ ମୋଦି ସରକାରର ସ୍ୱଚ୍ଛତାକୁ ପଦାରେ ପକାଇଥିବା ବେଳେ ରାଜ୍ୟ ବିଜେପି ସରକାରର ଅସହାୟତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ସମଦୂରତାରୁ ନିରପେକ୍ଷତା ଆଡକୁ ଲମ୍ଫ ପ୍ରଦାନ କରିଥିବା ଓ ଓଡିଶାବାସୀଙ୍କୁ ଭୂଆଁ ବୁଲାଇ କେନ୍ଦ୍ର ସରକାର ବିଜେଡି ଓ ବରିଷ୍ଠ ଅଧିକାରୀଙ୍କ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ଇଙ୍ଗିତ କରୁଛି, ଆରେ ଲୁଚିଛି ନା ଗୋଡ ଦି'ଟା ଦିଶୁଛି।


**ବରିଷ୍ଠ ସାମ୍ବାଦିକ**
**ପ୍ଲଟ ନଂ ୬୭୦, ହାଟସାହି, ଓଲ୍ଡ ଟାଉନ**
**ଭୁବନେଶ୍ୱର**
**ମୋବାଇଲ: ୭୭୩୫୦୮୩୩୫୩**


# ଦାୟିତ୍ୱବୋଧର ସନ୍ଦେଶ ଦିଏ ଗୀତା



**ଗୋପାଳ ମହାପାତ୍ର**

ଗୀତା ହେଉଛି ଏକମାତ୍ର ଏମିତି ଗ୍ରନ୍ଥ ଯାହାର ଜୟନ୍ତୀ ପ୍ରତିବର୍ଷ ପାଳନ କରାଯାଇଥାଏ। ପ୍ରତିବର୍ଷ ମାର୍ଗଶୀର ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ଗୀତାକୁ ଶ୍ରୀମଦ୍‌ଭଗବଦ୍ ଗୀତା ଏବଂ ଗୀତୋପନିଷଦ ବୋଲି ମଧ୍ୟ କୁହାଯାଇଥାଏ। ପୌରାଣିକ ତଥ୍ୟ ଅନୁସାରେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଯେଉଁ ଉପଦେଶ ଦେଇଥିଲେ ତାକୁ ଗୀତା କୁହାଯାଏ। ଗୀତାର ଉପଦେଶରେ ଜୀବନ ଜିଇଁବା ଧର୍ମର ଅନୁସରଣ କରିବା ଏବଂ କର୍ମର ଗୁରୁତ୍ୱକୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଛନ୍ତି। ଗୀତାର ଉପଦେଶକୁ ଅନୁସରଣ କଲେ ସମସ୍ତ ଅସୁବିଧା ଏବଂ ଶଙ୍କାର ନିବାରଣ ହୋଇଥାଏ। ଗୀତା ଜୟନ୍ତୀ ଶ୍ରୀମଦ୍ ଭଗବଦ୍ ଗୀତାର ଆଗମନର ଶୁଭ ଦିନ ଅଟେ। ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ଦୁନିଆର ସବୁଠାରୁ ଶ୍ରେଷ୍ଠ ଗ୍ରନ୍ଥ। ଶ୍ରୀମଦ୍ ଭଗବଦ୍ ଗୀତା ସ୍ୱଧର୍ମ ଏବଂ କର୍ତ୍ତବ୍ୟ ପଥର ମାର୍ଗ ପ୍ରଶସ୍ତ କରିଥାଏ। ଏହା ହେଉଛି ଭଗବାନ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ।

ଗୀତା ହଜାର ହଜାର ବର୍ଷର ପୁରୁଣା ଗ୍ରନ୍ଥ, ଏଥିରେ ଥିବା ସବୁ ଶବ୍ଦର ନିହିତାର୍ଥ, ଜ୍ଞାନ, ଜୀବନଦୃଷ୍ଟି ଏବଂ ସଂସାରକୁ ଦେଖିବା ଓ ବଞ୍ôଚବାର ସାର୍ଥକ ଦୃଷ୍ଟିକୋଣ। ଏହା ଏକ କଳାତୀତ, ସାର୍ବଭୌମିକ ଏପରିକି ସର୍ବକାଳୀନ ମାର୍ଗଦର୍ଶକ ଭାବେ ପରିଚିତ ଦେଇଛି। ଗୀତାର ଚିରସ୍ଥାୟୀ ମାର୍ଗଦର୍ଶକ ସିଦ୍ଧାନ୍ତକୁ ବୁଝିପାରିଲେ ଆମର ଦୈନନ୍ଦିନର ଜୀବନରେ ଆମକୁ ସହାୟତା ମିଳିଥାଏ। ଏହା ଏକ ଆଲୌକିକ, ଅଦ୍‌ଭୁତ ଏବଂ କାଳଜୟୀ ରଚନା ଯିଏ ଆମକୁ ଆମର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରା ସହ ପରିଚିତ କରାଇଥାଏ। ଗୀତାର ଶ୍ଳୋକରୁ ମଣିଷଙ୍କୁ ତାର ବିଭିନ୍ନ ସମସ୍ୟାର ସମାଧାନ ଖୋଜିଲେ ଜୀବନର ସତ୍ୟତାର ପରିଚୟ ମିଳିଥାଏ ଏବଂ ଅନ୍ଧ ବିଶ୍ୱାସ ଏବଂ ମିଥ୍ୟା ମାନ୍ୟତାରୁ ମୁକ୍ତି ପାଇବାର ବାଟ ସହଜ ହୋଇଥାଏ। ଗୀତାର ଜ୍ଞାନ ମଣିଷର ସନ୍ଦେହ ଏବଂ ଶଙ୍କାକୁ ଦୁର କରିଥାଏ ଏବଂ ମଣିଷର ଆତ୍ମବିଶ୍ୱାସକୁ ଦୃଢ଼ କରିଥାଏ। ସାରାଂଶ ରୂପରେ ଦେଖିଲେ ଗୀତାରେ ଆତ୍ମାର ନଶ୍ୱରତା "ନୈନଂଛନ୍ଦନ୍ତି ଶସ୍ତ୍ରାଣୀ ନୈନ ଦହତି ପାବକଃ" ଏବଂ କର୍ମ (କର୍ତ୍ତବ୍ୟପାଳନ) "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଶୁ କଦାଚନ"ର ଉପଦେଶ ଦିଆଯାଇଛି। ଗୀତା ଏକ ପ୍ରମୁଖ ହିନ୍ଦୁ ଧର୍ମଗ୍ରନ୍ଥ ଅଟେ ଯାହା ମହାକାବ୍ୟ ମହାଭାରତର ଏକ ଅଂଶ ଅଟେ। ଏଥିରେ ଥିବା ଶ୍ଳୋକକୁ ୧୮ ଅଧ୍ୟାୟରେ ବିଭାଜିତ କରାଯାଇଛି।

ମହାଭାରତ ଯୁଦ୍ଧ ପୁର୍ବରୁ ଶ୍ରୀକୃଷ୍ଣ କୌରବ ମାନଙ୍କ ସହ ସମାଧାନ ପାଇଁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ଦୁର୍ଯ୍ୟୋଧନ ବିନା ଯୁଦ୍ଧେ ସୁଖାଗ୍ରେ ମେଦିନୀ ନଦେବା ପାଇଁ କହିବା ପରେ ଯୁଦ୍ଧ ଅପରିହାର୍ଯ୍ୟ ଥିଲା। ପରିଶେଷରେ ଯୁଦ୍ଧ ଆରମ୍ଭ ହେଲା ଓ କୌରବ-ପାଣ୍ଡବ ମାନେ ଯୁଦ୍ଧ କ୍ଷେତ୍ରରେ ମୁହାଁମୁହିଁ ହେଲେ। ଯୁଦ୍ଧରେ ଅର୍ଜୁନଙ୍କ ରଥରେ ସାରଥି ହୋଇଥିଲେ ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣ ଯୁଦ୍ଧଭୂମୀକୁ ରଥ ନେବା ପରେ ଅର୍ଜୁନ ଯୁଦ୍ଧଭୂମୀରେ ପିତାମହ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ଏବଂ କୌରବ ସେନାରେ ନିଜର କୁଟୁମ୍ବଙ୍କୁ ଦେଖିଲେ ସେତେବେଳେ ସେ ଚିନ୍ତାରେ ପଡ଼ିଯାଇଥିଲେ ଓ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଯୁଦ୍ଧ କରିବେ ନାହିଁ ବୋଲି କହିଥିଲେ। ଅର୍ଜୁନ କହିଥିଲେ ଯେ କୁଟୁମ୍ବର ଲୋକଙ୍କୁ ମାରି ରାଜ୍ୟ ଲାଭ କରିବା ପାଇଁ ସେ ଚାହାଁନ୍ତି ନାହିଁ। ଯୁଦ୍ଧ କରିବାକୁ ନେଇ ଅର୍ଜୁନଙ୍କ ମନରେ ଦ୍ୱନ୍ଦ ଚାଲିଥିଲା ଓ ସେ ଧନୁକୁ ରଖିଦେଇ ଶ୍ରୀକୃଷ୍ଣଙ୍କୁ ଏବାବଦରେ ସହାୟତା ମାଗିଥିଲେ। ଅର୍ଜୁନଙ୍କୁ କିଂକର୍ତ୍ତବ୍ୟବିମୁଢ଼ି, ମୋହଗ୍ରସ୍ତ ଏବଂ ସାଂସାରିକତାକୁ ନେଇ ଦ୍ୱନ୍ଦରେଥିବା ଦେଖି ଶ୍ରୀକୃଷ୍ଣ ତାଙ୍କୁ ଆଶ୍ୱାସନା ଦେଇଥିଲେ। ଶ୍ରୀକୃଷ୍ଣ ଆଶ୍ୱାସନା ଛଳରେ ଅର୍ଜୁନଙ୍କୁ ଯେଉଁ ପରାମର୍ଶ, ସନ୍ଦେଶ ଏବଂ ଉପଦେଶ ଦେଇଥିଲେ



ତାକୁ ଭଗବଦ୍ ଗୀତା କୁହାଯାଏ। ଅସଲରେ ଗୀତା ଏକ ସାଧାରଣ ଗ୍ରନ୍ଥ ନୁହେଁ, ଜୀବନ ଦର୍ଶନ ଅଟେ। ଶତ ଶହ ବର୍ଷ ପୂର୍ବେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ଉପଦେଶ ଆଜିର ସମୟରେ ମଧ୍ୟ ଲୋକଙ୍କ ଜୀବନର ନିରାଶା, ଅସୁବିଧା, ସାଂସାରିକତାରୁ ବାହାରିବାର ବାଟ ବତାଇଥାଏ। ହିନ୍ଦୁ ସଂସ୍କୃତିର ଲୋକେ ଯେ ଗୀତାର ଉପଦେଶକୁ ଆପଣେଇଥାନ୍ତି ତା ନୁହେଁ ଅନ୍ୟ ଧର୍ମର ଲୋକେ ମଧ୍ୟ ଗୀତାର ଉପଦେଶକୁ ଆପଣେଇଥାନ୍ତି। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେତେବେଳେ ଧର୍ମର ହାନୀ ହୋଇଥାଏ, ଦୁଷ୍ଟ ମାନଙ୍କର ଆଧିପତ୍ୟ ବଢ଼ିଥାଏ ଏବଂ ଅଧର୍ମର ବୃଦ୍ଧି ହୋଇଥାଏ ସେତେବେଳେ ସେ (ଭଗବାନ) ଅବତାର ନେଇଥାନ୍ତି। ଫଳତଃ ବିଶ୍ୱରେ ଶାନ୍ତି ତଥା ଧର୍ମର ସାମ୍ରାଜ୍ୟ ସ୍ଥାପିତ ହୋଇପାରିଥାଏ। ଗୀତାର ପ୍ରଥମ ଅଧ୍ୟାୟରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ। ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଲଗାତର ପ୍ରଶ୍ନ କରିଥିଲେ ଓ ଯୁଦ୍ଧ ନ କରିବା ପାଇଁ କହିଥିଲେ। କିନ୍ତୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କିଛି ଉତ୍ତର ଦେଇନଥିଲେ। ଶ୍ରୀକୃଷ୍ଣଙ୍କୁ ମୌନ ଦେଖି ଅର୍ଜୁନଙ୍କ ଆଖିରୁ ଲୁହ ଝରିବାରେ ଲାଗିଲା ଓ ତା ପରେ ହିଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇଥିଲେ। ଏହାର ଅର୍ଥ ହେଉଛି ଯେତେବେଳେ ମନୁଷ୍ୟ ନିଜକୁ ବୁଦ୍ଧିମାନ ବୋଲି ଭାବିଥାଏ ଏବଂ ବ୍ୟର୍ଥ ତର୍କ ଦେଇଥାଏ ସେତେବେଳେ ଭଗବାନ ମୌନ ରହିଥାନ୍ତି। କିନ୍ତୁ ଯେତେବେଳେ ମନୁଷ୍ୟ ଅହଂକାରକୁ ଛାଡି ଭଗବାନଙ୍କ ଶରଣାପନ୍ନ ହୁଏ ଭଗବାନ ଭକ୍ତଙ୍କ ସବୁପ୍ରଶ୍ନର ଉତ୍ତର ଦେଇଥାନ୍ତି।

ଯେତେବେଳେ ମନୁଷ୍ୟ ଅହଂକାର ଛାଡିଦିଏ ସେତେବେଳେ ହିଁ ଭଗବାନଙ୍କ କୃପା ମିଳିଥାଏ। ଅର୍ଜୁନଙ୍କ ଆଖିରେ ଲୁହ ଦେଖି ତାଙ୍କର ଅଜ୍ଞାନତା ଏବଂ ମୋହ ଦୁର କରିବା ପାଇଁ ଉପଦେଶ ଦେଇଥିଲେ। ଗୀତାରେ ଭଗବାନ ଅର୍ଜୁନଙ୍କୁ କର୍ମ ଏବଂ କର୍ତ୍ତବ୍ୟର ମହତ୍ୱ ବୁଝାଇଥିଲେ ଓ ନିଜର କର୍ମ କରିବା ପାଇଁ ଉପଦେଶ ଦେଇଥିଲେ ଏବଂ ମୋହ ତ୍ୟାଗ କରି ଯୁଦ୍ଧ କରିବା ପାଇଁ କହିଥିଲେ। ଶ୍ରୀକୃଷ୍ଣ କହିଥିଲେ" ପାର୍ଥ ତୁମେ କେବଳ କର୍ମକର, ଫଳର ଚିନ୍ତର କରନାହିଁ"। ଶ୍ରୀକୃଷ୍ଣଙ୍କ ଏହି ସନ୍ଦେଶ କେବଳ ଅର୍ଜୁନଙ୍କ ପାଇଁ ନୁହେଁ ସମ୍ପୂର୍ଣ୍ଣ ମାନବ ଜାତି ପାଇଁ ଉଦ୍ଦିଷ୍ଟ। କର୍ମ ପ୍ରତି ଆସକ୍ତି ମଣିଷ ମନରେ ଅହଂ ଭାବ ସୃଷ୍ଟି କରିଥାଏ, ଗୀତା ମଣିଷ ଭିତରେ ଥିବା "ଅହଂ"ରୁ ମୁକ୍ତି ଦେଇଥାଏ ଓ ନିଷ୍କାମ କର୍ମର ସନ୍ଦେଶ ଦେଇଥାଏ। ଭଗବାନ କହିଛନ୍ତି ଯେ ଯଦି କେହି ନିରନ୍ତର ଭାବେ ତାଙ୍କୁ ଭକ୍ତିକରେ ତେବେ ସେ ତାଙ୍କୁ ପାଇପାରେ। ଭାରତୀୟ ସଂସ୍କୃତିରେ ଗୀତାର ସ୍ଥାନ ସର୍ବୋଚ୍ଚ ଅଟେ। ଭାରତୀୟ ସାଧୁ - ସନ୍ଥ ମାନଙ୍କ ଅନ୍ତରରେ ଗୀତାର ଶ୍ଳୋକ ଝଙ୍କୃତ ହୋଇଥାଏ। ସାଧୁସନ୍ଥ ମାନେ ଯେତେ ସବୁ ଉପଦେଶ ଦେଇଥାନ୍ତି ସେ ସବୁରେ ଗୀତାର କଥାହିଁ ରହିଥାଏ। ଏଣୁ ଗୀତାକୁ ଧର୍ମ, ଆଧ୍ୟାତ୍ମର ଅମୂଲ୍ୟ କାବ୍ୟ ବୋଲି ମଧ୍ୟ କୁହାଯାଇପାରେ। ମୋଟାମୋଟି ଭାବେ ଶ୍ରୀମଦ ଭଗବଦ୍ ଗୀତା ମଣିଷକୁ ତାର ସମସ୍ତ କର୍ମ ଭଗବାନଙ୍କୁ ସମର୍ପିତ କରି ସ୍ୱଧର୍ମ ପାଳନ କରିବାରେ ସନ୍ଦେଶ ଦେଇଥାଏ। ଗୀତାର ସାରକଥା ପ୍ରଥମ ଅଧ୍ୟାୟର ପ୍ରଥମ ଶୋ୍ଳକର ପ୍ରଥମ ଶବ୍ଦ ଏବଂ ଶେଷ ଅଧ୍ୟାୟର ଶେଷ ଶ୍ଳୋକର ଶେଷ ଶବ୍ଦରୁ ସ୍ପଷ୍ଟ ଜଣାପଡ଼େ। ଶ୍ରୀମଦ୍ ଭଗବଦ୍‌ଗୀତା ଅର୍ଥାତ୍ "ଧର୍ମମମ" ଅର୍ଥାତ୍ "ମୋ ଧର୍ମ" ଅର୍ଥାତ୍ "ସ୍ୱଧର୍ମ"।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ପର୍ଜନ୍ୟ ଅର୍ଥାତ୍ ପ୍ରାଣବର୍ଷା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଗୀତାର ଭଗବାନ କୃଷ୍ଣ କହନ୍ତି, 'ଯଜ୍ଞାଦ ଭବତି ପର୍ଜନ୍ୟଃ' ଅର୍ଥାତ୍ ଯଜ୍ଞ ଦ୍ୱାରା ପର୍ଜନ୍ୟ ବର୍ଷା ହୁଏ। ଲୋକେ ବର୍ଷାର ଅର୍ଥ ପାଣିବର୍ଷାକୁ ବୁଝନ୍ତି, ଏହା ଯଦି ସତ ହୋଇଥାନ୍ତା ତେବେ ପାଣିବର୍ଷା ମନୁଷ୍ୟ ହାତରେ ଥାନ୍ତା, କଦାପି ପାଣିର ଅଭାବ ପଡ଼ନ୍ତା ନାହିଁ। ଯେତେବେଳେ ଯେତିକି ବର୍ଷାର ଆବଶ୍ୟକତା ହୁଅନ୍ତା ସେତେବେଳେ ସେତିକି ବର୍ଷା କରାଯାଇ ପାରନ୍ତା। ବନ୍ୟା ହେବାର ସଙ୍କଟ ରହନ୍ତା ନାହିଁ ଏବଂ ବର୍ଷା ଅଭାବରେ ଦୁର୍ଭିକ୍ଷ ପଡ଼ିବାର ଦେଖାଯାନ୍ତା ନାହିଁ। ମନ ହେବାମାତ୍ରେ ବର୍ଷା କରାଯାଇ ପାରନ୍ତା। ତାର ମାତ୍ରା ନିୟନ୍ତ୍ରଣ ମଧ୍ୟ ମନୁଷ୍ୟ ହାତରେ ଥାନ୍ତା। ପର୍ଜନ୍ୟ ବର୍ଷା କଥା ସତ ଅଟେ କିନ୍ତୁ ପାଣି ବର୍ଷା ନୁହେଁ। ତେବେ ପାଣି ବ୍ୟତୀତ ଆଉ କୌଣସି ବସ୍ତୁ ମଧ୍ୟ ବର୍ଷା ହୁଏ କି ? ଏହାର ଉତ୍ତର 'ହଁ'ରେ ଦିଆଯାଇପାରେ ଏବଂ ଉକ୍ତ ବର୍ଷା ହେବା ବସ୍ତୁକୁ ହିଁ ପର୍ଜନ୍ୟ କୁହାଯାଏ। ଏହାପାଣି ନୁହେଁ, 'ପ୍ରାଣ' ଅଟେ। ପ୍ରାଣ କହନ୍ତି ଜୀବନୀ ଶକ୍ତିକୁ। ଯେଉଁ ବସ୍ତୁ ବଳ, ସାମର୍ଥ୍ୟ ପ୍ରଦାନ କରେ, ତାହା ହିଁ ଜୀବନୀ ଶକ୍ତି ଅଟେ। ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି। ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ। ଯଦି ଦୁର୍ଘଟଣା ହୋଇନଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା। ଜୀବନୀ ଶକ୍ତି ଶରୀରକୁ ବଳବାନ, ନିରୋଗ ଏବଂ ଦୀର୍ଘଜୀବୀ କରିବା ସହିତ ମନୋବଳ ବୃଦ୍ଧି କରେ। ଏହାଦ୍ୱାରା ଓଜସ୍ ଏବଂ ବର୍ଚ୍ଚସର ବିଭୁତି ପ୍ରାପ୍ତ ହୁଏ। ଏହାକୁ ପ୍ରତିଭା ମଧ୍ୟ କୁହାଯାଏ। ପ୍ରତିଭାର ସ୍ରୋତ ଅନ୍ତରୀକ୍ଷ ଅଟେ। ଅନ୍ତରୀକ୍ଷରୁ କିରଣ ମଧ୍ୟ ବର୍ଷା ହୁଏ। ସୂର୍ଯ୍ୟ କିରଣକୁ ଜୀବନଦାତ୍ରୀ ବୋଲି କୁହାଯାଏ। ତଦ୍ୱାରା ବର୍ଷା ମଧ୍ୟ ହୁଏ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ତଦ୍ୱାରା ବର୍ଷା ଅତିରିକ୍ତ ଆଉ ବହୁତ କିଛି ବର୍ଷା ହୁଏ। ବର୍ଷା ପାଣିରେ ଉତ୍ପାଦକଶକ୍ତି ଥାଏ। ସମୟ ସମୟରେ ତାର ନ୍ୟୂନତା ମଧ୍ୟ ଦେଖାଦେଇ ଥାଏ। ଏପରି ପରିସ୍ଥିତିରେ ଯେଉଁ ବନସ୍ପତି ଉତ୍ପନ୍ନ ହୁଅନ୍ତି ସେମାନେ ନିର୍ଜୀବ ହୁଅନ୍ତି। ବିଶ୍ଳେଷଣ କର୍ତ୍ତାଙ୍କ ଅନୁସାରେ ସେମାନଙ୍କ ଠାରେ ରାସାୟନିକ ପଦାର୍ଥ ସ୍ୱଳ୍ପ ମାତ୍ରାରେ ଥାଏ।

> **ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି। ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ। ଯଦି ଦୁର୍ଘଟଣା ହୋଇନଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା।**

ଫଳରେ ସେମାନଙ୍କର ପତ୍ର ଫୁଲ ଫଳ ସ୍ୱଳ୍ପମାତ୍ରାରେ ହୁଏ। ସେମାନଙ୍କୁ ଖାଉଥିବା ପଶୁପକ୍ଷୀ ମଧ୍ୟ ଦୁର୍ବଳ ହୁଅନ୍ତି, ଦୁଧ ଅଳ୍ପ ଦିଅନ୍ତି, ଶିଶୁମାନେ ଦୁର୍ବଳ ହୁଅନ୍ତି। ପର୍ଜନ୍ୟ ଅର୍ଥ ଅନ୍ୟ ପ୍ରକାରେ ଜୀବନୀଶକ୍ତି ଅଟେ। ତାହା ବର୍ଷା ସହିତ ବରଷିପାରେ ଏବଂ ପ୍ରାଣବାୟୁରେ ମଧ୍ୟ ଦ୍ରବିତ ହୋଇ ରହିପାରେ। ବାୟୁରେ ପ୍ରାଣବାୟୁ ଯଦି କମ ଥାଏ ତେବେ ଶ୍ୱାସ ଗ୍ରହଣ ତ କରାଯାଇପାରେ କିନ୍ତୁ ଯେଉଁ ବିଶିଷ୍ଟତା ପାଇଁ ଲୋକେ ଜଳବାୟୁ ପରିବର୍ତ୍ତନ କରନ୍ତି ଏବଂ ସ୍ୱାସ୍ଥ୍ୟୋନ୍ନୋତି ପାଇଁ ଅନ୍ୟ ସ୍ଥାନକୁ ଯାଆନ୍ତି, ସେ ବିଶିଷ୍ଟତା ତହିଁରେ ନଥାଏ। ବନସ୍ପତିର ପ୍ରଖରତା ପ୍ରାଣବାନ ଜଳ ଉପରେ ନିର୍ଭରକରେ। ପ୍ରାଣୀର ଜୀବନ ପ୍ରାଣ ଉପରେ ନିର୍ଭର କରେ। ପ୍ରାଣ ଉପରେ ପରମାୟୁ ନିର୍ଭର କରେ। ଏ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ - ସାଧାରଣତଃ ଲୋକେ ଆହାର ବିହାରକୁ ହିଁ ଦୀର୍ଘ ଜୀବନର କାରଣ ମନେ କରନ୍ତି। କିନ୍ତୁ ସେଥିରେ ଏହି ପ୍ରକାର ବିଶିଷ୍ଟତା ନଥାଏ। ଅନ୍ୱେଷଣରୁ ଜଣାପଡ଼ିଛି ଯେ ଯେଉଁଠି ବନସ୍ପତିରେ ପ୍ରାଣଶକ୍ତିର ବାହୁଲ୍ୟ ଥାଏ, ସେ ସ୍ଥାନର ପ୍ରାଣବାୟୁର ଆଧିକ୍ୟ ଯୋଗୁଁ ଏହି ପ୍ରାଣ ମିଳେ। ଖାଦ୍ୟ ପଦାର୍ଥ ଦେଖିବାକୁ ଅନ୍ୟ ସ୍ଥାନର ଖାଦ୍ୟ ପଦାର୍ଥ ସଦୃଶ ହେଲେ ମଧ୍ୟ ତହିଁରେ ପୁଷ୍ଟିକର ତତ୍ତ୍ୱର ମାତ୍ରା ଅଧିକ ଥାଏ ଏବଂ ଏହି ଶକ୍ତି ଜଳ ସହିତ ଆକାଶରୁ ବୃଷ୍ଟି ହୁଏ। ଯେଉଁ ସ୍ଥାନରେ ଅନ୍ନଜଳ ପ୍ରାଣବାୟୁ ଦୃଷ୍ଟିରୁ ଦୁର୍ବଳ ଥାଏ। ସେଠାକାର ନିବାସୀ ଅନାୟାସ ଦୁର୍ବଳ ଥାନ୍ତି। ସନ୍ତସନ୍ତିଆ ସ୍ଥାନର ଲୋକେ ଯୌବନ ଆସୁ ଆସୁ ବୃଦ୍ଧ ହୋଇଯାଆନ୍ତି। ମେଲେରିଆ, ଫାଇଲେରିଆ ରୋଗଗ୍ରସ୍ତ ହୁଅନ୍ତି ଏବଂ ଅକାଳ ମୃତ୍ୟୁ ବରଣ କରନ୍ତି। ବାସ୍ତବରେ ପ୍ରାଣ ରୂପରେ ଜୀବନୀ ଶକ୍ତି ସେ ସ୍ଥାନରେ କମ ବର୍ଷା ହୁଏ। ଏହି ଅଭାବ ଯଜ୍ଞ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରଣ ହେବା ସମ୍ଭବ ନୁହେଁ। ଯଜ୍ଞ ଅନ୍ତରୀକ୍ଷର ଉର୍ବରତା ବଢ଼ାଇବାର ଏକ ସାଧନ ଅଟେ। ଭୂମିରେ ଖତ ପକାଇଲେ ଫସଲ ଉତ୍ପାଦନ ଅଧିକ ହୁଏ। ଯଜ୍ଞର ବିଶିଷ୍ଟତା ହେଉଛି ଯେ ଏହାର ଶକ୍ତି ଅନ୍ତରୀକ୍ଷରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରିଦିଏ ଏବଂ ତାହା ହିଁ ପ୍ରାଣୀ, ମନୁଷ୍ୟ ବନସ୍ପତି ସମସ୍ତଙ୍କୁ ଏହି ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହି ପୋଷଣ ହିଁ ପର୍ଜନ୍ୟ। ବର୍ଷାର ଯେଉଁ ଉଲ୍ଲେଖ ଅଛି ତାହାର ତାତ୍ପର୍ଯ୍ୟ ହେଉଛି ଯେ ଅଗ୍ନିହୋତ୍ର ଦ୍ୱାରା ଅନ୍ତରୀକ୍ଷରେ ବିଶେଷ କ୍ରିୟାଶୀଳତା ଉତ୍ପନ୍ନ ହୁଏ ଏବଂ ତାହା ସମସ୍ତ ପ୍ରାଣୀଙ୍କୁ ପୋଷଣ ପ୍ରଦାନ କରେ।


**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋବାଇଲ୍: ୯୪୩୭୦୫୧୯୫୭**

# ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ନୋଟିସ ଅଗ୍ରାହ୍ୟ



ନୂଆଦିଲ୍ଲୀ, ୧୯।୧୨: ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ବିରୋଧୀଙ୍କ ଆଗତ ଅନାସ୍ଥା ନୋଟିସ୍‌କୁ ଉପାଧ୍ୟକ୍ଷ ହରିବଂଶ ଅଗ୍ରାହ୍ୟ କରିଛନ୍ତି। ଉପାଧ୍ୟକ୍ଷ କହିଛନ୍ତି ଯେ, ଅନାସ୍ଥା ପ୍ରସ୍ତାବ ଆଗତ କରିବାକୁ ଅତି କମରେ ୧୪ ଦିନ ପୂର୍ବରୁ ନୋଟିସ ଦିଆଯିବା ଉଚିତ। କିନ୍ତୁ ବିରୋଧୀ ଉଚିତ ସମୟ ବ୍ୟବଧାନ ରଖି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ନୋଟିସ ଦେଇ ନାହାନ୍ତି। ଏହା ସହିତ ନୋଟିସରେ ଜଗଦୀପ ଧନ୍‌ଖଡ଼ଙ୍କ ନାମ ଠିକ ଭାବେ ଲେଖାଯାଇନାହିଁ। ତେଣୁ ଏହାକୁ ଅଗ୍ରାହ୍ୟ କରାଯାଉଛି ବୋଲି ଉପାଧ୍ୟକ୍ଷ କହିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ପକ୍ଷପାତ ନୀତି ଅବଲମ୍ବନ ଅଭିଯୋଗରେ ଅନାସ୍ଥା ନୋଟିସ ଦିଆଯାଇଥିଲା। ଏଥିରେ ବିରୋଧୀ ପକ୍ଷର ୬୦ଜଣ ସାଂସଦ ସ୍ୱାକ୍ଷର କରିଛନ୍ତି। କଂଗ୍ରେସ ସହିତ ଡିଏମକେ, ଆରଜେଡି, ସମାଜବାଦୀ ପାର୍ଟୀ, ଟିଏମସି ପ୍ରମୁଖ ଦଳର ସାଂସଦମାନେ ଏଥିରେ ସ୍ୱାକ୍ଷର କରିଛନ୍ତି। କିନ୍ତୁ ଆଇନଗତ ଭାବରେ ସଂସଦର ଶୀତକାଳୀନ ଅଧିବେଶନ ଶେଷ ହେଉଥିବାରୁ ଏହାକୁ ଅଗ୍ରାହ୍ୟ କରାଯାଇଛି। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ବିରୋଧୀ ଅନାସ୍ଥା ନୋଟିସ ଦେଇଥିଲେ।

ସୂଚନା ଅନୁସାରେ ରାଜ୍ୟସଭା ଉପାଧ୍ୟକ୍ଷ କହିଛନ୍ତି ଯେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦରେ ରହିଥିବା ବ୍ୟକ୍ତିଙ୍କୁ ବଦନାମ କରିବା ପାଇଁ ଏହି ପ୍ରସ୍ତାବ ଆଗତ କରାଯାଇଥିଲା। ଉପରାଷ୍ଟ୍ରପତିଙ୍କ ବିରୋଧରେ ମନଗଢ଼ା କାହାଣୀ କହିବା ପାଇଁ ଏକ ମିଳିତ ସାମ୍ବିଧିକ ସମ୍ମିଳନୀ ମଧ୍ୟ କରାଯାଇଥିଲା ବୋଲି ସେ କହିଛନ୍ତି। ତେବେ ଏହି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବାର କାରଣ ଦର୍ଶାଇବାକୁ ଯାଇ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ କହିଛନ୍ତି ଯେ ଏଭଳି ପ୍ରସ୍ତାବ ଆଣିବା ପାଇଁ ୧୪ ଦିନିଆ ନୋଟିସ ଦେବା ବାଧ୍ୟତାମୂଳକ। ହେଲେ ଏ କ୍ଷେତ୍ରରେ ଏହି ନୋଟିସ ଦିଆଯାଇନାହିଁ। ଏଥିରେ ଗୃହର ଅଧ୍ୟକ୍ଷ ଧନଖଡ଼ଙ୍କ ନାମର ବନାନ ମଧ୍ୟ ଭୁଲ ଲେଖାଯାଇଥିବା ସେ କହିଛନ୍ତି। ତେବେ ରାଜ୍ୟସଭା ଇତିହାସରେ ପ୍ରଥମ ଥର ପାଇଁ ଗୃହର ଅଧ୍ୟକ୍ଷଙ୍କୁ ପଦରୁ ହଟାଇବା ପାଇଁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ରାଜ୍ୟସଭାକୁ ପରିଚାଳନା କରିବା ବେଳେ ଅଧ୍ୟକ୍ଷ ଧନଖଡ଼ ପକ୍ଷପାତିତା କରୁଥିବା ବିରୋଧୀ ଇଣ୍ଡିଆ ମେଣ୍ଟର ସାଂସଦମାନେ ବାରମ୍ବାର କହୁଥିଲେ। ଯାହା ଚଳିତ ଶୀତ ଅଧିବେଶନରେ ଚରମ ସୀମାରେ ପହଞ୍ଚିଥିବା ବିରୋଧୀ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଧିବେଶନ ଆରମ୍ଭରୁ ଏହି ପ୍ରସଙ୍ଗରେ ଉଭୟ ବିରୋଧୀ ଓ ଶାସକ ମେଣ୍ଟ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଶେଷରେ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ଅନ୍ୟ ସାଂସଦମାନେ ଏହି ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

# କାର୍‌କୁ ପିଟିଲା ଟ୍ରକ୍ ୫ ମୃତ, ୫ ଗୁରୁତର

ଶାହାଜାହାଁପୁର, ୧୯।୧୨: ଉତ୍ତରପ୍ରଦେଶର ଶାହଜାହାଁପୁରରେ ଗତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ କାର୍‌କୁ ପିଟିବାରୁ ଘଟଣାସ୍ଥଳରେ ଏକ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୫ ଜଣ ଗୁରୁତର ହୋଇଛନ୍ତି। ଗତ ରାତିରେ ରିୟାସତ ନାମକ ବ୍ୟବସାୟୀ ନିଜ ପରିବାର ସହ କାର୍ ଯୋଗେ ହରଦୋଇରୁ ଦିଲ୍ଲୀ ଅଭିମୁଖେ ଯାଉଥିଲେ। ମାତ୍ର କାର୍‌ଟି ମଦନାପୁର ଥାନାର ରାଜପଥ ଅତିକ୍ରମ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ କାର୍‌କୁ ପିଟିଥିଲା। ଫଳରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦୁଇ ମହିଳା ଓ ଦୁଇ ଶିଶୁ ବି ଅଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ପୁଲିସ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ କାର୍ ଭିତରୁ ଗୁରୁତର ଅବସ୍ଥାରେ ୫ ଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ପୁଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

## ବ୍ରିଟେନରେ ପ୍ରେମିକାକୁ ମାରିଲେ: ଭାରତରେ ଜେଲ୍

ନୂଆଦିଲ୍ଲୀ, ୧୯।୧୨: ବ୍ରିଟେନରେ ପ୍ରେମିକାକୁ ହତ୍ୟା କଲେ, ଏବେ ଭାରତରେ ଭୋଗିବ ସଜା। ୨୦୨୦ ମସିହାରେ ବ୍ରିଟେନରେ ନିଜ ପ୍ରେମିକାକୁ ହତ୍ୟା ମାମଲାରେ ଦୋଷୀ ପ୍ରେମିକକୁ ଭାରତକୁ ପ୍ରତ୍ୟାର୍ପଣ କରିଛି ବ୍ରିଟେନ୍। ଏବେ ସୁରଟର ଲାଜପୁର ସେଣ୍ଟ୍ରାଲ ଜେଲରେ ଅବଶିଷ୍ଟ ସଜା କାଟିବ ଅଭିଯୁକ୍ତ। ହତ୍ୟା ଅଭିଯୁକ୍ତଙ୍କୁ ପ୍ରତ୍ୟାର୍ପଣ ଦେଶରେ ପ୍ରଥମ ଘଟଣା ବୋଲି କୁହାଯାଉଛି।

୨୦୨୦ ମସିହାରେ ଗୁଜରାଟ ବାଲସାଦ୍ ଜିଲ୍ଲା ଅନ୍ତର୍ଗତ ଉମର ଗାଁର ଜିଗୁ କୁମାର ସୋର୍ଥୀ ବ୍ରିଟେନରେ ନିଜ ପ୍ରେମିକାକୁ ହତ୍ୟା କରିଥିଲେ। ଉଭୟ ବିବାହ କରିବାକୁ ପ୍ରସ୍ତୁତ ଥିଲେ। ହେଲେ ଜିଗୁ କୁମାର ସୋର୍ଥୀ ପ୍ରାୟ ସବୁ ସମୟରେ ଗଣ୍ଡଗୋଳ କରୁଥିବାରୁ ବିବାହ ପାଇଁ ରାଜି ହୋଇନଥିଲେ ପ୍ରେମିକା। ଶେଷରେ ରାଗରେ ଛୁରୀ ଭୁସି ହତ୍ୟା କରିବା ପରେ ଆତ୍ମସମର୍ପଣ କରିଥିଲେ ଜିଗୁ। ଏହି ମାମଲାରେ ଅଭିଯୁକ୍ତଙ୍କୁ ୨୮ ବର୍ଷ ଦଣ୍ଡାଦେଶ ହୋଇଥିଲା। ସେବେଠୁ ଜିଗୁ ବ୍ରିଟେନ ଜେଲରେ ରହିଥିଲେ। ଏହାରି ଭିତରେ ପୁଅକୁ ଭାରତ ପ୍ରତ୍ୟାର୍ପଣ କରିବାକୁ ତାର ବାପାମାଆ ଅନୁରୋଧ କରିଥିଲେ। ଉଭୟ ଦେଶର ଦୂତାବାସର ନିଷ୍ପତ୍ତି କ୍ରମେ ଅଭିଯୁକ୍ତଙ୍କୁ ଭାରତରେ ସଜା କାଟିବାକୁ ପ୍ରତ୍ୟାର୍ପଣ ଚୁକ୍ତି ସ୍ୱାକ୍ଷର ହେବାପରେ ତାକୁ ଭାରତ ଫେରାଇ ଅଣାଯାଇଛି। ସୁରଟ୍ ପୁଲିସ ଜିଗୁକୁ ସେଣ୍ଟ୍ରାଲ୍ ଜେଲରେ ରଖିଛି।

## ବିଦ୍ୟୁତ୍ ମିଟର ଟାମ୍ପରିଂ ସାଂସଦଙ୍କ ଘରେ ପଶିଲା ପୁଲିସ

ଲକ୍ଷ୍ନୌ, ୧୯।୧୨: ଉତ୍ତରପ୍ରଦେଶ ସମ୍ଭଲର ସମାଜବାଦୀ ପାର୍ଟି ସାଂଦସଙ୍କ ଘରେ ପଶିଲା ପୁଲିସ ଫୋର୍ସ । ସାଂସଦ ଜିୟା ଉର ରେହମାନଙ୍କ ନାଁରେ ବିଦ୍ୟୁତ ମିଟର ଟାମ୍ପରିଂର ଅଭିଯୋଗ ଆସିଛି। ଆଜି ସକାଳୁ ପୁଲିସ ଫୋର୍ସ ସହ ବିଦ୍ୟୁତ ବିଭାଗ ଟିମ୍ ସାଂସଦଙ୍କ ଘରେ ପହଞ୍ଚି ଖୋଳତାଡ଼ କରିଛନ୍ତି। ନୂଆ କରି ଲାଗିଥିବା ସ୍ମାର୍ଟ ମିଟର ରିଡିଂକୁ ଯାଞ୍ଚ କରାଯାଇଛି। ସାଂସଦଙ୍କ ଘରେ ଲାଗିଥିବା ଦୁଇଟି ମିଟରରେ ଟାମ୍ପରିଂର ପ୍ରମାଣ ମିଳିଛି। ତେବେ ଯାଞ୍ଚ ପାଇଁ ଯାଇଥିବା ପୁଲିସ ଓ ବିଦ୍ୟୁତ୍ ବିଭାଗ ଟିମ୍‌କୁ ସାଂସଦ ଧମକାଇଥିବା ଅଭିଯୋଗ ହୋଇଛି। ଏହାପରେ ସାଂସଦଙ୍କ ନାଁରେ ଧାରା ୧୩୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ପୂର୍ବରୁ ବିଦ୍ୟୁତ ବିଭାଗ ସାଂସଦଙ୍କ ଘରେ ଲାଗିଥିବା ପୁରୁଣା ମିଟରକୁ ହଟାଇ ତାକୁ ସିଲ୍ କରିଥିଲେ। ଏହାପରେ ଯାଞ୍ଚ ପାଇଁ ଲ୍ୟାବକୁ ପଠାଇଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ସାଂସଦଙ୍କ ଘରର ବିଜୁଳି ବିଲରେ ବର୍ଷ ବର୍ଷର ରିଡିଂ ଜିରୋ ଥିଲା। ଏହାପରେ ତାଙ୍କ ଘରର ବିଦ୍ୟୁତ୍ ମିଟରକୁ ଦୁଇ ଦିନ ତଳେ ବଦଳାଇ ନୂଆ ଲଗାଯାଇଥିଲା। କେବଳ ସେତିକି ନୁହେଁ ସାଂସଦଙ୍କ ଘରେ କେତେ ଇଲେକ୍ଟ୍ରୋନିକ୍ ଉପକରଣ ବ୍ୟବହାର କରାଯାଉଛି ତାହା ଜାଣିବା ପାଇଁ ବିଦ୍ୟୁତ୍ ବିଭାଗ ଟିମ୍ ସାଂସଦଙ୍କ ଘରେ ବ୍ୟବହୃତ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକୁ ଯାଞ୍ଚ କରିଥିଲେ।

### ପ୍ରବଳ ଥଣ୍ଡାରେ ଅଚେତ ବର

## ବିବାହ ଭାଙ୍ଗିଦେଲେ କନିଆଁ

ରାଞ୍ଚି, ୧୯।୧୨: ଚାରିଆଡେ ଜାରି ରହିଛି ପ୍ରବଳ ଥଣ୍ଡା। ପ୍ରବଳ ଜାଡ଼ରେ ଥରୁଛି ଉତ୍ତର ଭାରତ। ହାଡ଼ଭଙ୍ଗା ଶୀତରେ ଲୋକ ଘରୁ ବାହାରିବା ବି ମୁସ୍କିଲ ହୋଇପଡିଛି। ଏହାରି ଭିତରେ ବିବାହ ଋତୁ ମଧ୍ୟ ଜାରି ରହିଛି। ତେବେ ବିବାହ କରିବାକୁ ଆସିଥିବା ଜଣେ ବର ଥଣ୍ଡା ସହି ନ ପାରି ଚେତାଶୂନ୍ୟ ହୋଇପଡିଥିଲେ। ଏଥିରେ ରାଗିଯାଇ ବିବାହ କରିବାକୁ ମନା କରି ଦେଇଥିଲେ କନିଆଁ। ଏଭଳି କିଛି ଘଟଣା ଘଟିଛି ଝାଡଖଣ୍ଡର ଦେବଘର ଅଞ୍ଚଳରେ। ଦେବଘର ଜିଲ୍ଲାର ମୋହନପୁର ବ୍ଲକ ଘୋରମାରା। ଏଠାରେ ପ୍ରବଳ ଥଣ୍ଡା ଏବଂ ଶୀତ ଲହରି ମଧ୍ୟରେ ଜଣେ ଯୁବକଙ୍କୁ ବିବାହ କରିବା ମହଙ୍ଗା ପଡିଥିଲା। ଥଣ୍ଡା ଯୋଗୁ ତାଙ୍କ ବିବାହ ହେବା ପୂର୍ବରୁ ଭାଙ୍ଗି ଯାଇଛି। ଘୋରମାରର ଅର୍ଣ୍ଣବ ନାମକ ଜଣେ ଯୁବକଙ୍କ ବିବାହ ଅଙ୍କିତା ନାମକ ଜଣେ ଝିଅ ସହ ହେବାର ଥିଲା। ଉଭୟ ପକ୍ଷଙ୍କ ସହମତିରେ ଏହି ବିବାହ ଏକ ଘରୋଇ ଉଦ୍ୟାନ କ୍ୟାମ୍ପସରେ ହୋଇଥିଲା। ବେଶ୍ ଧୁମ୍‌ଧାର ସହ ବିବାହ ପ୍ରସ୍ତୁତି ଚାଲିଥିଲା। ସମୟ ଅନୁଯାୟୀ ରୀତିନୀତି ଚାଲିଥିଲା। ବରଣମାଳା ହେଲା। ଏହାପରେ ସମସ୍ତେ ବିବାହ ମଣ୍ଡପ ଉପରକୁ ଯାଇଥିଲେ। ଖୋଲା ଆକଶ ତଳେ ହିଁ ବିବାହ ମଣ୍ଡପ ତିଆରି ହୋଇଥିଲା। ପଣ୍ଡିତ ବିବାହ ରୀତିନୀତି ଆରମ୍ଭ କରିଥିଲେ। ଠିକ୍ ଏହି ସମୟରେ ପ୍ରବଳ ଥଣ୍ଡା ଯୋଗୁ ଚେତାଶୂନ୍ୟ ହୋଇ ପଡିଥିଲେ ବର। ଏହାପରେ ତୁରନ୍ତ ପରିବାର ଲୋକେ ତାଙ୍କୁ ଉଠାଇ ଘରକୁ ନେଇ ହାତ ଗୋଡ଼ ଘଷିଥିଲେ। ଡାକ୍ତର ଆସି ତାଙ୍କର ଚିକିତ୍ସା କରିଥିଲେ। ପ୍ରାୟ ଦେଢ଼ରୁ ଦୁଇ ଘଣ୍ଟା ପରେ ବରର ଚେତା ଫେରିଥିଲା। ଏହାପରେ ବର ଆସି ବିବାହ ମଣ୍ଡପରେ ବସିଥିଲେ। ହେଲେ କନିଆଁ କିନ୍ତୁ ତାଙ୍କ ସହ ସାତ ଫେରା ନେବାକୁ ମନା କରିଦେଇଥିଲେ। ଆଉ ବିବାହ ଭାଙ୍ଗି ଦେଇଥିଲେ।

# ରାହୁଲଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ



ନୂଆଦିଲ୍ଲୀ, ୧୯।୧୨: ସଂସଦରେ ଧସ୍ତାଧସ୍ତି ପରେ କଂଗ୍ରେସ ଓ ବିଜେପି ମଧ୍ୟରେ ରାଜନୈତିକ ବିବାଦ ତୀବ୍ର ହେବାରେ ଲାଗିଛି। ଏବେ ନାଗାଲାଣ୍ଡର ବିଜେପି ସାଂସଦ ଫାଙ୍ଗନନ କୋନିଆକ୍ ରାହୁଲ ଗାନ୍ଧିଙ୍କ ଉପରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ନାଗାଲାଣ୍ଡର ବିଜେପି ସାଂସଦ ଏସ୍. ଫାଗ୍ନୋନ୍ କୋନୟାକ୍ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଭିଯୋଗ କରି କହିଛନ୍ତି ଯେ ମୁଁ ପ୍ଲାକାର୍ଡ ଧରି ଛିଡ଼ା ହୋଇଥିଲି । ଏହି ସମୟରେ ରାହୁଲ ଅତି ପାଖକୁ ଆସିଲେ, ଯେ ମୁଁ ଅସହଜ ମନେ କଲି। ସଂସଦ ପରିସରରେ ଗୁରୁବାର ହୋଇଥିବା ବିକ୍ଷୋଭ ବେଳେ ବିଜେପି ଓ କଂଗ୍ରେସ ସାଂସଦଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ବିଜେପିର ଦୁଇ ଜଣ ସାଂସଦ- ପ୍ରତାପ ଷଡ଼ଙ୍ଗୀ ଓ ମୁକେଶ ରାଜପୁତ ଆହତ ହୋଇଛନ୍ତି। ଏବେ ଏହାକୁ ନେଇ ଦୁଇ ଦଳ ମଧ୍ୟରେ ରାଜନୈତିକ ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଛି। ମାମଲା ବଢ଼ିବା ପରେ ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ଆସିଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ଭିଡିଓ ସେୟାର କରିବା ଆରମ୍ଭ କରିଥିଲେ। ଏହି ସମୟରେ ମହିଳା ସାଂସଦ ମଧ୍ୟ ରାହୁଲଙ୍କ ଉପରେ ଅଭିଯୋଗ ଆଣିଛନ୍ତି। ରାଜ୍ୟସଭା ସଭାପତି ଜଗଦୀପ ଧନଖଡ଼ଙ୍କୁ ନିଜର ଅଭିଯୋଗ ପତ୍ରରେ କୋନୟାକ ଲେଖିଛନ୍ତି, ବାବାସାହେବ ଆମ୍ବେଦକରଙ୍କ ଉପରେ କଂଗ୍ରେସ ପାର୍ଟି କରିଥିବା ଅତ୍ୟାଚାର ବିରୋଧରେ ଏକ ଶାନ୍ତିପୂର୍ଣ୍ଣ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲି । ପ୍ଲାକାର୍ଡ ଧରି ମକର ଦ୍ୱାରର ସିଡି ତଳେ ଠିଆ ହୋଇଥିଲି । ସୁରକ୍ଷା କର୍ମୀମାନେ ଅନ୍ୟ ଦଳର ମାନ୍ୟବର ସାଂସଦଙ୍କ ପ୍ରବେଶ ପାଇଁ ପ୍ରବେଶ ପଥରେ ରାସ୍ତା ପ୍ରସ୍ତୁତ କରିଥିଲେ। ହଠାତ୍ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦଳର ଅନ୍ୟ ସଦସ୍ୟଙ୍କ ସହ ମୋ ସାମ୍ନାକୁ ଆସିଥିଲେ, ଯଦିଓ ସେମାନଙ୍କ ପାଇଁ ରାସ୍ତା ଖୋଲିଯାଇଥିଲା। ସେମାନେ ମୋତେ ଉଚ୍ଚ ସ୍ୱରରେ ଗାଳିଗୁଲଜ କରିଥିଲେ ଏବଂ ସେ ଏତେ ନିକଟକୁ ଆସିଥିଲେ ଯେ ମୁଁ ଜଣେ ମହିଳା ସଦସ୍ୟ ହୋଇ ଅତ୍ୟନ୍ତ ଅସହଜ ଅନୁଭବ କରି ଘୁଞ୍ଚିଗଲି, କିନ୍ତୁ ଅନୁଭବ କଲି ଯେ କୌଣସି ସାଂସଦ ଏପରି ଆଚରଣ କରିବା ଉଚିତ୍ ନୁହେଁ।

## ଶାହଙ୍କୁ ବଞ୍ଚାଇବାକୁ ଷଡ଼ଯନ୍ତ୍ର: ପ୍ରିୟଙ୍କା

ନୂଆଦିଲ୍ଲୀ, ୧୯।୧୨: ଗୃହମନ୍ତ୍ରୀ ଅମିତ ଶାହଙ୍କୁ ବଞ୍ଚାଇବା ନିମନ୍ତେ ବିଜେପି ଷଡ଼ଯନ୍ତ୍ର କରିଛି ଏବଂ ଠେଲାପେଲାରେ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଆହତ ହେବା ଘଟଣା ଏହାର ଅଂଶବିଶେଷ ବୋଲି କହିଛନ୍ତି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା। ଗତ ମଙ୍ଗଳବାର ଦିନ ରାଜ୍ୟସଭାରେ ସମ୍ବିଧାନ ଉପରେ ଆଲୋଚନାର ଉତ୍ତର ରଖିବା ବେଳେ ଗୃହମନ୍ତ୍ରୀ ଶାହ ସ୍ୱିଧାନ ପ୍ରଣେତା ବାବା ସାହେବ ଭିମ ରାଓ ଆମ୍ବେଦକରଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ବୁଧବାର ବିରୋଧୀ ସଂସଦରେ ପ୍ରବଳ ହଙ୍ଗୋଳ କରିବା ସହ ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।



ଗୃହମନ୍ତ୍ରୀ ସମ୍ବିଧାନ ପ୍ରଣେତାଙ୍କୁ ଅପମାନିତ କରି ସମ୍ବିଧାନ ପ୍ରତି ଅବମାନନା କରିଛନ୍ତି ଏବଂ ଦେଶର ଦଳିତ ସମ୍ପ୍ରଦାୟକୁ ହୀନ କରିବାକୁ ଉଦ୍ୟମ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଥିଲେ। ଫଳରେ ଶାସକ ଦଳ ବିଜେପି ଅଡୁଆରେ ପଡ଼ିଥିଲା ଏବଂ ଗୃହମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀଙ୍କୁ କୈଫିୟତ ଦେବାକୁ ବାଧ୍ୟ ହେବାକୁ ପଡ଼ିଥିଲା। ଆଜି ମଧ୍ୟ ସଂସଦରେ ଏହାକୁ ନେଇ ହଙ୍ଗୋଳ ଆଶା କରାଯାଉଥିଲା। କିନ୍ତୁ ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀ ଠେଲାପେଲାରେ ଆହତ ହେବା ଘଟଣା ସ୍ଥିତି ବଦଳାଇ ଦେଇଛି। ଏଥିଲାଗି ଶ୍ରୀ ଷଡ଼ଙ୍ଗୀ ରାହୁଲ ଗାନ୍ଧିଙ୍କୁ ଦାୟୀ କରିଛନ୍ତି। ରାହୁଲ ଠେଲି ଦେବାରୁ ସେ ତଳେ ପଡ଼ି ଆହତ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସଂସଦର ଉଭୟ ଗୃହକୁ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବି ଘୋଷଣା କରାଯାଇଛି। ଏହା ବିଜେପିର ବିଧିବଦ୍ଧ ଷଡ଼ଯନ୍ତ୍ର ବୋଲି କହିଛନ୍ତି ପ୍ରିୟଙ୍କା।

## ଯବାନ ପିନ୍ଧିବେ 'ଅଭେଦ୍ୟ'

ନୂଆଦିଲ୍ଲୀ,୧୯।୧୨ : ଶତ୍ରୁପକ୍ଷର ଗୁଳି ଭାରତୀୟ ଯବାନଙ୍କୁ ଛୁଇଁପାରିବ ନାହିଁ। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ସେନା ପାଇଁ ଏଭଳି ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପ୍ରସ୍ତୁତ କରାଯାଇଛି। ଏହାର ନାମ ହେଉଛି ଅଭେଦ (ଆଡଭାନ୍ସଡ୍ ବାଲିଷ୍ଟିକ ଫର ହାଇଏନର୍ଜି ଡିଫିଟ୍)। ଡିଆରଡିଓ ଏବଂ ଆଇଆଇଟି ଦିଲ୍ଲୀ ମିଳିତ ଭାବେ ଏହି ବୁଲେଟପ୍ରୁଫ୍ ଜ୍ୟାକେଟ୍ ତିଆରି କରିଛନ୍ତି। ଏହା ଏତେ ହାଲୁକା ଯେ ସୈନିକମାନେ ଏହାକୁ ସହଜରେ ପିନ୍ଧି ପାରିବେ ଏବଂ ଯେକୌଣସି ଅପରେସନ କରିପାରିବେ।

ଓଜନରେ ହାଲୁକା ହେବା ଏହାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ । ଏହାର ଓଜନ ୮.୨ କେଜିରୁ ୯.୫ କେଜି ମଧ୍ୟରେ ରହିଛି। ବିଭିନ୍ନ ବ୍ୟାଲେଷ୍ଟିକ୍ ପାଇଁ ଭିନ୍ନ ଭିନ୍ନ ଜ୍ୟାକେଟ୍ ରହିଛି। ଏହି ଜ୍ୟାକେଟରେ ଷ୍ଟିଲ ବୁଲେଟକୁ ମଧ୍ୟ ରୋକାଯାଇପାରିବ । ଏହି ମଡ୍ୟୁଲାର ଡିଜାଇନର ଜ୍ୟାକେଟ୍ର ସମ୍ମୁଖ ଓ ପଛ ପାଖ ସହିତ ୩୬୦ ଡିଗ୍ରୀ ସୁରକ୍ଷା ପ୍ରଦାନ କରିଥାଏ । ଏହି ଜ୍ୟାକେଟ୍ ପଲିମର୍ ଏବଂ ସ୍ୱଦେଶୀ ବୋରୋନ୍ କାର୍ବାଇଡ୍ ସିରାମିକ୍ ସାମଗ୍ରୀରୁ ତିଆରି କରାଯାଇଛି। ଆର୍ମର ପ୍ଲେଟ୍ ପ୍ରୋଟୋକଲ୍ ଅଧୀନରେ ସମସ୍ତ ଆବଶ୍ୟକ ପରୀକ୍ଷା କରିବା ପରେ ହିଁ ସେନା ଏହାକୁ ଚୟନ କରିଛି। ଆଇଆଇଟି ଦିଲ୍ଲୀର ଡିଆରଡିଓର ଡିଆଇଏ-ସିଓଇ ଏହି ଜ୍ୟାକେଟ୍ ଉତ୍ପାଦନ ପାଇଁ ତିନୋଟି ଘରୋଇ କମ୍ପାନୀ ସହ ଚୁକ୍ତି କରିଛି। ଖୁବଶୀଘ୍ର ଏହି ହାଲୁକା ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଭାରତୀୟ ଯବାନଙ୍କୁ ଦିଆଯିବ।




# ଧରାପଡ଼ିଲେ ୮ ଆତଙ୍କୀ



ନୂଆଦିଲ୍ଲୀ,୧୯।୧୨: ଆସାମ ପୁଲିସ୍‌ର ସ୍ପେଶାଲ ଟାସ୍କ ଫୋର୍ସ ବା ଏସଟିଏଫକୁ ମିଳିଛି ବଡ଼ ସଫଳତା। କେରଳ, ଆସାମ ଓ ବେଙ୍ଗଲରୁ ଏସଟିଏଫ ୮ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ବାଂଲାଦେଶର ଜଣେ ଆତଙ୍କବାଦୀ ମଧ୍ୟ ରହିଛି। ସେ କୁଖ୍ୟାତ ଆତଙ୍କୀ ସଂଗଠନ ଅଲ କାଏଦାର ସଦସ୍ୟ। ଗିରଫ ୮ ଆତଙ୍କବାଦୀମାନେ ଆରଏସଏସ ଓ ବିଭିନ୍ନ ହିନ୍ଦୁ ସଂଗଠନ ଉପରେ ଆକ୍ରମଣ କରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସବୁ ପ୍ରକାରର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ହେଲେ ସେମାନଙ୍କ ସବୁ ଯୋଜନାକୁ ଏସଟିଏଫ ପଣ୍ଡ କରିଦେଇଛି। ଆରଏସଏସ ଓ ହିନ୍ଦୁ ସଂଗଠନକୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ବାଂଲାଦେଶର ନାଗରିକ ମହମ୍ମଦ ସାଦ ରଦି ଓରଫ ମହମ୍ମଦ ଶାହବ ଶେଖ ନଭେମ୍ବର ମାସରେ ଭାରତ ଆସିଥିଲା। ସେ ଭାରତରେ ପହଞ୍ଚି ଆସାମ ଓ ପଶ୍ଚିତମବଙ୍ଗରେ ଥିବା ନିଜର ସ୍ଲିପର ସେଲ୍ସକୁ ଆକିଭ୍ଟ କରିଥିଲା। ଏହାପରେ କେରଳ ଚାଲି ଯାଇଥିଲା ବୋଲି ଏସଟିଏଫ କହିଛି। ଆସାମ ଏସଟିଏଫ ଏକଥା ଜାଣିବା ପରେ କେରଳ ଓ ବେଙ୍ଗଲ ପୁଲିସ୍ ସହ ମିଶି ଅପରେସନ ପ୍ରଘାତ ଆରମ୍ଭ କରିଥିଲା। ବାଂଲାଦେଶରେ ସକ୍ରିୟ ଥିବା ଅଲକାଏଦା ସମର୍ଥିତ ଆତଙ୍କୀ ସଂଗଠନର ଜଣେ ଲିଡର ସହଯୋଗୀ ମହମ୍ମଦ ଫରହାନ ଇସାରକ ଅଧୀନରେ କିଛି ଆତଙ୍କବାଦୀ ଭାରତରେ କାମ କରୁଥିବା ଜଣାପଡ଼ିଥିଲା। ଏମାନଙ୍କ ଟାର୍ଗେଟରେ ଆରଏସଏସ ଓ ଅନ୍ୟ ହିନ୍ଦୁ ସଂଗଠନ ରହିଥିଲା। ଫରାନ ହେଉଛି ଅଲକାଏଦା ସମର୍ଥିତ ଆତଙ୍କବାଦୀ ସଂଗଠନ ଅନସାରୁଲ୍ଲା ବଙ୍ଗାଲ ଟିମ (ଏବିଟି)ର ମୁଖ୍ୟ ଜୈସମୁଦ୍ଦିନ ରହମାଣିର ଅତ୍ୟନ୍ତ ଘନିଷ୍ଠ। ଆସମର ସ୍ୱତନ୍ତ୍ର ଡିଜିପି ହରମୀତ ସିଂହ କହିଛନ୍ତି, "ଜିହାଦୀ ତତ୍ତ୍ୱଙ୍କ ବିରୋଧରେ ଏହା ଏକ ବଡ଼ ପଦକ୍ଷେପ। ଆମେ କେନ୍ଦ୍ରୀୟ ଏଜେନ୍ସି ସମେତ ପଶ୍ଚିମବଙ୍ଗ ଓ କେରଳ ପୁଲିସ୍ ସହାୟତାରେ ଆତଙ୍କବାଦୀମାନଙ୍କୁ ଧରିଛୁ। ଆମେ ଅଧିକ ଆତଙ୍କବାଦୀଙ୍କୁ ଧରିପାରିଲେ, ଆମେ ସଫଳ ହୋଇଛୁ ବୋଲି କହିପାରିବୁ। ହଁ, ଆମେ ଅପରେସନ ଆରମ୍ଭ କରି ସାରିଛୁ। କେରଳ ଯିବା ପୂର୍ବ ଶେଖ ପଶ୍ଚିମବଙ୍ଗ ଓ ଆସାମରେ ଥିବା ଏବିଟିର ସ୍ଲିପର ସେଲର ସଦସ୍ୟମାନଙ୍କୁ ଭେଟିଥିଲା। କେରଳରେ ମଧ୍ୟ ସେ ଅଧିକରୁ ଅଧିକ ସ୍ଲିପର ସେଲର ସଦସ୍ୟଙ୍କୁ ଯୋଗାଯୋଗ କରିବା ଲକ୍ଷ୍ୟରେ ଯାଇଥିଲା। ତେବେ ଆଇପିଏସ ପାର୍ଥ ସାରଥୀ ମହାନ୍ତାଙ୍କ ନେତୃତ୍ୱାଧୀନ ଟିମ ବିଭିନ୍ନ ସ୍ଥାନରେ ରେଡ କରି ୮ ଜଣଙ୍କୁ ଗିରଫ କରିଛି। ଡିସେମ୍ବର ୧୭ ତାରିଖ ବିଳମ୍ବ ରାତିରୁ ୧୮ ତାରିଖ ଭୋର ଯାଏ କେରଳ, ବେଙ୍ଗଲ ଓ ଆସାମରେ ରେଡ କରାଯାଇଥିଲା।

## ଫେବୃଆରୀରେ ବି ମହାକାଶରୁ ଫେରିବେନି ସୁନୀତା ୱିଲିୟମ୍ସ

ୱାଶିଂଟନ୍,୧୯।୧୨: ଦୀର୍ଘ ୯ ମାସରୁ ଅଧିକ ଦିନ ହେଲା ମହାକାଶରେ ଫସି ରହିଥିବା ସୁନୀତା ୱିଲିୟମ୍ସ ଓ ସାଥୀ ବଚ ୱିଲମୋରଙ୍କ ପୃଥିବୀକୁ ଫେରିବା ପୁଣି ବିଳମ୍ବିତ ହୋଇଛି। ବୈଷୟିକ ତ୍ରୁଟି କାରଣରୁ ଉଭୟ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ବା ଆଇଏସଏସରେ ଫସି ରହିଛନ୍ତି। ସେମାନେ ୨୦୨୫ ଫେବୃଆରୀ ମାସରେ ପୃଥିବୀ ପୃଷ୍ଠକୁ ଫେରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଏବେ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ଭବ ନୁହେଁ ବୋଲି ନାସା ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୁନୀତା ଓ ୱିଲମୋର ୮ ଦିନିଆ ମିଶନରେ ଜୁନ ୫ରେ ବାହାରିଥିଲେ। ଉଭୟ ଜୁନ ୧୩ରେ ଫେରିବାର ଥିଲା। କିନ୍ତୁ ସେମାନେ ଯାଇଥିବା ବୋଇଂର ଷ୍ଟାରଲାଇନରରେ ତ୍ରୁଟି ଦେଖାଯାଇଥିଲା। ଫଳରେ ଉଭୟ ସେହି ଠାରେ ହିଁ ଫସି ରହିଛନ୍ତି। ଷ୍ଟାରଲାଇନରରେ ତ୍ରୁଟି ଦେଖାଯିବାରୁ ନାସା ବାଧ୍ୟ ହୋଇ ସୁନୀତା ଓ ୱିଲମୋରଙ୍କୁ ସେଠାରେ ରହିବାକୁ କହିଥିଲା। ସେହିପରି ବିନା କ୍ରୁରେ ଷ୍ଟାରଲାଇନରକୁ ନାସା ସେପ୍ଟେମ୍ବର ମାସରେ ପୃଥିବୀ ପୃଷ୍ଠକୁ ଫେରାଇ ଆଣିଥିଲା। ଏହାପରେ ସୁନୀତା ଓ ୱିଲମୋରଙ୍କୁ ଆଣିବା ପାଇଁ ନାସା ପକ୍ଷରୁ ସ୍ପେଶ ଏକ୍ସ କ୍ରୁ-୧୦ ମିଶନ ଆରମ୍ଭ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ମିଶନ ଫେବୃଆରୀ ୨୦୨୫ରେ ଆରମ୍ଭ ହେବାର ଥିଲା। କିନ୍ତୁ ଏବେ ମିଶନ ୨୦୨୫ ମାର୍ଚ୍ଚ ଶେଷ ପୂର୍ବରୁ ଆରମ୍ଭ ହେବାର ସମ୍ଭାବନା ନଥିବା ଜଣାପଡ଼ିଛି।



## ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୯।୧୨: ସେନାକୁ ମିଳିଲା ବଡ଼ ସଫଳତା। ଏନ୍‌କାଉଣ୍ଟରରେ ଟଳିଲେ ୫ ଆତଙ୍କବାଦୀ। ଜମ୍ମୁ-କଶ୍ମୀରର କୁଲଗାମରେ ସୁରକ୍ଷାବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏହି ଏନ୍‌କାଉଣ୍ଟରେ ସେନା ଗୁଳିରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ଆତଙ୍କୀଙ୍କ ଗୁଳିମାଡ଼ରେ ଦୁଇ ଜଣ ଯବାନ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନ୍‌କାଉଣ୍ଟର ପରେ ସୁରକ୍ଷାବାହିନୀର ପୁରା ଟିମ୍ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରଖିଛି। କୁଲଗାମ ଜିଲ୍ଲାର ବେହିବାଗ PSର କଦ୍ଦର ଗ୍ରାମରେ ଏହି ଏନକାଉଣ୍ଟର ଚାଲିଛି। ଏବେବି ଉଭୟ ପାର୍ଶ୍ୱରୁ ଜୋରଦାର ଗୁଳି ବିନିମୟ ଜାରି ରହିଛି। ସୂଚନା ଦେଇ ସେନାର ଚିନାର୍ କର୍ପସ କହିଛି ଯେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସ୍ୱତନ୍ତ୍ର ଗୁଇନ୍ଦା ତଥ୍ୟ ମିଳିଥିଲା। ଏହି ଆଧାରରେ ଭାରତୀୟ ସେନା କୁଲଗାମରେ ମିଳିତ ଅପରେସନ ଆରମ୍ଭ କରିଛି। ଏହି ସମୟରେ ସେନାକୁ ଦେଖି ଆତଙ୍କବାଦୀମାନେ ଆଖିବୁଜା ଗୁଳିମାଡ଼ କରିଥିଲେ। ସେନା ମଧ୍ୟ ଏହାର ପାଲଟା ଜବାବ ଦେଇଛି।

ସୂଚନାଯୋଗ୍ୟ, ଗତ କିଛି ଦିନ ହେବ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ଘଟଣା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷାବାହିନୀ ମଧ୍ୟରୁ ଉପତ୍ୟକାରେ ଆଣ୍ଟି ଟେରର୍ ଅପରେସନ୍ ଜୋରଦାର କରାଯାଇଛି। ଦୁଇମାସ ପୂର୍ବେ, ଅକ୍ଟୋବର ୨୮ରେ, ଜାମ୍ମୁର ଅଖନୋର ଅଞ୍ଚଳରେ ସୁରକ୍ଷା ବାହିନୀ ୩ଆତଙ୍କବାଦୀଙ୍କୁ ସଫା କରିଥିଲେ। ତା'ପରେ ଆତଙ୍କବାଦୀମାନେ ସେନା କନଭେନ ଉପରେ ଆକ୍ରମଣ କରିଥିଲେ, ପରେ ସୁରକ୍ଷା ବାହିନୀ ଏହି ଅଞ୍ଚଳରେ ଅପରେସନ୍ ଆରମ୍ଭ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ବିରୋଧରେ ପିଲାଙ୍କ ଅଣ୍ଡା ଚୋରି ଅଭିଯୋଗ

ପାଟନା, ୧୯।୧୨: ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଆସିଛି ଅଣ୍ଡା। ହେଲେ ଏହି ଅଣ୍ଡାକୁ ବୋହି ନେଇ ଯାଉଛନ୍ତି ଶିକ୍ଷକ। ଖୋଦ୍ ସ୍କୁଲର ପ୍ରଧାନ ଶିକ୍ଷକ ହାତରେ ବ୍ୟାଗ୍ ଧରି ଅଣ୍ଡା ଚୋରି କରୁଛନ୍ତି। ବିହାରର ହାଜିପୁର ଏକ ସରକାରୀ ସ୍କୁଲରୁ ସାମ୍ନାକୁ ଆସିଛି ଏଭଳି କିଛି ଦୃଶ୍ୟ, ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିହାରରେ ପ୍ରବଳ ଥଣ୍ଡା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ମଧ୍ୟାହ୍ନ ଭୋଜନରେ ପିଲାମାନଙ୍କୁ ସିଝା ଅଣ୍ଡା ଯୋଗାଉଛନ୍ତି। ଯାହା ଦ୍ୱାରା ସେମାନେ ଶୀତରୁ ମୁକ୍ତି ପାଇବେ ଏବଂ ପିଲାମାନଙ୍କୁ ପ୍ରୋଟିନ୍ ମିଳିବ। କିନ୍ତୁ ସ୍କୁଲ ହେଡ୍ ମାଷ୍ଟର ପିଲାଙ୍କୁ ଅଣ୍ଡା ଦେବା ବଦଳରେ ନିଜ ବ୍ୟାଗ୍‌ରେ ଭରିବାରେ ବ୍ୟସ୍ତ ଥିବା ଜଣାପଡିଛି। ବିହାର ହାଜିପୁର ଲାଲଗଞ୍ଜ ବ୍ଲକ୍‌ର ରିଖର ମିଡିଲ୍ ସ୍କୁଲ। ଅଭିଯୋଗ ହୋଇଛି ଯେ ଏଠାକାର ପ୍ରଧାନଶିକ୍ଷକ ସୁରେଶ ସାହାଣି ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ବଣ୍ଟା ଯିବାକୁ ଆସିଥିବା ଅଣ୍ଡାକୁ ସେ ବ୍ୟାଗ୍‌ରେ ଭର୍ତ୍ତି କରି ନିଜ ଘରକୁ ନେଇଯାଉଛନ୍ତି। ପ୍ରଧାନ ଶିକ୍ଷକଙ୍କ ଅଣ୍ଡା ଚୋରି କରୁଥିବାର ଭିଡିଓ ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷକ ରେକର୍ଡ କରିଛନ୍ତି। ଏହି ଘଟଣା ଡିସେମ୍ବର ୧୨ ତାରିଖର ବୋଲି କୁହାଯାଉଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଆକ୍ସନ ମୁଡ୍‌କୁ ଆସିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ।

### ମୁମ୍ବାଇ ବୋଟ୍ ଟ୍ରାଜେଡି

## ନେଭି ଡ୍ରାଇଭର୍‌ଙ୍କ ବିରୋଧରେ ଏଫ୍‌ଆଇଆର୍

ମୁମ୍ବାଇ, ୧୯।୧୨: ମୁମ୍ବାଇ ଗେଟ୍‌ୱେ ଅଫ୍ ଇଣ୍ଡିଆ ପାଖରେ ହୋଇଥିବା ଡଙ୍ଗା ଦୁର୍ଘଟଣା ମାମଲାରେ ନୌସେନା ସ୍ପିଡ୍ ବୋଟ୍ ଡ୍ରାଇଭରଙ୍କ ବିରୋଧରେ ହେବ ଆକ୍ସନ୍। ପୁଲିସ୍ ନେଭି ଡ୍ରାଇଭରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି। ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ନାଥାରାମ ଚୌଧୁରୀ ନୌସେନା ଡ୍ରାଇଭରଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଏହାକୁ ଆଧାର କରି କୋଲାବା ପୁଲିସ ମାମଲା ରୁଜୁ କରିଛି। ସେପଟେ ଆଉ ଜଣେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଯାତ୍ରୀଙ୍କ କହିବା ମୁତାବକ, ଫେରିବୋଟ୍‌ରେ କାହା ପାଖରେ ମଧ୍ୟ ଲଇଫ୍ ସେଫ୍ ଜ୍ୟାକେଟ୍ ନଥିଲା। ତେଣୁ ଅଧିକାଂଶ ଲୋକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାର ୨୦ରୁ ୨୫ ମିନିଟ୍ ପରେ ନୌସେନା ଉଦ୍ଧାର ପାଇଁ ଆସିଥିଲା।

ସୂଚନାଯୋଗ୍ୟ, ବୁଧବାର ଅପରାହ୍ଣରେ ମୁମ୍ବାଇ ଗେଟ୍‌ଓ୍ୱେ ଅଫ୍ ଇଣ୍ଡିଆ ନିକଟରେ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ଫେରିବୋଟ୍‌କୁ ନୌସେନାର ସ୍ପିଡ୍ ବୋଟ୍ ଧକ୍କା ଦେଇଥିଲା। ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ଭିତରେ ୧୦ ଜଣ ସାଧାରଣ ଲୋକ ଓ ୩ ଜଣ ନୌସେନା କର୍ମଚାରୀ ଅଛନ୍ତି। ପାଖାପାଖି ଶହେରୁ ଅଧିକ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜଙ୍କୁ ଉଦ୍ଧାର ପାଇଁ ସର୍ଚ୍ଚ ଅପରେସନ୍ ଜାରି ରହିଛି। ମୁମ୍ବାଇ ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆ ନିକଟରେ ଗତକାଲି ଅପରାହ୍ନ ୩ଟା ୫୫ ମିନିଟରେ ଏହି ଅଘଟଣ ଘଟିଥିଲା। ମିଳିଥିବା ସୂଚନା ଅନୁଯାୟୀ, ପର୍ଯ୍ୟଟକଙ୍କୁ ନେଇ ଏଲିଫାଣ୍ଟା ଯାଉଥିଲା ଏହି ଡଙ୍ଗା। ଏଥିରେ ୫ କ୍ରିଉ ମେମ୍ବରଙ୍କୁ ନେଇ ପ୍ରାୟ ଶହେରୁ ଅଧିକ ଯାତ୍ରୀ ଥିଲେ ବୋଲି କୁହାଯାଉଛି। ଏତିକିବେଳେ କରଞ୍ଜ ନିକଟ ଉରାନରେ ହଠାତ୍ ନୌସେନାର ସ୍ପିଡ୍ ବୋଟ ଆସି ଡଙ୍ଗାକୁ ଧକ୍କା ଦେଇଥିଲା। ନୌସେନା ପକ୍ଷରୁ କୁହାଯାଇଛି ସ୍ପିଡ ବୋଟ ସମୁଦ୍ରରେ ଟ୍ରାଏଲ୍ କରୁଥିଲା। ଇଞ୍ଜିନରେ ତ୍ରୁଟି ଯୋଗୁ ଭାରସାମ୍ୟ ହରାଇ ଯାତ୍ରାବାହୀ ଡଙ୍ଗାକୁ ଧକ୍କା ଦେଇଥିଲା।



# ଶାହା ପାଗଳ ହୋଇଗଲେଣି: ଲାଲୁ



ନୂଆଦିଲ୍ଲୀ, ୧୯।୧୨: ଆମ୍ବେଦକରଙ୍କୁ ନେଇ ସଂସଦରେ ହଙ୍ଗାମା। ଆମ୍ବେଦକରଙ୍କୁ ନେଇ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଟିପ୍ପଣୀ ପରେ ଏହାକୁ ନେଇ ହଙ୍ଗୋଳ ଲାଗି ରହିଛି। ବିରୋଧୀ ଅମିତ ଶାହାଙ୍କ ଇସ୍ତଫା ଦାବି କରୁଛନ୍ତି। ଏହାରି ଭିତରେ ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଅମିତ ଶାହାଙ୍କୁ ପାଗଳ ବୋଲି କହିଛନ୍ତି।

ବାବା ସାହେବ ଆମ୍ବେଦକରଙ୍କ ଉପରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବିବାଦ ମଧ୍ୟରେ ରାଷ୍ଟ୍ରିୟ ଜନତା ଦଳର ମୁଖ୍ୟ ଲାଲୁ ଯାଦବ ଗୁରୁବାର କହିଛନ୍ତି ଯେ ଅମିତ ଶାହା ପାଗଳ ହୋଇଗଲେଣି। ସେ ରାଜନୀତି ଛାଡି ଦେବା ଉଚିତ। ଆମେ ତାଙ୍କର ଏହି ପାଗଳାମିକୁ ନିନ୍ଦା କରୁଛୁ। ବାବା ସାହେବ ଆମ୍ବେଦକର ମହାନ। ସେ ରାଜନୀତି ଛାଡି ଚାଲିଯିବା ଉଚିତ। ଏହାପୂର୍ବରୁ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିଥିଲେ। ତାଙ୍କୁ ଏବଂ ତାଙ୍କ ଦଳକୁ ସାମ୍ବିଧାନିକ ବିରୋଧୀ ଏବଂ ଘୃଣା ପ୍ରସାର କରୁଥିବା ଅଭିଯୋଗ କରିଥିଲେ। ବିହାର ବିଧାନସଭାରେ ବିରୋଧୀ ଦଳର ନେତା ଯାଦବ କହିଥିଲେ, 'ବାବାସାହେବ ଆମ୍ବେଦକର ଆମର ଆମର ଗର୍ବ ଆଉ ଗୌରବ। ସେ ଆମର ପ୍ରେରଣା ମଧ୍ୟ। ଆମେ କାହାକୁ ବାବାସାହେବ ଆମ୍ବେଦକରଙ୍କୁ ଅପମାନ କରିବାକୁ ଦେବୁ ନାହିଁ। ଏହି ଲୋକମାନେ ସାମ୍ବିଧାନିକ ବିରୋଧୀ, ଯେଉଁମାନେ ଘୃଣା ବିସ୍ତାର କରନ୍ତି ଏବଂ ସଂସଦରେ ବ୍ୟବହୃତ ଭାଷା ନିନ୍ଦନୀୟ।'

ଗତ ମଙ୍ଗଳବାର ସଂସଦରେ ବିବୃତ୍ତି ବିରୋଧୀଙ୍କୁ କଟାକ୍ଷ କରିବାକୁ ଯାଇ ଅମିତ ଶାହା କହିଥିଲେ, "ଏବେ ଗୋଟିଏ ଫ୍ୟାଶନ ହୋଇଗଲାଣି। ଆମ୍ବେଦକର୍... ଆମ୍ବେଦକର୍... ଏତେ ଥର ଯଦି ଭଗବାନଙ୍କ ନାମ ଜପି ଥାଆନ୍ତେ, ତେବେ ୭ ଜନ୍ମ ପର୍ଯ୍ୟନ୍ତ ସ୍ୱର୍ଗ ପ୍ରାପ୍ତି ହୋଇ ଥାଆନ୍ତା।" ଏହାକୁ ନେଇ ଏବେ ବିରୋଧୀ ତାଙ୍କୁ ଘନଘନ ଟାର୍ଗେଟ୍ କରିବାରେ ଲାଗିଛନ୍ତି।

# ଜାନୁୟାରୀ ୧୩ରୁ ଦିଲ୍ଲୀରେ ପ୍ରଥମ ଖୋ-ଖୋ ବିଶ୍ୱକପ୍




ନୂଆଦିଲ୍ଲୀ, ୧୯।୧୨: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ବର୍ଷ ଜାନୁଆରି ୧୩ରୁ ୧୯ ପର୍ଯ୍ୟନ୍ତ ପ୍ରଥମ ଖୋ-ଖୋ ବିଶ୍ୱକପ୍ ଅନୁଷ୍ଠିତ ହେବ। ଭାରତୀୟ ଖୋ-ଖୋ ମହାସଂଘ (କେକେଏଫ୍‌ଆଇ) ଦ୍ୱାରା ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହାର ଘୋଷଣା କରାଯାଇଛି। ଖୋ-ଖୋ ବିଶ୍ୱକପ୍‌ର ସିଇଓ ମେଜର ଜେନେରାଲ ବିକ୍ରମ ଦେବ ଡୋଗ୍ରାଙ୍କ ସୂଚନା ଅନୁସାରେ ପ୍ରଥମ ଖୋ-ଖୋ- ବିଶ୍ୱକପ୍‌ରେ ଆୟୋଜକ ଦେଶ ଭାରତ ସମେତ ଆମେରିକା, ଇଂଲଣ୍ଡ, ଜର୍ମାନୀ, ନ୍ୟୁଜିଲାଣ୍ଡ, ନେଦରଲାଣ୍ଡ୍‌ସ, ପୋଲାଣ୍ଡ, ଶ୍ରୀଲଙ୍କା ଭଳି ୨୬ ଦେଶରୁ ୨୧ ପୁରୁଷ ଓ ୨୯ ମହିଳା ଦଳ ଭାଗ ନେବେ। ୧୨୦ ଜଣିଆ ଖେଳାଳିଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ ଶିବିରରୁ ବିଶ୍ୱକପ ପାଇଁ ଭାରତୀୟ ଦଳ ଚୟନ କରାଯିବ। ମ୍ୟାଚ୍‌ଗୁଡ଼ିକ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍ ଓ ନୋଏଡା ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଖେଳାଯିବ। ଲିଗ୍ ଓ ନକ୍‌ଆଉଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ମହାସମାରୋହରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଭାରତ ଭେଟିବ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ। ୧୭ରେ କ୍ୱାର୍ଟରଫାଇନାଲ୍, ୧୮ରେ ସେମିଫାଇନାଲ୍ ଓ ୧୯ରେ ମେଗା ଫାଇନାଲ୍ ଖେଳାଯିବ। ଖୋ-ଖୋ ବିଶ୍ୱକପ ପ୍ରଥମ ସଂସ୍କରଣର ବ୍ରାଣ୍ଡ ଆମ୍ବାସଡର୍ ଭାବେ ବଲିଉଡ ସୁପରଷ୍ଟାର୍ ସଲମାନ ଖାନ୍ ଯୋଗ ଦେଇଛନ୍ତି। ପ୍ରଥମ ଖୋ-ଖୋ ବିଶ୍ୱକପ୍‌କୁ ସଫଳ କରିବା ପାଇଁ ଚଳିତ ମାସ ୨୦ରୁ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ରଚାର ଓ ପ୍ରସାର ଅଭିଯାନ ଚାଲିବ। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ସହଯୋଗ ପ୍ରଦାନ କରିଥିବାରୁ କେକେଏଫ୍‌ଆଇର ସଭାପତି ସୁଧାଂଶୁ ମିତ୍ତଲ ଧନ୍ୟବାଦ ଜଣାଇଛନ୍ତି। ଭାରତର ପାରମ୍ପରିକ କ୍ରୀଡ଼ାକୁ ବିଶ୍ୱରେ ଆଦୃତ କରିବା ସହ ୨୦୩୨ ଅଲିମ୍ପିକ୍ସରେ ଖୋ-ଖୋକୁ ଯେଭଳି ସାମିଲ କରାଯାଇପାରିବ ସେ ଦିଗରେ ପ୍ରଥମ ଖୋ-ଖୋ-ବିଶ୍ୱକପର ଆୟୋଜନ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି ବୋଲି ଶ୍ରୀ ମିତ୍ତଲ କହିଛନ୍ତି।




## ମିଚେଲ ସାଣ୍ଟନର ନ୍ୟୁଜିଲାଣ୍ଡର ଦିନିକିଆ-ଟି୨୦ରେ ଅଧିନାୟକ

ନୂଆଦିଲ୍ଲୀ,୧୯।୧୨: ମିଚେଲ ସାଣ୍ଟନରଙ୍କୁ ଆଧିକାରୀକ ଭାବେ ନ୍ୟୁଜିଲାଣ୍ଡର ହ୍ୱାଇଟ୍ ବଲ୍ ଟିମ୍‌ର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେ କେନ୍ ଓ୍ୱିଲିୟମସନଙ୍କ ସ୍ଥାନ ନେବେ, ଯିଏ କି ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ୍‌ରୁ ଦଳ ବାହାର ହେବା ପରେ ପଦ ଛାଡ଼ି ଦେଇଥିଲେ। ତେବେ ସାଣ୍ଟନର ହ୍ୱାଇଟ୍ ବଲ୍ ଫର୍ମାଟରେ ୧୦୦ରୁ ଅଧିକ ଥର ନ୍ୟୁଜିଲାଣ୍ଡ ଟିମ୍‌ର ପ୍ରତିନିଧିତ୍ୱ କରୁଥିବା କେବଳ ୪ ଖେଳାଳିଙ୍କ ମଧ୍ୟରୁ ଜଣେ। ଗତ ମାସରେ ସେ ଶ୍ରୀଲଙ୍କା ଗସ୍ତ ସହିତ ୨୪ ଟି୨୦ ଏବଂ ୪ ଦିନିକିଆ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଛନ୍ତି। ପୂର୍ଣ୍ଣକାଳୀନ ଅଧିକାରୀକ ଭାବେ ସାଣ୍ଟନରଙ୍କ କାର୍ଯ୍ୟକାଳ ଡିସେମ୍ବର ଶେଷ ଏବଂ ଜାନୁଆରୀ ଆରମ୍ଭରେ ଶ୍ରୀଲଙ୍କା ବିପକ୍ଷ ଟି୨୦ ଏବଂ ଦିନିକିଆ ସିରିଜରୁ ଆରମ୍ଭ ହେବ। ଏହି ଦୁଇ ସିରିଜରୁ ନ୍ୟୁଜିଲାଣ୍ଡ ଦଳ ପାଇଁ ନୂଆ ସମୟ ଆରମ୍ଭ ହେବ।

ସାଣ୍ଟନର କହିଛନ୍ତି ଯେ, ଏହା ସ୍ପଷ୍ଟ ଭାବେ ବହୁତ ବଡ଼ ସମ୍ମାନ ଏବଂ ବଡ଼ ଅଧିକାରର ବିଷୟ ଯେ ଆପଣଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଯେତେବେଳେ ଆପଣ ଜଣେ ଯୁବ କ୍ରିକେଟର ହୋଇଥାନ୍ତି ସେତେବେଳେ ଦେଶ ପାଇଁ ଖେଳିବା ସ୍ୱପ୍ନ ଦେଖିଥାନ୍ତି। ଏମିତିରେ ଦେଶର ନେତୃତ୍ୱ ନେବା ବଡ଼ କଥା। ସୀମିତ ଓଭର କ୍ରିକେଟରେ ସାଣ୍ଟନରଙ୍କ ୨୦୦୦ରୁ ଅଧିକ ରନ୍ ଏବଂ ୨୨୫ ଉଇକେଟ ଅଛି।

**ସାଂଘାତିକ ଅଭିଯୋଗ ଆଣିଲେ ଅଶ୍ୱିନଙ୍କ ବାପା**

# ପୁଅକୁ ଅପମାନିତ କରାଯାଉଥିଲା

ନୂଆଦିଲ୍ଲୀ, ୧୯।୧୨: ଟିମ ଇଣ୍ଡିଆର ଭେଟରାନ ସ୍ପିନର ରବି ଅଶ୍ୱିନଙ୍କ ବାପା ରବିଚନ୍ଦ୍ରନ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବୁଧବାର ସମସ୍ତଙ୍କୁ ଚକିତ କରି ଅଶ୍ୱିନ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଅଧାରୁ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଥିଲେ। ଆଜି ଅଶ୍ୱିନ ନିଜ ଘର ଚେନ୍ନାଇକୁ ଫେରିଛନ୍ତି। ହେଲେ ହଠାତ୍ ଇସ୍ତଫାକୁ ନେଇ ତାଙ୍କ ବାପା ରବିଚନ୍ଦ୍ରନ ସମସ୍ତଙ୍କୁ ଚକିତ କରିବା ଭଳି କଥା କହିଛନ୍ତି। ଅଶ୍ୱିନଙ୍କ ଅପ୍ରତ୍ୟାଶିତ ଅବସର ପରିବାର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ପୁଅ ଭାରତ ପାଇଁ ଖେଳୁ ବୋଲି ରବିଚନ୍ଦ୍ରନ ଚାହୁଁଥିଲ। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ ବାରମ୍ବାର ଅପମାନିତ ହୋଇଆସୁଥିଲେ। ସମ୍ଭବତଃ ଏହି କାରଣ ପାଇଁ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହି ଥାଇପାରନ୍ତି ବୋଲି ରବିଚନ୍ଦ୍ରନ ମତ ରଖିଛନ୍ତି। ରବିଚନ୍ଦ୍ରନ ନିର୍ଦ୍ଦିଷ୍ଟ ଭାବେ ସେ ଆଣିଥିବା ଅପମାନ ଅଭିଯୋଗ ସମ୍ପର୍କରେ କିଛି ବି କହିନାହାନ୍ତି। କିନ୍ତୁ ବିଦେଶ ମାଟିରେ ଅଶ୍ୱିନଙ୍କୁ ନିୟମିତ ସୁଯୋଗ ନ ମିଳିବା ପ୍ରସଙ୍ଗ ହିଁ ରବିଚନ୍ଦ୍ରନ ଏଠାରେ କହିବାକୁ ଚେଷ୍ଟା କରିଛନ୍ତି। ଗୋଟିଏ ଗଣମାଧ୍ୟମକୁ ଅଶ୍ୱିନଙ୍କ ବାପା ରବିଚନ୍ଦ୍ରନ କହିଛନ୍ତି, "ଶେଷ ମୁହୂର୍ତ୍ତରେ ମୁଁ ମଧ୍ୟ ଅବସର ସମ୍ପର୍କରେ ଜାଣିବାକୁ ପାଇଥିଲି। ତା' ଇଚ୍ଛା ଓ ନିଷ୍ପତ୍ତିକୁ ସମ୍ମାନ ଜଣାଇ ମୁଁ ଏଥିରେ ହସ୍ତକ୍ଷେପ କରିନାହିଁ। କିନ୍ତୁ ସେ ଯେଉଁଭଳି ଭାବେ ଅବସର ଘୋଷଣା କଲା, ତା' ପଛରେ ସମ୍ଭବତଃ ଅନେକ କାରଣ ରହିଥାଇ ପାରେ। କେବଳ ଅଶ୍ୱିନ ସେକଥା ଜାଣିଛି। ସମ୍ଭବତଃ ସେ ଅପମାନିତ ବୋଧ ପ୍ରକାଶ କରିଛି।" ବୁଧବାର ହଠାତ୍ ଅଶ୍ୱିନ ଅବସର ଘୋଷଣା କରିବା କଥା ଶୁଣି ପରିବାର ଲୋକ ଭାବବିହ୍ୱଳ ହୋଇଯାଇଥିଲେ କି ପ୍ରଶ୍ନରେ ରବିଚନ୍ଦ୍ରନ କହିଛନ୍ତି, "ଏଥିରେ କୌଣସି ସନ୍ଦେହ ନାହିଁ। କାରଣ ସେ ପଡ଼ିଆରେ ୧୪ରୁ ୧୫ ବର୍ଷ ହେଲା ରହିଥିଲା। ହଠାତ ପରିବର୍ତ୍ତନ ଓ ଅବସର ନିଶ୍ଚିତ ଭାବେ ଆମକୁ ଝଟକା ଦେଇଛି। ସମାନ ସମୟରେ ଆମେ ଏସବୁ ପଛରେ ସେ ସାମ୍ନା କରୁଥିବା ଅପମାନ ମଧ୍ୟ ଗୋଟିଏ କାରଣ ରହିଥାଇ ପାରେ ବୋଲି ଆଶଙ୍କା କରିଛୁ। ସେ କେତେ ଦିନ ଯାଏ ଏସବୁ ସହ୍ୟ କରି ରହିଥାଆନ୍ତା ? ସମ୍ଭବତଃ ସେ ନିଜେ ସବୁ କିଛି ଭାବି ନିଷ୍ପତ୍ତି ନେଇଛି।"




ଅଶ୍ୱିନଙ୍କ ବାପା ଆହୁରି କହିଛନ୍ତି, " ତା' ମୁଣ୍ଡରେ କ'ଣ ସବୁ ଚାଲିଥିଲା ମୁଁ ଜାଣିନାହିଁ। ସେ କେବଳ ଅବସର ଘୋଷଣା କରିଛି। ମୁଁ ମଧ୍ୟ ଏହାକୁ ଉତ୍ସାହର ସହ ଗ୍ରହଣ କରିଛି। ଏନେଇ ମୋର କୌଣସି ପ୍ରକାରର ଦୁଇ ମତ ନାହିଁ। କିନ୍ତୁ ସେ ଯେଉଁଭଳି ଭାବେ ଅବସର ଘୋଷଣା କଲା, ଗୋଟିଏ ପଟେ ମୁଁ ବହୁତ ଖୁସି ହୋଇଥିବା ବେଳେ ଅନ୍ୟପଟେ ମୁଁ ଚାହୁଁଥିଲି ଯେ ସେ ଜାତୀୟ ଦଳ ପାଇଁ ଖେଳିବା ଜାରି ରଖୁ।"

**ଆଇସିସି ଟେଷ୍ଟ ମାନ୍ୟତା**

# ଶୀର୍ଷକୁ ଉଠିଲେ ରୁଟ୍
## ଦ୍ୱିତୀୟ ସ୍ଥାନକୁ ଖସିଲେ ବ୍ରୁକ୍




ଦୁବାଇ,୧୯।୧୨: ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ବ୍ୟାଟିଂ ମାନ୍ୟତା ତାଲିକାରେ ଇଂଲଣ୍ଡର ଜୋ ରୁଟ୍ ପୁନର୍ବାର ଶୀର୍ଷ ସ୍ଥାନ ଫେରି ପାଇଛନ୍ତି। ଗତ ସପ୍ତାହରେ ସେ ଦ୍ୱିତୀୟକୁ ଖସିଥିଲେ। ତାଙ୍କ ସ୍ଥାନରେ ହ୍ୟାରୀ ବ୍ରୁକ୍ ପ୍ରଥମ କରି ଶୀର୍ଷ ସ୍ଥାନ ଦଖଲ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ସେ ଯଥାକ୍ରମେ ୩୨ ଓ ୫୪ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଉକ୍ତ ଟେଷ୍ଟରେ ୪୨୩ ରନ୍‌ରେ ପରାଜିତ ହୋଇଥିଲା। ବ୍ରୁକ୍ ଉଭୟ ଇନିଂସରେ ୦ ଓ ୧ ରନ୍ କରି ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡର କେନ ଓ୍ୱିଲିୟମସନ ପୂର୍ବବତ ତୃତୀୟ ସ୍ଥାନରେ ରହିଥିଲେ ହେଁ ତୃତୀୟ ଟେଷ୍ଟ ସଫଳତା ପରେ ୨୮ ପଏଣ୍ଟ ଅର୍ଜନ କରିଥିଲେ। ସେ ଉଭୟ ଇନିଂସରେ ଯଥାକ୍ରମେ ୪୪ ଓ ୧୫୬ ରନ୍ ସଂଗ୍ରହ କରିଥିଲେ। ଭାରତୀୟଙ୍କ ମଧ୍ୟରେ ଯଶସ୍ୱୀ ଜୈସ୍ୱାଲ୍ ଚତୁର୍ଥ ସ୍ଥାନରେ ରହିଥିବାବେଳେ ରିଷଭ ପନ୍ତ ନବମ ସ୍ଥାନ ବଜାୟ ରଖିଛନ୍ତି। ଟେଷ୍ଟ ବୋଲିଂ ମାନ୍ୟତାରେ ଯଶପ୍ରୀତ ବୁମରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ସେ ୮ଟି ଓ୍ୱିକେଟ୍ ନେଇଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ରବି ଅଶ୍ୱିନ ପଞ୍ଚମ ଓ ରବିନ୍ଦ୍ର ଜାଡେଜା ଷଷ୍ଠ ସ୍ଥାନରେ ରହିଛନ୍ତି।

**ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍**

# 'ବି' ବର୍ଗରେ ଫକିର ବିଜେତା, ଓମ୍‌କାର ଉପବିଜେତା

ଭୁବନେଶ୍ୱର, ୧୯।୧୨: ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ଚାଲିଥିବା ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ମହୋତ୍ସବର 'ବି' ବର୍ଗରେ ଓଡ଼ିଶାର ଫକିର ମାଝୀ (୮.୫ ପଏଣ୍ଟ) ବିଜେତା ହୋଇଥିଲା ବେଳେ ଓମ୍‌କାର କଡ଼ଭ ଉପବିଜେତା ହୋଇଛନ୍ତି। ଓମ୍‌କାରଙ୍କ ସହ ଓଡ଼ିଶାର ଶ୍ରୀହାନ ସାବତ ସମାନ ୮ ପଏଣ୍ଟ୍ ପାଇଥିଲେ ମଧ୍ୟ ବ୍ଲକ୍ ହୋଲ୍‌ଜରେ ପଛୁଆ ରହି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ବର୍ଗର ପ୍ରଥମ ୧୦ସ୍ଥାନ ମଧ୍ୟରେ ରହିଥିବା ଖେଳାଳିମାନେ ହେଲେ ମହାରାଷ୍ଟ୍ରର ରାହୁଲ ବର୍ମା (୭.୫) ଓଡ଼ିଶାର ସୁଧୀର କୁମାର ବେହେରା (୭.୫), ବିହାରର ମୋହିତ କୁମାର ସୋନି (୭.୫), ତେଲେଙ୍ଗାନାର ପି. କାୟାସିଲ୍ (୭.୫), ଓଡ଼ିଶାର ବିନାୟକ ରଥ (୭.୫), ରବୀନ୍ଦ୍ର କୁମାର ଓଝା (୭.୫) ଓ ଆନ୍ଧ୍ରର ମୋହିତ ଭକଚେରି (୭.୫)। ସେହିଭଳି 'ଏ' ବର୍ଗର ପଞ୍ଚମ ରାଉଣ୍ଡ ସୁଦ୍ଧା ଭିଏତନାମର ହେ କ୍ୱେକ୍ ଗୁଏନ୍ ପୂରା ୫ ପଏଣ୍ଟ୍ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ବୁଧବାର ପୁରସ୍କାର ବିତରଣୀ ଉତ୍ସବରେ ଅବିନାଶ ସାମଲ, ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅଲ୍ ଓଡ଼ିଶା ଚେସ୍ ସଂଘ ସଂପାଦକ ଦେବବ୍ରତ ଭଞ୍ଜ, ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା, ଡିନ୍ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ପଲ୍ ଆରୋକ୍ୟ ରାଜ ମୁଖ୍ୟ ବିଚାରକ, ତାପସ ମହାନ୍ତି, ସୁରେଶ ଚନ୍ଦ୍ର ସାହୁ ଉପମୁଖ୍ୟ ବିଚାରକ ଏବଂ ଅପରାଜିତା ଗୋଚ୍ଛିକାର ଓ କବିରାଜ ସାଓ୍ୱନ୍ତ ଫେୟାର ପ୍ଲେ ବିଚାରକ ଦାୟିତ୍ୱ ତୁଲାଉଛନ୍ତି।




## ହକି ଇଣ୍ଡିଆ ଜର୍ସି ଓ ମାସ୍କଟ ଉନ୍ମୋଚିତ



ଭୁବନେଶ୍ୱର,୧୯।୧୨(ସଂଚାର ବ୍ୟୁରୋ): ଡିସେମ୍ବର ୨୮ ତାରିଖରୁ ଆରମ୍ଭ ହେଉଥିବା ହକି ଇଣ୍ଡିଆ ଲିଗ ପୂର୍ବରୁ ବେଦାନ୍ତ ପକ୍ଷରୁ କଳିଙ୍ଗ ଲାନସର୍ସ ଟିମର ଜର୍ସି, ଆନ୍ଥେମ ଓ ମାସ୍କଟକୁ ଉନ୍ମୋଚନ କରାଯାଇଛି। କଳିଙ୍ଗ ଷ୍ଟାଡିଅମ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାସ୍କଟ, ଜର୍ସି ଉନ୍ମୋଚିତ ହୋଇଛି। ଏହି ଜର୍ସିରେ ନୀଳ ଓ ସବୁଜ ରଙ୍ଗର ମିଶ୍ରଣ ରହିଥିବାବେଳେ କମଳା ଓ ଧଳା ରଙ୍ଗ ମଧ୍ୟ ରଖାଯାଇଛି। ଏଥିରେ ଓଡ଼ିଶାର ଇତିହାସ, କଳା, ସଂସ୍କୃତି ପ୍ରତିଫଳିତ ହୋଇଛି। କୋଣାର୍କ ଚକ୍ର ମଧ୍ୟରେ ଏଥିରେ ସ୍ଥାନିତ ହୋଇଛି। ଏପରିକି ଏଥିରେ ଛଉ ନୃତ୍ୟ, ଘୁମୁରା ଡ୍ୟାନ୍ସ ସହ ମହାନଦୀ ଓ ସମ୍ବଲପୁରୀ ଡିଜାଇନର ଝଲକ ରହିଛି। ଏହି ଅବସରରେ ଟିମର ମାସ୍କଟ ଜିତର ଉନ୍ମୋଚନ ସହ କଳିଙ୍ଗ ଲାନସର୍ସର ଆନ୍ଥେମ 'ଜଜବା କି ଜିତ୍' କଠିନ ପରିଶ୍ରମ ଓ ଅଧ୍ୟବସାୟକୁ ସୁଚାଉଛି। ଏପରିକି ଏହି ଟିମରେ ଓଡ଼ିଶାର ଆଠ ଜଣ ହକି ତାରକାଙ୍କୁ ସ୍ଥାନ ମିଳିଛି। କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ବେଦାନ୍ତର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୈପ୍ଳବିକ...

ବରଗଡ଼ ଜିଲ୍ଲାର ପଦମପୁର ଓ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଏବଂ ରାଇରଙ୍ଗପୁର ଏୟାରପୋର୍ଟ ସାମିଲ କରିବା ପାଇଁ ପଦକ୍ଷେପ ନେବା ପାଇଁ ସାଂସଦ ପ୍ରତିନିଧିମଣ୍ଡଳ ଅନୁରୋଧ କରିଛନ୍ତି। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବଢ଼ୁଥିବା ଏୟାର ଟ୍ରାଫିକ ଏବଂ ଘରୋଇ ଏବଂ ଅନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ବଢ଼ୁଥିବା କାରଣରୁ ନୂଆ ଘରୋଇ ଟର୍ମିନାଲ ବିଲଡିଂ-୩ ପାଇଁ ମଞ୍ଜୁର ଦିଆଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ଶିଳ୍ପ ସମୃଦ୍ଧ ସହର ଝାରସୁଗୁଡ଼ାରେ ଯାତ୍ରୀଙ୍କ ଯାତାୟତ ପାଇଁ ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଫେଜ୍ -୨ର ନବୀକରଣ କାମ ନିତାନ୍ତ ଜରୁରୀ । ବିମାନ ଚଳାଚଳ ଗବେଷଣା କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା କଟକର ଚାରବାଟିଆ ଏୟାରଫିଲ୍ଡ ଜନସାଧାରଣଙ୍କ ସ୍ୱାର୍ଥକୁ ପୂରଣ କରିବ । ରାଜ୍ୟର ପ୍ରମୁଖ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର ଅନୁଗୁଳ ତାଳଚେରର ଖଣିଜ ଅଞ୍ଚଳ, କଳିଙ୍ଗନଗରର ଇସ୍ପାତ କେନ୍ଦ୍ର ଏବଂ ଦେଶର ସର୍ବବୃହତ ବନ୍ଦର ପାରାଦୀପ ନିକଟରେ ରହିଥିବା ବେଳେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କ୍ୟାପିଟାଲ ରିଜିଅନ୍ ରିଙ୍ଗରୋଡ୍ କାମ ଚାଲୁଥିବା କାରଣରୁ ଏହି ପଦକ୍ଷେପ ଓଡ଼ିଶାର ଶିଳ୍ପ ବିକାଶରେ ସହାୟକ ହେବ। ଶ୍ରୀଜଗନ୍ନାଥ ଧାମ ପୁରୀରେ ରାଜ୍ୟ ସମେତ ଦେଶ ବାହାରୁ ଲକ୍ଷାଧିକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ଆଗମନ ହେଉଛି । ପୁରୀରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ ତୀର୍ଥଯାତ୍ରୀମାନଙ୍କୁ ସିଧାସଳଖ ଏବଂ ନିରନ୍ତର ବିମାନସେବା ମିଳିପାରିବ । ସେହିପରି ଅନ୍ୟାନ୍ୟ ବିମାନବନ୍ଦରର ସମ୍ପ୍ରସାରଣ ଓ ନବୀକରଣ ଦ୍ୱାରା ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ବିମାନ ଯୋଗାଯୋଗ କ୍ଷେତ୍ରରେ ଏକ ବଡ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ରାଜ୍ୟର ଅର୍ଥନୀତି ଆହୁରି ମଜଭୁତ୍ ହେବା ସହ ରୋଜଗାର ସୁଯୋଗ, ପର୍ଯ୍ୟଟନ ଏବଂ ବାଣିଜ୍ୟ ବ୍ୟବସାୟରେ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ତିଆରି କରିପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

### ଶିକ୍ଷା ପରିବେଶକୁ...

୧୨୫ ତମ ଜନ୍ମ ଶତ ବାର୍ଷିକୀ ପାଳନ କରୁଥିବା ବେଳେ, ଏହି ଐତିହାସିକ ଅନୁଷ୍ଠାନ ମଧ୍ୟ ତା'ର ୭୫ ତମ ସ୍ୱନକ୍ଷେତ୍ର ପାଳନ କରୁଛି। ଏହି ବିଦ୍ୟାଳୟ ନିରନ୍ତର ଭାବେ ଚମ୍ପୁଆ ଉପଖଣ୍ଡ, ସୀମନ୍ତ ଝାଡଖଣ୍ଡ ଓ ମୟୂରଭଞ୍ଜ ଜିଲ୍ଲାର ବହୁ ଛାତ୍ରଛାତ୍ରୀଙ୍କୁ ପାଇଁ ଗଢ଼ି ତୋଳିବା ସହିତ ଶିକ୍ଷାର ଆଲୋକବର୍ତ୍ତିକା ହୋଇ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପ୍ରାକୃତିକ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାର ସାମଗ୍ରୀକ ବିକାଶ ଉପରେ ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସମସ୍ତ ଖଣିଜ ସମ୍ପଦ ଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲା ଅବହେଳିତ ହୋଇ ରହିଥିଲା। ଏବେ ଏହାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। କେନ୍ଦୁଝରର ବିକାଶ କିପରି ହେବ ସେ ନେଇ ଆମେ ସମସ୍ତେ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଏଥି ସହିତ ଜିଲ୍ଲାରେ ରହିଥିବା ଅନ୍ୟାନ୍ୟ ସମସ୍ୟାର ସମାଧାନ ହୋଇ ପାରିବ ସେ ନେଇ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ ଲୋଡିଥିଲେ। କେନ୍ଦୁଝର ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବାରୁ କେନ୍ଦୁଝର ମେଡିକାଲ କଲେଜ୍ ଓ ହସ୍ପିଟାଲରେ ଏକ ଟ୍ରମା କେୟାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କେନ୍ଦୁଝରରେ ଏକ ବାଇପାସ୍ ନିର୍ମାଣ କରାଯିବା ସହିତ ବୈତରଣୀ ନଦୀରେ ନିର୍ମିତ ହେଉଥିବା ବୃହତ୍ତ ଜଳ ସେଚନ ପ୍ରକଳ୍ପ ଜୁନ୍ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଉତ୍ତର ଓଡିଶାର ବିକାଶ ପାଇଁ ଖୁବଶୀଘ୍ର ଉତ୍ତର ଓଡିଶା ବିକାଶ ପରିଷଦ ନିର୍ମାଣ କରାଯିବ। ଏଥିନେଇ ଏକ ଟାସ୍କଫୋର୍ସ ମଧ୍ୟ ଗଠନ କରାଯାଇଛି। ଏହା ନିର୍ମାଣ ହେବା ଦ୍ୱାରା ସମ୍ପୂର୍ଣ୍ଣ ଉତ୍ତର ଓଡିଶାର ବିକାଶ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଅନେକ ଉତ୍ଥାନ ପତନ ପରେ ଏହି ବିଦ୍ୟାଳୟ ଆଜି ହୀରକ ଜୟନ୍ତୀ ପାଳନ କରୁଛି। ଶିକ୍ଷାନୁଷ୍ଠାନକୁ ଆଗକୁ ବଢିବାରେ ଯେଉଁମାନେ ସହଯୋଗ କରିଥିଲେ ସେମାନଙ୍କୁ ଆଜି ସ୍ମରଣ କରିବାର ପ୍ରକୃଷ୍ଟ ସମୟ। ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହୋଇପାରିବ। କେବଳ ଶିକ୍ଷା ଗ୍ରହଣ କଲେ ହେବ ନାହିଁ, ଚରିତ୍ର ଗଠନ ମଧ୍ୟ ଆବଶ୍ୟକ ବୋଲି ସେ ମତଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚମ୍ପୁଆ ବିଧାୟକ ଶ୍ରୀ ସନାତନ ମହାକୁଡ, ତେଲକୋଇ ବିଧାୟକ ଶ୍ରୀ ଫକୀର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଲ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ସତ୍ୟବ୍ରତ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପ୍ରକାଶ ସାହୁ ଏବଂ ହୀରକ ଜୟନ୍ତୀ କମିଟିର ସଭାପତି ଶ୍ରୀ ଗଙ୍ଗାଧର କର ଏବଂ ସମ୍ପାଦକ ଶ୍ରୀ ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଇଭେଣ୍ଟ ସଂସ୍ଥା...

ପାଉଣା ବନ୍ଦ ହୋଇଥିଲା । ଏବେ ପୁଣିଥରେ ସେ ଦୁଇଟି ସ୍ଥାନରୁ ପାଉଣା ନେଉଥିବାବେଳେ କାଁ ଭାଁ ଦପ୍ତରକୁ ଆସୁଥିବା ନେଇ ଚର୍ଚ୍ଚା ହେଉଛି । ତେବେ ବିଜେଡିର ଗେହ୍ଲାପୁଅ ସାଜିଥିବା ଏହି ଇଭେଣ୍ଟ ସଂସ୍ଥା କିଭଳି ଅଳ୍ପଦିନରେ ବିଜେପିର ଗେହ୍ଲାପୁଅ ହୋଇ କାମ ହାତେଇ ନେଉଛି ଓ ସରକାରୀ ସଂସ୍ଥାରେ ନିଜ କର୍ମଚାରୀଙ୍କୁ ନିଯୁକ୍ତି ଦେବାରେ ସଫଳ ହୋଇଛି ତାହାକୁ ନେଇ ଏବେ ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି । ଏସବୁ ପଛରେ କୁଆଡେ ଦୁଇ ଦଶନ୍ଧିର ଗଞ୍ଜାମ ଫେରନ୍ତା ବାବୁମାନଙ୍କ ଆର୍ଶୀବାଦ ରହିଛି ।

ସପ୍ତାହକ ମଧ୍ୟରେ ଏହି ଚର୍ଚ୍ଚିତ ଇଭେଣ୍ଟ ସଂସ୍ଥାର କାରବାର ଉପରେ ଇଡି ରେଡ୍ କରିଥିବା ଖବର ରାଜଧାନୀରେ ଘୂରି ବୁଲୁଥିବାବେଳେ ଏବେ କିଛି ଗଣମାଧ୍ୟମ ଏହାର ସତ୍ୟତା ଖୋଜିବାରେ ଲାଗିଛନ୍ତି ।

ଖୁବ୍‌ଶୀଘ୍ର ସତ୍ୟ ପଦାକୁ ଆସିବ ବୋଲି ଅନୁସନ୍ଧାନକାରୀମାନେ ମତ ଦେଉଥିବାବେଳେ ଉକ୍ତ ସଂସ୍ଥା ପଛରେ ଥିବା ଗଡଫାଦରଙ୍କ ତାଲିକା ବି ପ୍ରସ୍ତୁତି ଚାଲିଛି । ବହୁ ନାମୀ ଦାମୀ ଇଭେଣ୍ଟ ସଂସ୍ଥାର ଭେଳା ବୁଡାଇଥିବା ଉକ୍ତ ସଂସ୍ଥା ସଂକ୍ରାନ୍ତରେ ତଦନ୍ତ କରାଗଲେ ଅନେକ ବାବୁ ଓ ନେତାଙ୍କ କାରନାମା ପଦାକୁ ଆସିବ ବୋଲି କୁହାଯାଉଛି ।

### ସଂସଦରେ ...

କରୁଥିବା ବେଳେ ରାହୁଲ ଗାନ୍ଧି ସଂସଦ ଭିତରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ବିଜେପି ସାଂସଦମାନେ ବାଟ ନ ଛାଡ଼ିବାରୁ ସେ ଠେଲି ଭିତରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଜଣେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ଉପରେ ପଡ଼ିଯାଇଥିଲେ। ଫଳରେ ପ୍ରତାପ ଷଡ଼ଙ୍ଗୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା। ଧକ୍କାଦେଇ ଆହତ କରିବା ପରେ ପ୍ରତାପ ଷଡ଼ଙ୍ଗୀଙ୍କୁ ହସ୍ପିଟାଲ ନିଆଯାଉଥିବା ସମୟରେ ରାହୁଲ ସେହିବାଟେ ଯାଉଥିଲେ ଓ ପ୍ରତାପଙ୍କୁ ଦେଖି କିଛି ସମୟ ଅଟକି ଯାଇଥିଲେ। କିନ୍ତୁ ବିଜେପିର କେତେକ ସାଂସଦ ଟାର୍ଗେଟ କରିବାରୁ ସେ ତୁରନ୍ତ ଚାଲିଯାଇଥିଲେ। ମୁକେଶ ରାଜପୁତ ମଧ୍ୟ ଠେଲାପେଲାରେ ଆହତ ହୋଇଥିଲେ। ଶ୍ରୀ ଷଡ଼ଙ୍ଗୀ କହିଛନ୍ତି, ପାହାଚରେ ଚିଡ଼ା ହୋଇଥିବା ସମୟରେ ରାହୁଲ ଗାନ୍ଧି ଜଣେ ସାଂସଦଙ୍କୁ ଠେଲି ଦେବାରୁ ସେ ମୋ' ଉପରେ ପଡ଼ିଥିଲେ। ମୁଁ ପାହାଚରୁ ତଳକୁ ଖସିପଡ଼ି ଥିଲି। ମୁକେଶ ତାଙ୍କ ଉପରେ ପଡ଼ିଯାଇଛନ୍ତି ବୋଲି ପ୍ରତାପ ଷଡ଼ଙ୍ଗୀ କହି ନାହାନ୍ତି। କିନ୍ତୁ ମୁକୋ ତାଙ୍କ ଉପରେ ପଡ଼ିଥିବା କିଛି ସାଂସଦ ପ୍ରକାଶ କରିଛନ୍ତି। ସଂସଦ ବାହାରେ ଥିବା ସିସିଟିଭି ଫୁଟେଜରୁ ଶ୍ରୀ ଷଡ଼ଙ୍ଗୀଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଉଥିବା ଦେଖାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ରାହୁଲ ଆପଣମାନେ କରାଟେ ଜାଣିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ବିଶୃଙ୍ଖଳା ଆରମ୍ଭ ହୋଇଥିଲା। ସଂସଦ ଭବନ ରେସ୍‌ଲିଂ ସ୍ଥଳ ନୁହେଁ। ହିଂସ୍ର ଆଚରଣ ପାଇଁ ରାହୁଲ କ୍ଷମାମାଗିବା ଉଚିତ।

### ଘରୋଇ ସଂସ୍ଥା...

ଚାଷୀଙ୍କ ଭାଗ୍ୟ । ତେବେ ଧାନ ପରୀକ୍ଷା ପାଇଁ କର୍ମଚାରୀମାନଙ୍କୁ ଆଠ ମାସିଆ ନିଯୁକ୍ତି ପତ୍ର ଧରାଯାଉଥିବାବେଳେ ସେମାନଙ୍କୁ ମାସିକ ୧୫ହଜାର ଟଙ୍କା ପାରିଶ୍ରମିକ ମିଳିବ ବୋଲି କୁହାଯାଉଛି। ତେବେ ଏହି ନିଯୁକ୍ତି କ୍ଷେତ୍ରରେ ରାଜ୍ୟର କେତେ ସ୍ଥାନରେ ହାତଗୁଞ୍ଜା ଚାଲିଥିବା ନେଇ ଆଲୋଚନା ହେଲାଣି । କେଉଁଠି ତିନି ମାସର ଦରମା ଓ ଆଉ କେଉଁଠି ଚାରି ମାସର ଦରମା ହାତଗୁଞ୍ଜା ବାବଦରେ ଆଗୁଆ ଦେବାକୁ ହେଉଛି । କର୍ମଚାରୀଙ୍କ ଠାରୁ ଏଭଳି ଚତୁର ଭାବେ ହାତଗୁଞ୍ଜା ନିଆଯାଉଛି ଯେ ଖୋଦ ବୋର୍ଡ ବି ତାହାର ଟେର୍ ପାଉନାହିଁ । ଠିକାରେ ନିଯୁକ୍ତ ହେଉଥିବା ଏହି କର୍ମଚାରୀମାନେ ବିଭିନ୍ନ ମଣ୍ଡିରେ ଥିବା ଧାନର ମାନ ପରୀକ୍ଷା ଯନ୍ତ୍ର (ଆନାଲାଇଜର) ପରଚାଳନା କରିବା ସହିତ ଧାନ କେଉଁ ମାନର ତାହାର ପ୍ରମାଣପତ୍ର ଦେବେ । ସେହି ଆଧାରରେ ଚାଷୀଙ୍କ ଧାନ ସଂଗ୍ରହ ହେବ । ଚଳିତବର୍ଷ ଧାନ କୁଇଣ୍ଟାଲ ଉପରେ ସରକାର ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସବସିଡ୍ ଦେଉଥିବାରୁ ଚାଷୀମାନେ କୁଇଣ୍ଟାଲ ପିଛା ମୋଟ୍ ୩୧୦୦ ଟଙ୍କା ପାଇବେ । ତେଣୁ ଅଧିକରୁ ଅଧିକ ଧାନ ମଣ୍ଡିକୁ ଆସୁଛି। ହେଲେ ଧାନର ମାନ ଏଫ୍‌ଏକ୍ୟୁ ନହେଲେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳିବ ନାହିଁ। ତେଣୁ ବହୁ ସ୍ଥାନରେ ଧାନର ମାନକୁ ନେଇ ଚାଷୀ ଓ ମଣ୍ଡି କର୍ତ୍ତୃପକ୍ଷ ମୁହାଁମୁହିଁ ହେଉଛନ୍ତି । ଏଥର ଧାନର ମାନ ପରୀକ୍ଷା ସମବାୟ କର୍ତ୍ତୃପକ୍ଷଙ୍କ ହାତରେ ନଥିବାରୁ ସେମାନେ ଏଥିରେ ବିଶେଷ ମୁଣ୍ଡ ଖେଳାଉ ନାହାନ୍ତି । ତେଣୁ ମଣ୍ଡିଗୁଡିକରେ କେଉଁ ଜ୍ଞାନକୌଶଳ ଆଧାରରେ ଧାନ ପରୀକ୍ଷା ପାଇଁ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳୁଛି ତାହାର ଅନୁଧ୍ୟାନ ସହିତ ସେମାନଙ୍କୁ ଠିକଣା ତାଲିମ ଦେବାପାଇଁ ମତପ୍ରକାଶ ପାଉଛି ।

### ପ୍ରଶାସନକୁ...

ଅଧିକାରିଣୀଙ୍କ କାରନାମାର ଖବର ପ୍ରସାରିତ ହେବା ଓ କିଛି ଅନୁଷ୍ଠାନ ସାହସ ସଞ୍ଚୟ କରି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଫେରାଦ ହେବାପରେ ରାଜଧାନୀରୁ ଯାଇଥିଲା ତଦନ୍ତ ନିର୍ଦ୍ଦେଶ। କିନ୍ତୁ କୌଣସି ଅକୁହା କାରଣ ଯୋଗୁଁ ଜିଲ୍ଲା ପ୍ରଶାସନ ତଦନ୍ତ ସାରିଥିଲେ ମଧ୍ୟ ରିପୋର୍ଟ ରାଜଧାନୀକୁ ପଠାଉ ନାହାନ୍ତି । ରିପୋର୍ଟ ରାଜଧାନୀରେ ପହଞ୍ଚିଲେ ଜିଲ୍ଲାର ଆଉ କିଛି ଅଧିକାରୀ ଅକଳରେ ପଡିବା ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ଅଧିନରେ ଥିବା ଶିଶୁ ସୁରକ୍ଷା ସମିତି ଏହି ଅଧିକାରୀଙ୍କୁ ନିଯୁକ୍ତି ଦେଇଥିବାବେଳେ ତାଙ୍କ କାର୍ଯ୍ୟକଳାପର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛି । ହେଲେ ତଦନ୍ତ ରିପୋର୍ଟ କାହିଁକି ରାଜଧାନୀରେ ପହଁଚୁ ନାହିଁ ତାକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିକଟରେ ଫେରାଦ ହେବାପାଇଁ ଜିଲ୍ଲାର କିଛି ଅନୁଷ୍ଠାନର କର୍ମକର୍ତ୍ତା ସଜବାଜ ହେଉଥିବା ଖବର ମିଳିଛି। ବିଜେଡି ସରକାରର ଗେହ୍ଲାଝିଅ ସାଜିଥିବା ଏହି ଅଧିକାରିଣୀଙ୍କୁ ବିଜେପି ସରକାରରେ କିଏ ସୁରକ୍ଷା ଦେଉଛି ତାହାକୁ ନେଇ କୋରାପୁଟରୁ ରାଜଧାନୀଯାଏ ଚର୍ଚ୍ଚା ଚାଲିଥିବାବେଳେ ବିଜେଡି ମାର୍କା ଏହି ଅଧିକାରିଣୀ ଏବେ ଜିଲ୍ଲା ପ୍ରଶାସନ ପାଇଁ କିନ୍ତୁ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି । ତଦନ୍ତ ରିପୋର୍ଟ ରାଜଧାନୀରେ ନପହଞ୍ଚିଲେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପୁଣିଥରେ ଅଭିଯୋଗ ପକାଇବାପାଇଁ ବି ପ୍ରସ୍ତୁତି ଚାଲିଥିବାର ସୂଚନା ମିଳିଛି।

### ଆମ୍ବେଦକର...

ଆକ୍ରମଣ କରୁଛନ୍ତି। ପ୍ରତାପ ଷଡ଼ଙ୍ଗୀଙ୍କୁ ଧକ୍କା ଦେଇଥିବା ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଯେ ମୁଖ୍ୟ ପ୍ରସଙ୍ଗ ହେଉଛି ସମ୍ବିଧାନ ଏବଂ ବାବା ସାହେବଙ୍କ ସ୍ମୃତି ଅପମାନ ହୋଇଛି। ଆମ୍ବେଦକରଙ୍କୁ ଅମିତ ଶାହ ଅପମାନିତ କରିବା ଓ ଆଦାନୀ ପ୍ରସଙ୍ଗ ଉପରୁ ଦେଶର ନଜର ହଟାଇବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ନରେନ୍ଦ୍ର ମୋଦିଙ୍କ ବନ୍ଧୁ ଆଦାନୀ ବିରୋଧରେ ଆମେରିକାରେ ହୋଇଥିବା ମାମଲାକୁ ସେମାନେ ଲୁଚେଇବାକୁ ଚାହୁଁଛନ୍ତି। ଏଗୁଡ଼ିକ ହେଉଛି ମୁଖ୍ୟ ପ୍ରସଙ୍ଗ, ଆଉ ବିଜେପି ଏହା ଉପରେ ଆଲୋଚନା କରିବାକୁ ଚାହୁଁନାହିଁ।କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଉକ୍ତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆମ୍ବେଦକରଙ୍କ ନା ନେବା ଫେସନରେ ପରିଣତ ହୋଇଛି ବୋଲି ଅମିତ ଶାହ କହିବା ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ସେ ତ୍ରୁଟି ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ପ୍ରଧାନମନ୍ତ୍ରୀ ତାଙ୍କୁ ବରଖାସ୍ତ କରନ୍ତୁ। ଏହାକୁ ରାହୁଲ ଓ ପ୍ରିୟଙ୍କା ବିରୋଧ କରିବାରୁ ବିଜେପି ପ୍ରସଙ୍ଗକୁ ଏଡ଼େଇବା ପାଇଁ ମିଛର ଆଶ୍ରୟ ନେଇଛି। ରାହୁଲ ସଂସଦକୁ ଯିବା ବେଳେ ବିଜେପି ସାଂସଦମାନେ ତାଙ୍କୁ ବାଧା ଦେଇ ଠେଲାପେଲା କଲେ। ସେ ନିଜେ ମଧ୍ୟ ଠେଲାପେଲାରେ ତଳେ ପଡ଼ିଗଲେ। ଯାହାଫଳରେ ଆଣ୍ଠୁରେ ଆଘାତ ଲାଗିଛି ବୋଲି ଖଡ଼ଗେ କହିଛନ୍ତି।

### ଟିମ୍ ...

ସେୟାର କରିବା ପୂର୍ବରୁ ଦୁଇଥର ଭାବିବାର ଥିଲା । କାରଣ ଡିସିପି ପିନାକ ମିଶ୍ର ଦୁଇଦିନ ତଳେ ୧୫୦ ପୋଲିସ କର୍ମଚାରୀଙ୍କୁ ସ୍ପେଶାଲ ଟିମ ଗଠନ ହୋଇଥିବା ନେଇ କହିଥିଲେ। ଯେଉଁମାନେ ଅଦୃଶ୍ୟ ଭାବେ ବିନା ୟୁନିଫର୍ମରେ ପାଇଁତରା ମାରିବେ। ଏହାଦ୍ୱାରା ସହର ଉପକଣ୍ଠରେ ହେଉଥିବା ଆପାର୍ଟମେଣ୍ଟ ଲୁଟରେ ଲଗାମ ଲାଗିପାରିବ। କିନ୍ତୁ ପରିତାପର ବିଷୟ ଏହି ସ୍କ୍ୱାଡ଼ ଗଠନ ପରେ ଲୁଟ ବଢ଼ିବା ଦେଖାଯାଉଛି। କିନ୍ତୁ ଗୋଟିଏ ପଟେ ଦିପ୍ରହରରେ ସହରରେ ଲୁଟ ବଢ଼ି ଚାଲୁଥିବା ବେଳେ ଅନ୍ୟପଟେ ଦୁଇ ଲିଟର ତେଲ ପ୍ୟାକେଟ ଚୋରକୁ ଧରି ନିଜକୁ ପାରିବାର ବୋଲି ସାବ୍ୟସ୍ତ କରିବା ଘଟଣା ଭୁବନେଶ୍ୱର ପୋଲିସକୁ ନିନ୍ଦିତ କରିଛି।

### ଦେଶ ଦେଖିଲା...

ଆଚରଣ ଆଜି ନିର୍ବାଚିତ ସାଂସଦମାନଙ୍କୁ ଗଭୀର ଆଘାତ ଦେବା ସହ ଜୀବନକୁ ବିପଦରେ ପକାଇଛି । ତାଙ୍କ ଆଚରଣ ଓ ଅସଦାଚରଣକୁ ଦୃଢ଼ ଭାବେ ନାପସନ୍ଦ କରୁଛନ୍ତି । ତାଙ୍କର ଏହି ପିଲାଳିଆମି କାର୍ଯ୍ୟ କେବଳ ନିନ୍ଦାରେ ସୀମିତ ନୁହେଁ । ତାଙ୍କର ଆଚରଣ ସଂସଦୀୟ ମୂଲ୍ୟବୋଧର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

### ଉଭୟ ପକ୍ଷରୁ ...

ସମେତ ୧୧୫, ୧୧୭, ୧୨୫, ୧୩୧ ଓ ୩୫୧ ଭଳି ଧାରାରେ ଏତଲା ଦେଇଛୁ। କଂଗ୍ରେସ ସାଂସଦଙ୍କ ଏକ ପ୍ରତିନିଧି ଦଳ ସେହି ସଂସଦ ମାର୍ଗ ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମସ୍ତ ଘଟଣା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରଚାଯାଇଥିବା କଂଗ୍ରେସ ପକ୍ଷରୁ ଦର୍ଶାଯାଇଛି।

ଦିନକ ପୂର୍ବରୁ ସଂସଦରେ ଦଳିତ ନେତା(ଖଡଗେ)ଙ୍କୁ ଅପମାନିତ କରାଯାଇଥିଲା। ଆଜି ବିଜେପି ସାଂସଦ ତାଙ୍କୁ ଠେଲି ଆହତ କରିଛନ୍ତି ବୋଲି କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡଗେଙ୍କ ଭଳି କଂଗ୍ରେସର ଶୀର୍ଷ ନେତା ଅଭିଯୋଗ କରିଛନ୍ତି ଯେ ବିଜେପି ସଂସଦର ଗରିମା ନଷ୍ଟ କରୁଛି। ଶ୍ରୀ ଖଡଗେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଚିଠି ଲେଖି ତାଙ୍କୁ ବିଜେପି ସାଂସଦ ଜାଣିଶୁଣି ଠେଲି ଦେଇଥିବା ଅଭିଯୋଗ କରିଛନ୍ତି।

### ଅହଂକାର...

ସେମାନେ ଆଜି ଯାହା କରିଛନ୍ତି ସେଥିପାଇଁ କ୍ଷମା ପ୍ରାର୍ଥନା କରିବେ। ହେଲେ ସେମାନେ ଏପରି କିଛି କଲେ ନାହିଁ। ତାଙ୍କ ସାମ୍ବାଦିକ ସମ୍ମିଳନୀ ତାଙ୍କ ଅହଂକାରକୁ ଦେଖାଇଛି। ରାହୁଲଙ୍କ ବ୍ୟବହାର ଦେଖୁଛି।
ଆଜି ସେ ଯାହା କଲେ, ଗୋଟିଏ ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ।

**ସଂସଦରେ ପ୍ରତାପ ଷଡଙ୍ଗୀଙ୍କୁ ଠେଲାପେଲା ଘଟଣା**

## ନୀଳଗିରି ବିଜେପି ପକ୍ଷରୁ ପ୍ରତିବାଦ ସହ କୁଶପୁତ୍ତଳିକା ଦାହ

**ନୀଳଗିରି, ୧୯।୧୨ (ସଂଚାର ବ୍ୟୁରୋ) :** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଗୁରୁବାର ଦିନ ସଂସଦ ଭବନରେ ଠେଲାପେଲା ଘଟଣାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତଳେ ପଡିଯିବାରୁ ତାଙ୍କର ମୁଣ୍ଡରେ ଆଘାତ ଲାଗି ଫାଟି ଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ମେଡିକାଲ ନିଆଯାଇଥିଲା।



ରାହୁଲ ଗାନ୍ଧୀଙ୍କ ଏଭଳି ରାଜନୀତିକୁ ନେଇ ସାଂସଦଙ୍କ ଜନ୍ମମାଟି ନୀଳଗିରିର ଘୋର ନିନ୍ଦା କରାଯାଉଥିବା ବେଳେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଅପରାହ୍ନରେ ନୀଳଗିରି ଦୁର୍ଗାମଣ୍ଡପ ଠାରେ ରାହୁଲ ଗାନ୍ଧୀଙ୍କ ଏପରି କାର୍ଯ୍ୟଧାରାକୁ ନିନ୍ଦା କରିବା ସହ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏହି ଅବସରରେ ବିଜେପିର ମୋନରଞ୍ଜନ ବେହେରା, ପ୍ରଫୁଲ୍ଲ ଦଳାଇ, ଦେବାଶିଷ ଆଚାର୍ଯ୍ୟ, ସମର ଶଙ୍କର କାନୁନଗୋ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସମେତ ଶହ ଶହ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବାବୁରାମ ଚୌଧୁରୀଙ୍କୁ ଜଷ୍ଟିସ ରାଜକିଶୋର ଦାସ ସ୍ମାରକୀ ସମ୍ମାନ

**କୁଜଙ୍ଗ, ୧୯।୧୨ (ସଂଚାର ବ୍ୟୁରୋ) :** କୁଜଙ୍ଗ ଅଞ୍ଚଳର ବରିଷ୍ଠ ନାଗରିକ ତଥା ସମାଜସେବୀ କମ୍ରେଡ଼ ବାବୁରାମ ଚୌଧୁରୀ ଙ୍କୁ ଜଷ୍ଟିସ ରାଜକିଶୋର ଦାସ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀଯୁକ୍ତ ଚୌଧୁରୀ ଶିକ୍ଷକତା ଜୀବନରୁ



ଅବସର ଗ୍ରହଣ କରିବା ପରେ ଏକ ଦଶନ୍ଧୀରୁ ଉର୍ଦ୍ଧ ସମୟ ଧରି ନିଜକୁ ବିଭିନ୍ନ କ୍ଷେତ୍ରରେ ସମାଜ ସେବା ସହିତ ସାମିଲ କରିଆସିଛନ୍ତି । ବରିଷ୍ଠ ନାଗରିକ ସଙ୍ଘ, ବିଦ୍ୟୁତ ଉପଭୋକ୍ତା ସଙ୍ଘ, ନିଶାନିବାରଣ ସଚେତନତା ଆନ୍ଦୋଳନ, ଚାଷୀ ଆନ୍ଦୋଳନ ଆଦିରେ ସାମିଲ କରି ସାମାଜିକ ପରିବର୍ତ୍ତନ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗତ ୧୬ ତାରିଖରେ କଟକସ୍ଥିତ ସାରଳା ଭବନରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଓଡିଶା ହାଇକୋର୍ଟ ର ବିଚାରପତି ବିଭୁପ୍ରସାଦ ରାଉତରାୟ, ପ୍ରଫେସର ଅଦ୍ୱୈତ ପ୍ରସାଦ ନାୟକ, ସ୍ମୃତି ପରିଷଦର ସମ୍ପାଦକ ଡକ୍ଟର ସତ୍ୟ ରାୟ ପ୍ରମୁଖ ଶ୍ରୀଯୁକ୍ତ ଚୌଧୁରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ ।

## ୪୦୦ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

**ବୈଶିଙ୍ଗା, ୧୯।୧୨ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ଗ୍ରାମର ହେମନ୍ତ କୁମାର ସାହୁ ଦୀର୍ଘ ଦିନ ହେବ ଗଞ୍ଜା ବେପାର କରୁଥିବା ନେଇ ଖବର ପାଇ ଗୁରୁବାର ସକାଳ ୮ ଘଟିକା ସମୟରେ ବେତନଟୀ ଅବକାରୀ ବିଭାଗ ଥାନାଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଖୁଣ୍ଟା ଅବକାରୀ ଥାନାର ସବ ଇନସ୍ପେକ୍ଟର ମମତା ଦାସଙ୍କ ସହ ବାରିପଦା, ଉଦଳା ଏବଂ ବେତନଟୀ ଅବକାରୀ ଥାନାର ସହକର୍ମୀଙ୍କ ସହ ମାଣତ୍ରୀ ଗ୍ରାମର ହେମନ୍ତ ସାହୁଙ୍କ ଘରକୁ ଚଢାଉ କରିଥିଲେ । ଘରୁ ତାଙ୍କ ନିକଟରୁ ୪୦୦ ଗ୍ରାମର ଗଞ୍ଜା ଜବତ କରିବା ସହ ତାଙ୍କୁ ଗିରଫ କରି ନେଇଆସିଥିଲେ। ରୁଜ୍ଜୁ ହୋଇଥିବା ମାମଲା ମୂଳେ ଅଭିଯୁକ୍ତ ହେମନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା । ମାତ୍ର ସେଠାରେ ତାଙ୍କର ଜାମିନ ମଞ୍ଜୁର ହୋଇଥିବା ଜଣାଯାଇଛି।

## ପାଳଗଦାରୁ ବୋମା ଜବତ

**କଣାସ, ୧୯।୧୨ (ସଂଚାର ବ୍ୟୁରୋ) :** କଣାସ ଥାନା ନିକଟବର୍ତ୍ତୀ କଣାସ ଗ୍ରାମର କେଦାର ସାହୁଙ୍କ ପାଳଗଦାରୁ ଆଜି ପୋଲିସ୍ ଦୁଇଟି ବୋମା ଯବତ କରି ନଷ୍ଟ କରିଦେଇଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି କଣାସ ଗ୍ରାମର



କେଦାର ସାହୁଙ୍କ ଘର ପଛପଟେ ଥିବା ପାଳଗଦାରୁ ଗାଈଙ୍କ ଖାଇବା ପାଇଁ ପାଳ ଭିଡୁଥିବା ବେଳେ ବୋମା ଦୁଇଟିଙ୍କୁ ଦେଖି କଣାସ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ଅଧିକାରୀଙ୍କୁ ଖବର ଦେଇଥିବା କଣାସ ଗ୍ରମାର ସନ୍ତୋଷ ମଲ୍ଲିକ୍‌ଙ୍କୁ ବୋମା ଉପରେ ପାଣି ଢାଳିଦେବା ପାଇଁ ନିର୍ଦ୍ଦେଶ ଦେବାପରେ ଶ୍ରୀମଲ୍ଲିକ ପାଞ୍ଚ ବାଲିଟ୍ ପାଣି ବୋମା ଉପରେ ଢାଳି ଦେଇଥିଲେ। ପୋଲିସ୍ ପହଞ୍ଚି ବୋମା ଦୁଇଟି ଯବତ କରି ନଷ୍ଟ କରିଦେଇଥିବା ବେଳେ କିଏ ଓ କାହିଁକି ବୋମା ରଖିଲା ତଦନ୍ତ

## ଚାକିରି ନାଁରେ ୬୦ ଲକ୍ଷ ଠକେଇ ଅଭିଯୋଗ

**ବ୍ରହ୍ମପୁର, ୧୯।୧୨ (ସଂଚାର ବ୍ୟୁରୋ) :** ଚାକିରି କରାଇ ଦେବା ନାଁରେ ଜଣେ ଆଶାୟୀଙ୍କ ଠାରୁ ୬୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲା ଆସିକା ଥାନା ନଳବଣ୍ଟା ଗ୍ରାମର ସନ୍ତୋଷ କୁମାର ପାଢ଼ୀ ନାମକ ଜଣେ ବ୍ୟକ୍ତି ଏହି ଠକେଇର ଶିକାର ହୋଇଛନ୍ତି। ଏନେଇ ସନ୍ତୋଷ ଆସିକା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ସେ ବିଭିନ୍ନ ପର୍ଯ୍ୟାୟରେ ୬୦ ଲକ୍ଷ ଟଙ୍କା ଆସିକା କାଳଷଣ୍ଢପୁର ଗ୍ରାମର ଉଦୟ ନାଥ ମୁନି ଏବଂ ଗୋପାଳପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଦେଇଥିବା କହିଛନ୍ତି । ସଂପୃକ୍ତ ଦଲାଲମାନେ ସନ୍ତୋଷଙ୍କୁ ଫେକ ନିଯୁକ୍ତି ପତ୍ର ଓ ପରିଚୟ ପତ୍ର ଦେବା ସହ ବିଭିନ୍ନ ପ୍ରକାର ରେଲୱେର ମୋହର ଥାଇ ଲେଟର ଦେଉଥିଲେ । ଏପରିକି ତାଙ୍କୁ ଚାକିରିର ଟ୍ରେନିଂ ପାଇଁ ତାମିଲନାଡୁର ଏକ ସ୍ଥାନକୁ ନେଇ ମିଥ୍ୟା ଟ୍ରେନିଂ ମଧ୍ୟ କରାଇଥିବା ଅଭିଯୋଗ ହୋଇଛି । ଗତ ୧୦ ତାରିଖରେ ଏହି ଦଳକୁ ବ୍ରହ୍ମପୁର ପୋଲିସ ଗିରଫ କରିବା ପରେ ଏହାର ରହସ୍ୟ ଜଣା ପଡିଥିଲା । ଆଉ ଏବେ ଠକାମିର ଶିକାର ହୋଇଥିବା ବ୍ୟକ୍ତିଙ୍କ ତାଲିକା ବଢୁଛି ।

# ନୟାଗଡ଼ ଜିଲ୍ଲା ମହୋତ୍ସବକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଆଇନ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ବସିଲା ଶୃଙ୍ଖଳା କମିଟି**

**ନୟାଗଡ଼, ୧୯।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, କୃଷକ ମେଳା, ପୁସ୍ତକ ମେଳା ଆସନ୍ତା ୨୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଉଦ୍‌ଘାଟନି ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଆଜି ଏଥି ନିମନ୍ତେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶୃଙ୍ଖଳା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ ଶୁଶ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା




ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଓ ନୟାଗଡ଼ ପୌରଧ୍ୟକ୍ଷା ନିରୂପମା ଖଟେଇ ପ୍ରମୁଖ ଯୋଗ ଦେଇଥିଲେ । ଗତ ବର୍ଷ ଅପେକ୍ଷା ଏ ବର୍ଷ ମହୋତ୍ସବକୁ ଅଧୀକ ସରସ ସୁନ୍ଦର କରିବା ପାଇଁ ଯୋଜନା ରହିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସାଂସ୍କୃତିକ ଦଳ ଆସିବେ। ସାରା ଓଡିଶାରେ ଭଲ ଉତ୍ପାଦିତ ଜିନିଷକୁ ଏହି ମହୋତ୍ସବରେ ଦେଖିବାକୁ ମିଳିବ। ଏ ବର୍ଷ ମହୋତ୍ସବ ସହିତ ପଲ୍ଲୀଶ୍ରୀ ମେଳା, କୃଷି ମେଳା ଓ ପୁସ୍ତକ ମେଳା ଅନୁଷ୍ଠିତ ହେବ । ୩୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡିବ ବୋଲି ନୟାଗଡ଼ ବିଧାୟକ ପ୍ରକାଶ କରିଥିଲେ ।

୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ କିପରି ଟ୍ରାଫିକ ବ୍ୟବସ୍ଥା ଶୃଙ୍ଖଳିତ ହେବ ସେଥିପ୍ରତି ଆରକ୍ଷୀ ଅଧୀକ୍ଷକ ଧ୍ୟାନ ଦେଇଛନ୍ତି। ଦୁର୍ଘଟଣା ମୁକ୍ତ ମହୋତ୍ସବ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପ୍ରତ୍ୟେକ ଦିନ ସାଧା ପୋଷାକ ଧାରି ପୁଲିସ, ଏନସିସି, ସ୍କାଉଟ ଆଣ୍ଡ ଗାଇଡ ଓ ସ୍ୱେଚ୍ଛାସେବୀ ଯୁବକ ମାନଙ୍କୁ ନିୟୋଜିତ କରାଯିବ। ଲୋକମାନେ କିପରି ସୁବିଧାରେ ଯାତାୟତ କରିପାରିବେ ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିବା ଆରକ୍ଷୀ ଅଧୀକ୍ଷକ ଏସ ଶୁଶ୍ରୀ ପ୍ରକାଶ କରିଛନ୍ତି । ଖୁବ ଶୀଘ୍ର ଟ୍ରାଫିକ ଗାଇଡ ଲାଇନ ନିଆଯିବ । ଉଦ୍‌ଘାଟନି ପର୍ବରେ ମୁଖ୍ୟ ମନ୍ତ୍ରୀ ଆସୁଥିବାରୁ ଆଇନ ଶୃଙ୍ଖଳାକୁ କଡାକଡି କରାଯିବ । ଆଜିର ପ୍ରସ୍ତୁତି ବୈଠକରେ ବିଭିନ୍ନ ପୁଲିସ ଅଧିକାରୀ, ପ୍ରଶାସନିକ ଅଧୀକାରୀ, ବୁଦ୍ଧିଜିବୀ, ସମାଜସେବୀ ଓ ସାମ୍ବାଦିକ ମାନେ ଉପସ୍ଥିତ ରହିଥିଲେ ।

## ରାସ୍ତାରେ ଭାସୁଛି ଆବର୍ଜନା ପାଣି

**ବୋରିଗୁମ୍ମା, ୧୯।୧୨ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ବହୁ ପୁରାତନ ପାଇଲୁ ସାହିରେ ନାଳ



ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବା ଯୋଗୁଁ ଆବର୍ଜନା ଜଳ, ପରିସ୍ରା ରାସ୍ତାରେ ଭାସୁଥିବା ଦେଖାଯାଇଛି।

ପ୍ରକାଶ ଯେ, ପଞ୍ଚାୟତ ପକ୍ଷରୁ ବିଭିନ୍ନ ସାହିରେ ଥିବା ପୁରାତନ ନାଳକୁ ପୁନରୁଦ୍ଧାର କରାଯାଇ ନିର୍ମାଣ କରାଯାଉଛି। ସେହି କ୍ରମରେ ପାଇଲୁ ସାହିରେ ମଧ୍ୟ ନାଳ ନିର୍ମାଣ କରାଯାଇ ରାସ୍ତାରେ ଫେବରବ୍ଲକ ଦ୍ୱାରା ସୁନ୍ଦର ରାସ୍ତା ନିର୍ମାଣ କରାଯାଇଛି। ହେଲେ ନାଳର ପାଣି ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ବ୍ୟବହୃତ କରୁଥିବା ପାଣି ଓ ବୋରିଗୁମ୍ମାରେ ଶୌଚାଳୟ ନଥିବାରୁ ଯାତ୍ରୀବାହି ବସରୁ ଯାତ୍ରୀମାନେ ନିରୁପାୟ ହୋଇ ଏହି ନାଳ ଉପରେ ପରିସ୍ରା କରିଥାନ୍ତି। ହେଲେ ପରିସ୍ରା ନାଳରେ ନଯାଇ ରାସ୍ତାରେ ଭାସୁଛି। ଏଥିରେ ରାସ୍ତା କର୍ଦମାକ୍ତ ହେବା ସହ ଦୁର୍ଗନ୍ଧ ହେଉଛି ଏବଂ ଘର ସମ୍ମୁଖ ଭାଗ ରାସ୍ତା ଉପରେ ବର୍ଷ ସାରା ୧୨ ମାସ ଅପରିଷ୍କାର ପାଣି ଜମି ରହୁଥିବାରୁ ଖାସକରି ମହିଳା, ଶିଶୁମାନେ ଯାତାୟତରେ ସମସ୍ୟା

**ତ୍ରୁଟିପୂର୍ଣ୍ଣ ନାଳ ନିର୍ମାଣ**

ଉପୁଜୁଛି ବୋଲି ସାହିବାସିନ୍ଦା ପ୍ରକାଶ କରିଛନ୍ତି। ବର୍ଷା ଦିନେ ଆଣ୍ଠୁଏ ଉଚ୍ଚାରେ ନାଳପାଣି ଜମାରହୁଛି।

କାମ ବେଳେ ବ୍ଲକ ଯନ୍ତ୍ରୀ କିମ୍ବା କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାହି ବାସିନ୍ଦା ମାନେ କହିଛନ୍ତି। ବ୍ଲକ ପ୍ରଶାସନ ଏଥପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାହି ପକ୍ଷରୁ ଦାବି ହେଉଛି।

## ବିନା ଡାକ୍ତରରେ ଚାଲିଛି ଅଲଣାହାଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

**ନାଉଗାଁ, ୧୯।୧୨ (ସଂଚାର ବ୍ୟୁରୋ) :** ସରକାର ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ସେବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ର ମାନ ଖୋଲିଛନ୍ତି। କିନ୍ତୁ ନାଉଗାଁ ବ୍ଲକ ସ୍ଥିତ ମୁଣ୍ଡାଳ ଠାରେ ଅଲଣା ହାଟ ପ୍ରାଥମିକ




ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ୬ମାସ ଧରି ଡାକ୍ତର ଶୂନ୍ୟ ହୋଇପଡ଼ିଛି। ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଡାକ୍ତର ନିଯୁକ୍ତି ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ଷ୍ଟଡି ଟୁର ରେ ଯାଇଥିବାରୁ ଡାକ୍ତର ପଦବିଟି ଖାଲି ପଡ଼ିଛି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ନାଉଗାଁ ବ୍ଲକରେ ୬ଟି ପଞ୍ଚାୟତ ଜଗତସିଂହପୁର ବ୍ଲକ ର ୨ଟି ପଞ୍ଚାୟତର ଜନସାଧାରଣ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ନାଉଗାଁ ବ୍ଲକ ର ଅଲଣା, ଗଜରାଜପୁର, ଗଳଦାରି, ନୂଆଗାଁ, ଘୋଡାଶଂ, ଜାମୁଗାଁ ପ୍ରମୁଖ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଚିକିତ୍ସା ସୁବିଧା ପାଇଁ ଏକମାତ୍ର ଉପ ସ୍ୱାସ୍ଥ୍ୟକେନ୍ଦ୍ରଟି ହୋଇଥିଲାବେଳେ, ଡାକ୍ତର ନ ଥିବାରୁ ଜରୁରୀ କାଳୀନ ପରିସ୍ଥିତି ଗୁରୁତର, ରୋଗୀ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୃହଟି ଦୀର୍ଘଦିନ ଧରି ପୁରୁଣା ଘରେ ଚାଲିଥିବାରୁ ମରାମତି ଅଭାବରୁ ବର୍ଷାଦିନେ ପାଣି ଗଳୁଛି । ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଦ୍ୱାରା ମେଡିକାଲଟି ଚାଲିଛି। ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

## ନିମାପଡ଼ା ମହୋତ୍ସବ ପାଇଁ ସଜେଇ ହେଉଛି ମୁକ୍ତାକାଶ ରଙ୍ଗମଞ୍ଚ

**ନିମାପଡା, ୧୯।୧୨ (ସଂଚାର ବ୍ୟୁରୋ) :** ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୪ତମ ନିମାପଡା ମହୋତ୍ସବ ଆସନ୍ତା ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ତିନି ଦିନ ବ୍ୟାପି ଆୟୋଜିତ ହେବାକୁ ଯାଉଥିବା ଏହି ମହୋତ୍ସବକୁ ନେଇ ନିମାପଡା ଚଳଚଂଚଳ ହୋଇଉଠିଛି । ଚଳିତ ମହୋତ୍ସବକୁ ପୂର୍ବ ବର୍ଷ ଗୁଡିକ ଅପେକ୍ଷା କିଭଳି ଅଧିକ ସରସ ସୁନ୍ଦର କରାଯିବ ସେ ନେଇ ବିଶେଷ ଧ୍ୟାନ ଦିଆଯାଇଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ହେଲ୍ପ ଲାଇନ ପକ୍ଷରୁ ସୂଚନା ଦିଆଯାଇଛି।




ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ହେଲ୍ପ ଲାଇନର ସଭାପତି ଅକ୍ଷୟ ସାହୁ,ଉପଦେଷ୍ଟା ନିର୍ମଳ କୁମାର ମିଶ୍ର, ସଦସ୍ୟ ରମାକାନ୍ତ ବେହେରା, ମହୋତ୍ସବ କମିଟି ସଂପାଦକ ନିଗମାନନ୍ଦ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମହୋତ୍ସବକୁ ଅଧିକ ସରସ ସୁନ୍ଦର, ଆକର୍ଷଣୀୟ କରାଯିବା ନିମନ୍ତେ ପ୍ରସ୍ତୁତି ଜୋର ସୋରରେ ଚାଲିଛି । ପଲ୍ଲିଶ୍ରୀ ମେଳା, ପାରମ୍ପରିକ ଲୋକନୃତ୍ୟ, ଓଡିଶୀ, କଳା, ସଙ୍ଗୀତକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମହୋତ୍ସବ ସରିବା ପର୍ଯ୍ୟନ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଗୁଡିକୁ ରଙ୍ଗାରଙ୍ଗ ଆଲୋକମାଳାରେ ସୁସଜ୍ଜିତ କରିବାକୁ ଆୟୋଜକ କମିଟି ପକ୍ଷରୁ ନିବେଦନ କରାଯାଇଛି। ଆସନ୍ତା ୨୫ ତାରିଖ ଉଦଘାଟନୀ ସଂଧ୍ୟାରେ ଭାରତନାଟ୍ୟମ, ଓଡିଶୀ ନୃତ୍ୟ,ଆଦିବାସୀ ନୃତ୍ୟ,ଲୋକନୃତ୍ୟ ପରିବେଷଣ କରାଯିବ । ସେହିପରି ୨୬ ତାରିଖରେ କୁଚୁପୁଡି, ସମ୍ବଲପୁରୀ ଓ ଲୋକନୃତ୍ୟ ଏବଂ ୨୭ ତାରିଖ ଉଦଯାପନୀ ସଂଧ୍ୟାରେ କ୍ରିଏଟିଭ ନୃତ୍ୟ,ଗୋଟିପୁଅ ଓ ସଂଧ୍ୟା ୮ଟା ପରେ ବାରବାଟୀ ପଡିଆରେ ବଲିଉଡ୍ ଓ ଓଲିଉଡ କଣ୍ଠଶିଳ୍ପୀ ମାନଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମହୋତ୍ସବର ପ୍ରତ୍ୟେକ ଦିନ ସଂଧ୍ୟାରେ ମୁଖ୍ୟ ଅତିଥିଭାବେ ମହୋତ୍ସବ କମିଟିର ସଭାପତି ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେବା ସହିତ ମନ୍ତ୍ରୀ,ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ସାଂସଦ,ପୂର୍ବତନ ବିଧାୟକ, ପୂର୍ବତନ ସାଂସଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ସମ୍ମାନୀତ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ମହୋତ୍ସବକୁ ଆଖି ଆଗରେ ରଖି ପୁଲିସ ପ୍ରଶାସନ ଟ୍ରାଫିକ ବ୍ୟବସ୍ଥା ସଠିକ ପରିଚାଳନା ଓ ଆଇନଶୃଙ୍ଖଳା ଉପରେ ଅଧିକ ଗୁରୁତ୍ୱ ଦେଇଛି ।

## ୭ମ ହୀରାପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ବାଲିଅନ୍ତା, ୧୯।୧୨ (ସଂଚାର ବ୍ୟୁରୋ) :** ଆଜି ହୀରାପୁର ୭ମ ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳ ପଡିଆରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଆଇନଜୀବୀ ବିକ୍ରମ କେଶରୀ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବିଦ୍ଭୂଷଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ସିଦ୍ଧେଶ୍ୱର ନାୟକ, ରବୀନ୍ଦ୍ର ନାୟକ, ସମାଜ ସେବୀ ଚକ୍ରଧର ନାୟକ, ସୁକାନ୍ତି କୁମାର ସାହୁ, ରଂଜିତ ମହାରଣା, ଅଜୟ କୁମାର ସାହୁ



ଯୋଗଦାନ କରିଥିଲେ, ହୀରାପୁର ପ୍ରିମିୟର ଲିଗ ର କର୍ମକର୍ତ୍ତା ଧରଣୀଧର ଦାସ, ମାନସ ଦାସ, ଡ଼ମ୍ବରୁଧର ମହାରଣା, ଅକ୍ଷୟ କୁମାର ଦାସ, ରବୀନ୍ଦ୍ର ଦାସ, ସନ୍ତୋଷ ନାୟକ, କିଶୋର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପତିଯୋଗିତାରେ ୮ଟି ଟିମ ଅଂଶ ଗ୍ରହଣ କରିଛନ୍ତି । ଆଜିର ମ୍ୟାଚ ଧରଣୀଧର ଦାସ, ମାନସ ରଞ୍ଜନ ଦାସ, ସନ୍ତୋଷ ନାୟକ ଓ ବିକାଶ କୁମାର କୁଣ୍ଡ (ବିକନ) ମ୍ୟାଚ ପରିଚାଳନା କରିଥିଲେ । ପ୍ରତ୍ୟେକ ଦିନ ଖେଳ ଶେଷରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ଆୟୋଜକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ମିଳିଛି ।

## କୁଜଙ୍ଗ ଥାନା ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଶିବିର

**କୁଜଙ୍ଗ, ୧୯।୧୨ (ସଂଚାର ବ୍ୟୁରୋ) :** ଆଜି ପୂର୍ବାହ୍ନରେ କୁଜଙ୍ଗ ଥାନା ଓ ଅଗ୍ରୱାଲ ଚକ୍ଷୁ ହସ୍ପିଟାଲ୍ ପକ୍ଷରୁ ମିଳିତ ଭାବେ ଥାନା ପରିସର ମଧ୍ୟରେ ନିଃଶୁଳ୍କ ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି ।ଆୟୋଜିତ ଚକ୍ଷୁ ଶିବିର ରେ ବହୁ ନାମିଦାମୀ ଡାକ୍ତର ଅଂଶ ଗ୍ରହଣ କରିଥିଲେ ।ଏହି ଶିବିରରେ ମୋଟ ୧ ଶହ ୩ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସମସ୍ତଙ୍କୁ ମାଗଣାରେ ଚକ୍ଷୁ ପରୀକ୍ଷା କରାଇବା ସହ ଚଷମା , ଔଷଧ ପ୍ରଧାନ କରାଯାଇଥିଲା ।ପୋଲିସ ର ଏଭଳି ମହତ୍ତ୍ୱ କାର୍ଯ୍ୟ ପାଇଁ ଚକ୍ଷୁ ପରୀକ୍ଷା କରିବା ପାଇଁ ଆସିଥିବା ରୋଗୀ ମାନେ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ ଙ୍କ ସମେତ ପୋଲିସ ବିଭାଗକୁ ବେଶ୍ ପ୍ରଶଂସା କରିଥିଲେ ।ଏହି ଚକ୍ଷୁ ଶିବିର କୁ ସବ୍ ଇନ୍ସପେକ୍ଟର ଅନିଲ କୁମାର ସାହୁ, ଗଣେଶ ସାମଲ, ରଶ୍ମି ରଞ୍ଜନ ସାହୁ,ରେଣୁବାଳା ମହାପାତ୍ର, ପ୍ରମୋଦ ଉଦୟସିଂ, ହାବିଲଦାର ସ୍ମୃତି ରଞ୍ଜନ ମହାପାତ୍ର ସମେତ ବହୁ ପୋଲିସ କର୍ମଚାରୀ ପରିଚାଳନା କରିଥିଲେ।



## ଉମରକୋଟରେ ରକ୍ତ ଭଣ୍ଡାର ପାଇଁ ମିଳିଲା ଲାଇସେନ୍ସ

**ନବରଙ୍ଗପୁର/ଉମରକୋଟ, ୧୯।୧୨ (ସଂଚାର ବ୍ୟୁରୋ) :** ଦୀର୍ଘଦିନ ପରେ ଉମରକୋଟବାସୀଙ୍କ ଦାବି ପୂରଣ ହୋଇଛି। ଏଠାରେ ରକ୍ତଭଣ୍ଡାର କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଲାଇସେନ୍ସ ପ୍ରଦାନ କରିଛନ୍ତି। ଡବଲ ଇଞ୍ଜିନ ସରକାର(କେନ୍ଦ୍ର ଓ ରାଜ୍ୟରେ ବିଜେପି) ଯୋଗୁ ଏହା ସମ୍ଭବ ହୋଇଥିବା କୁହାଯାଉଛି।




ସୂଚନା ଅନୁସାରେ, ବୁଧବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ରକ୍ତଭଣ୍ଡାର ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ରାଜ୍ୟ ସରକାରଙ୍କ ଡ୍ରଗ୍ସ କଣ୍ଟ୍ରୋଲରଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଲାଇସେନ୍ସ ମିଳିବା ପରେ ଉମରକୋଟ ରକ୍ତଭଣ୍ଡାରକୁ ରକ୍ତ ସଂଗ୍ରହ, ରକ୍ତ ପ୍ରକ୍ରିୟାକରଣ ଓ ରୋଗୀଙ୍କୁ ରକ୍ତ ବଣ୍ଟନ ପାଇଁ ଅନୁମତି ମିଳିଯାଇଛି। ଚିକିତ୍ସାଳୟର ଡାକ୍ତର ସବ୍ୟସାଚୀ ଦାସଙ୍କୁ ବ୍ଲଡବ୍ୟାଙ୍କ ଅଧିକାରୀ ଭାବେ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ଅନ୍ୟ ୬ଜଣଙ୍କୁ ମଧ୍ୟ ରକ୍ତଭଣ୍ଡାରରେ କାର୍ଯ୍ୟ କରିବାକୁ ଅନୁମତି ମିଳିଛି।

ଦୁଇବର୍ଷ ହେଲା ଉପଖଣ୍ଡ ହସ୍ପିଟାଲରେ ବ୍ଲଡବ୍ୟାଙ୍କ ସ୍ଥାପନ ହୋଇଥିଲେ ହେଁ ଅନୁମୋଦନ ମିଳି ପାରୁ ନଥିଲା ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ରକ୍ତ ପାଇଁ ଅଞ୍ଚଳର ରୋଗୀଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଥିଲା। ଉମରକୋଟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥିଲେ। ଏହା ପୂର୍ବରୁ ସାଂସଦ ବଳଭଦ୍ର ମାଝୀ ୪ଦିନ ତଳେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ବ୍ଲଡବ୍ୟାଙ୍କ ଖୋଲିବାକୁ ଅନୁମତି ଦେବା ପାଇଁ ପତ୍ର ଦେଇଥିଲେ। ଦାବି ପୂରଣ ହୋଇଥିବାରୁ ସହରବାସୀ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ସାଂସଦ ଶ୍ରୀ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବ୍ଲଡବ୍ୟାଙ୍କର ଉତ୍ତମ ପରିଚାଳନା ପାଇଁ ଅଧିକ କର୍ମଚାରୀ ନିଯୁକ୍ତି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରାଯିବ ବୋଲି ଉପଖଣ୍ଡ ହସ୍ପିଟାଲର ମେଡିକାଲ ଅଫିସର ଡାକ୍ତର ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏଠାରେ ବ୍ଲଡବ୍ୟାଙ୍କ କାର୍ଯ୍ୟକାରୀ କରିବାକୁ ଅନେକ ସମୟରେ ଆନ୍ଦୋଳନ ସହ ରାସ୍ତାରୋକ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅନୁମତିମିଳୁ ନଥିବାରୁ ହୋଇପାରୁ ନଥିଲା ।

## ନୂଆରମ୍ଭାସ ପ୍ରାଥମିକ ବିଦ୍ୟାଳୟର ନବୀକରଣ

**ପ୍ରଥମରୁ ଅଷ୍ଟମ ଯାଏ ଅଧ୍ୟୟନ କରିବେ ଛାତ୍ରଛାତ୍ରୀ**

**ହାଟଡିହୀ, ୧୯।୧୨ (ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲାର ହାଟଡିହୀ ବ୍ଲକ ବଡ଼ରମ୍ଭାସ ପଞ୍ଚାୟତ ଅନ୍ତର୍ଗତ ନୂଆରମ୍ଭାସ ପ୍ରାଥମିକ ବିଦ୍ୟାଳୟର ନବୀକରଣ ପାଇଁ ସରକାରୀ ଚିଠି ଆସିବା ପରେ ଗ୍ରାମବାସୀମାନଙ୍କ ମଧ୍ୟରେ ଆନନ୍ଦ ଓ ଉଲ୍ଲାସର ବାତାବରଣ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଏହି ଗ୍ରାମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ସରକାରୀ ଭାବେ ଥିବାବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନଥିଲା । ଗ୍ରାମରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ୧୯୮୯ ମସିହାରେ ସେ ସମୟର ବିଧାୟକ ପ୍ରାକ୍ତନ ମନ୍ତ୍ରୀ ଜୟଦେବ ଜେନା, ଗ୍ରାମବାସୀ ଓ ବୁଦ୍ଧିଜୀବୀମାନଙ୍କ ଉଦ୍ୟମରେ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଥିଲା। ସରକାରଙ୍କ




ନୀତିନିୟମ ଅନୁଯାୟୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ନୂତନ ଶିକ୍ଷକ ନିଯୁକ୍ତି ନଥିବାରୁ ଏହି ବିଦ୍ୟାଳୟର ଥିବା ଦୁଇ ଜଣ ଶିକ୍ଷକଙ୍କ ଅବସର ପରେ କିଛି ବର୍ଷ ହେବ ବିଦ୍ୟାଳୟଟି ବନ୍ଦ ହୋଇଯାଇଥିଲା। ଯାହା ଫଳରେ ଏଠାରେ ଶିକ୍ଷାଗ୍ରହଣ କରୁଥିବା ୫୦ରୁ ଅଧିକ ଛାତ୍ରଛାତ୍ରୀ ନିକଟସ୍ଥ ବଡ଼ରମ୍ଭାସ ବିଦ୍ୟାଳୟରେ ନାମ ଲେଖାଇବା ସହ ଦୂରତା ବୃଦ୍ଧି ହେତୁ କିଛି ଛାତ୍ରଛାତ୍ରୀଙ୍କର ପାଠପଢାରେ ଡୋରୀ ବନ୍ଧା ହୋଇଥିଲା ।

ନୂଆରମ୍ଭାସ ଗ୍ରାମବାସୀ, ଅବସରପ୍ରାପ୍ତ ଦୁଇ ଶିକ୍ଷକ ପିତାମ୍ବର ଆୟଚ ଓ ଗଙ୍ଗାଧର ପୁହାଣ, ଅଭିଭାବକ, ବୁଦ୍ଧିଜୀବୀ ଓ ଗାଁ ର କିଛି ସଚେତନ ନାଗରିକମାନେ ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଗତ ୩ ମାସ ତଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଯାଇ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଶିକ୍ଷା ବିଭାଗ ପକ୍ଷରୁ ଏନେଇ ଅନୁଧ୍ୟାନ କରାଯିବା ପରେ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ତାଙ୍କର ଚିଠି ସଂଖ୍ୟା - ୧୬୬୪/୨୪ ରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷାକୁ ଚିଠି ଲେଖି ଏହାକୁ ଆନୁଷ୍ଠାନିକ ସ୍ୱୀକୃତି ଦେବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଫଳରେ ଏବେ ପ୍ରାଥମିକ ବିଦ୍ୟାଳୟଟି ନବୀକରଣ ହେବା ସହ ଏଠାରେ ପ୍ରଥମରୁ ଅଷ୍ଟମ ଯାଏ ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ କରିପାରିବାର ସୁଯୋଗ ସୃଷ୍ଟି ହୋଇଛି ।

# ଦିଲ୍ଲୀରୁ ଭୁବନେଶ୍ୱର: ରାଜରାସ୍ତାରେ ନିଆଁ

**ଓଡ଼ିଶାରେ ପ୍ରବେଶ ପୂର୍ବରୁ ରାହୁଲ କ୍ଷମା ମାଗନ୍ତୁ: ବିଜେପି**

**ଶାହଙ୍କୁ ସୁରକ୍ଷା ଦେବା ପାଇଁ ଡ୍ରାମା: କଂଗ୍ରେସ**





**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ମନ୍ତବ୍ୟକୁ କେନ୍ଦ୍ରକରି ସଂସଦରେ ପ୍ରତାପ ଷଡଙ୍ଗୀଙ୍କ ଉପରେ ବିରୋଧୀଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କରିଥିବା ଆକ୍ରମଣକୁ ନେଇ ନୂଆଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ରାଜନୀତି ଉଷ୍ମ ହୋଇଛି। ଭୁବନେଶ୍ୱରରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଶାହଙ୍କ ବୟାନକୁ ନିନ୍ଦା କରି କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସଂସଦରେ ରାହୁଲଙ୍କ ଏଭଳି ଆଚରଣକୁ ନିନ୍ଦା କରିଛି ବିଜେପି ଯୁବ ମୋର୍ଚ୍ଚା। ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ଯୁବ ମୋର୍ଚ୍ଚାର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ୍‌ରେ ଏକତ୍ର ହୋଇ ବିଶାଳ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇ ରାହୁଲ୍ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାହୁଲ୍ ଗାନ୍ଧି ମୁର୍ଦ୍ଦାବାଦ ଓ ରାହୁଲ ଗାନ୍ଧି ଛିଛିରେ କମ୍ପିଥିଲା ଜନପଥ। ଯୁବ ମୋର୍ଚ୍ଚା ସଭାପତି ଅଭିଲାଶ ପଣ୍ଡା କହିଛନ୍ତି, ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନ୍‌ର ପୂର୍ବା ପର ପ୍ରସଙ୍ଗକୁ ନ ରଖି କାଟିକୁଟି ଅପପ୍ରଚାର କରାଯାଉଛି। ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଯେଉଁମାନେ ଦୀର୍ଘ ସମୟଧରି ଅସମ୍ମାନ ପ୍ରଦର୍ଶନ କରିଆସିଛନ୍ତି, ସେହି କଂଗ୍ରେସ ରାଜନୈତିକ ରୁଟି ସେକିବା ପାଇଁ ଦେଶର ଅଖଣ୍ଡତାକୁ ବିଭାଜନ କରିବା ଲାଗି ଷଡଯନ୍ତ୍ରକାରୀତତ୍ତ୍ୱଙ୍କ ଏଜେଣ୍ଟ ହିସାବରେ କାମ କରୁଛନ୍ତି। ଆଜି ସବୁ ସୀମା ଲଙ୍ଘି ଯାଇଛି କଂଗ୍ରେସ। ରାହୁଲ ଗାନ୍ଧି ସଂସଦରେ ସରକାରୀ ଦଳର ସାଂସଦଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦଙ୍କ ମୁଣ୍ଡ ଫାଟି ସଂସଦରେ ରକ୍ତ ପଡ଼ିଛି। ଏହା ନିନ୍ଦନୀୟ ଘଟଣା। ଏହା କେବେ ହେଲେ ଗ୍ରହଣଯୋଗ୍ୟ ନୁହେଁ। ଦେଶବାସୀଙ୍କ ଆଗରେ ରାହୁଲ ଗାନ୍ଧି କ୍ଷମା ନ ମାଗିଲେ, ଆଗାମୀ ଦିନରେ ଓଡ଼ିଶାରେ ତାଙ୍କୁ ପାଦ ରଖିବାକୁ ଦେବୁନାହିଁ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ୍ ସିଂ, ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ମାନସ ସାହୁ, ପ୍ରଶାନ୍ତ ପାଇକରାୟ, ରାଜ୍ୟ ସଂଯୋଜକ ଚଣ୍ଡୀ ପ୍ରସାଦ ବେହେରା ଓ ଅନ୍ୟ ଯୁବମୋର୍ଚ୍ଚା ନେତୃବୃନ୍ଦ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବିଜେପି ଶୋଭାଯାତ୍ରା ପରେ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସଂଖ୍ୟାଲଘୁ, ଓବିସି ସେଲ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଛାତ୍ର କଂଗ୍ରେସ ନେତା ଯାଶିର ନୱାଜଙ୍କ ନେତୃତ୍ୱରେ ଶତାଧିକ ଯୁବ ମୋର୍ଚ୍ଚା କର୍ମକର୍ତ୍ତା ବିଶାଳ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇଥିଲେ। ରାସ୍ତାରେ ପୁଲିସ୍ ସେମାନଙ୍କୁ ଅଟକାଇବାରୁ ଠେଲାପେଲା ହୋଇଥିଲା। ଗୃହମନ୍ତ୍ରୀ ଶାହଙ୍କ ବୟାନ୍‌କୁ ସମସ୍ତେ ନିନ୍ଦା କରିଥିଲେ। ବାବା ସାହେବ ଆମ୍ବେଦକରଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ଶାହ ଦେଶବାସୀଙ୍କ ଆଗରେ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ନେତାମାନେ ଦାବି କରିଥିଲେ। ଶୋଭାଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ସେଠୀ, ଡ. ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ଡ. ଲଲାଟେନ୍ଦୁ ମହାପାତ୍ର, ମନୋରଞ୍ଜନ ଦାସ, କିଶୋର ଜେନା, ପରବେଜ୍ ଅଗ୍ରୱାଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଜୟଦେବ ଜେନା କହିଛନ୍ତି, ଆଜିର ଘଟଣାକୁ ଗୋଟିଏ ହାଇଭୋଲ୍‌ଟେଜ୍ ଡ୍ରାମା କରିଛି ବିଜେପି ଓ ଏନ୍‌ଡିଏ ମେଣ୍ଟ। ଅମିତ ଶାହଙ୍କୁ ସୁରକ୍ଷା ଦେବା ପାଇଁ ଏହି ଡ୍ରାମା କରାଯାଇଛି। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କୁ ଲାଞ୍ଛିତ ଓ ଅପମାନିତ କରିଥିବାରୁ ଦେଶର ୧୫୦ କୋଟି ଜନତା ଚାହୁଁଛନ୍ତି ଅମିତ ଶାହ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ।

# ନୂଆବର୍ଷରୁ ଜଗାଦର୍ଶନ ପାଇଁ ନୂଆ ନିୟମ



ନାଟମଣ୍ଡପରେ ବ୍ୟାରିକେଡ୍‌ରୁ ଦର୍ଶନ କରିବେ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା। ଜାନୁଆରୀ ପହିଲାରୁ ଲାଗୁ ହେବ ନାଟମଣ୍ଡପରେ ବ୍ୟାରିକେଡ ଓ ରାଂପ୍ ସିଷ୍ଟମ। ସ୍ୱତନ୍ତ୍ର ବାରିକେଡ ଯୋଗେ ଶ୍ରୀଜିଉଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ। ଦିବ୍ୟାଙ୍ଗ, ମହିଳା, ଶିଶୁ, ବରିଷ୍ଠ ନାଗରିକ ଓ ପୁରୁଷ ଭକ୍ତଙ୍କ ପାଇଁ ରହିବ ଅଲଗା ଅଲଗା ଲାଇନ। ତେବେ କେମିତି ଓ କେଉଁଠୁ ଆରମ୍ଭ ହେବ ବ୍ୟାରିକେଡ୍? ଏ ନେଇ ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କୁ ଅବଗତ କରାଯିବା ସହ ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା।

ଓବିସିସି କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ସବିଶେଷ ଆଲୋଚନା ସରିଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ। ମୁଖ୍ୟ ପ୍ରଶାସକ ଆହୁରି ମଧ୍ୟ କହିଛନ୍ତି ଯେ, ଛତିଶାନିଯୋଗରର ପରାମର୍ଶ ଆଧାରରେ ଅସ୍ଥାୟୀ ବ୍ୟାରିକେଡ ବ୍ୟବସ୍ଥା ନିର୍ମାଣ ଦ୍ୱାରା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଚାଲିବ। ଦିବ୍ୟାଙ୍ଗ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ମଧ୍ୟ ଉଦ୍ୟମ ଚାଲିଛି। ଓବିସିସି ଦ୍ୱାରା ଡାଇଗ୍ରାମ କରାଯାଇଥିବା ରାଂପ୍ ବ୍ୟବସ୍ଥା ନୂଆବର୍ଷ ପୂର୍ବରୁ ନିର୍ମାଣ ଶେଷ କରାଯିବ। ଯଦିଓ ନୂଆ ଦର୍ଶନ ବ୍ୟବସ୍ଥାର ପୂର୍ଣ୍ଣ ଚିତ୍ର ଆସିନାହିଁ, ତେବେ ସୂଚନା ଅନୁସାରେ ୬ ଲେନ୍ ବିଶିଷ୍ଟ ବ୍ୟାରିକେଡ୍ ନିର୍ମାଣ ହେବ। କାଠରେ ବ୍ୟାରିକେଡ୍ ଓ ରାଂପ୍ ତିଆରି ହେବ। ପ୍ରଥମ ଲେନରେ ଦିବ୍ୟାଙ୍ଗମାନେ ଯିବେ। ଦ୍ୱିତୀୟ ଲେନରେ ଶିଶୁ ଓ ମହିଳାମାନେ ଯିବେ। ଏହା ପର ଲେନରେ ବରିଷ୍ଠ ନାଗରିକମାନଙ୍କୁ ଛଡ଼ାଯିବ। ବଳକା ତିନି ଲେନରେ ପୁରୁଷମାନେ ଯିବେ। ତା'ସହିତ ଯେଉଁ ମହିଳାମାନେ ଚାହିଁବେ ସେମାନେ ମଧ୍ୟ ଏହି ତିନି ଲେନରେ ଯାଇପାରିବେ।

ଅନ୍ୟପକ୍ଷରେ ଗରୁଡ଼ ସ୍ତମ୍ଭ ପଛ ପାଖରେ ଯେଉଁମାନେ ଦର୍ଶନ କରିବାକୁ ଚାହିଁବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ରାଂପ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ରାଂପ୍ ଓ ବ୍ୟାରିକେଡ୍ ବ୍ୟବସ୍ଥାର ରୂପରେଖ କିଭଳି ରହିବ, ଉଚ୍ଚତା କେତେ ଫୁଟ୍ ରହିବ, କିଭଳି ଏହାକୁ ତୁରନ୍ତ କଢ଼ା ଯାଇପାରିବ ଏବଂ ଭୋଗମଣ୍ଡପ କରାଯିବ ତା' ଉପରେ ବିସ୍ତୃତ ଆଲୋଚନା କରାଯିବା ନିହାତି ଆବଶ୍ୟକ ବୋଲି କହିଛନ୍ତି ପୂର୍ବତନ ପରିଚାଳନା କମିଟି ସଦସ୍ୟ।

ସେହିପରି ଏଏସଆଇର ପକ୍ଷରୁ ଚାଲିଥିବା ରତ୍ନଭଣ୍ଡାର ମରାମତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି, NGRI ରିପୋର୍ଟ ଆଧାରରେ ଭଣ୍ଡାର ଘର ମରାମତି କାମ ଚାଲିଛି। ଯେଉଁମାନେ ମରାମତି ସମୟରେ ଉପସ୍ଥିତ ଅଛନ୍ତି, ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏଏସଆଇ ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଖୁବଶୀଘ୍ର ଶେଷ କରିବ। ସେମିତି ଆନନ୍ଦବଜାରରେ ଶୃଙ୍ଖଳା ପାଇଁ ଏକ କମିଟି ଗଠନ ହୋଇଛି। ଆନନ୍ଦବଜାରରେ ଶୃଙ୍ଖଳା ପାଇଁ ସେନା ନିବୃତ୍ତ କର୍ମଚାରୀଙ୍କୁ ନେଇ ଟିମ ଗଠନ କରାଯାଇଥିବାରୁ ସେଠି ଅଧିକ ଶୃଙ୍ଖଳା ଆସିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

## ରବିବାର ସକାଳ ଯାଏଁ ବର୍ଷା

**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ଦକ୍ଷିଣ ବଙ୍ଗୋପ ସାଗରରେ ଲଘୁଚାପ ସକ୍ରିୟ ଥିବା ବେଳେ ରବିବାର (୨୨ ଡିସେମ୍ବର) ସକାଳ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହିତ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ



ବିଭାଗ ପୂର୍ବାନୁମାନ କରିଛି। ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ବୌଦ୍ଧ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୨୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବା ବେଳେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୋନପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୨୧ ତାରିଖ ସକାଳ ସକାଳ ସାଢ଼େ ୮ଟାରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି।

## ଟାଙ୍ଗୀ, ଚିଲିକା ଅଞ୍ଚଳରେ ଭୂମିକମ୍ପ



**ନିରାକାରପୁର, ୧୯।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ ):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଓ ଚିଲିକା ଅଞ୍ଚଳରେ ଭୂମିକମ୍ପ ଝଟକା। ଗୁରୁବାର ଅପରାହ୍ଣ ୪.୫୧ରେ ୧ରୁ ଦୁଇ ସେକେଣ୍ଡ ଭୂମିକମ୍ପ ଅନୁଭୂତ ହୋଇଛି। ଫଳରେ କିଛି ଘରେ ଫାଟ ସୃଷ୍ଟି ହେବା ସହିତ ଜିନିଷ ପତ୍ର ଚାରିଆଡେ ବିଛାଡି ହୋଇ ପଡିଯାଇଥିଲା। ଏହା ଦେଖି ଲୋକେ ଭୟଭିତ ହୋଇଯାଇଥିଲେ।

## ଲାଞ୍ଚ ମାମଲାରେ ତହସିଲଦାରଙ୍କୁ ୩ ବର୍ଷ ଜେଲ

**ନବରଙ୍ଗପୁର, ୧୯।୧୨(ସଂଚାର ବ୍ୟୁରୋ):** ଭିଜିଲାନ୍ସ କୋର୍ଟରେ ଲାଞ୍ଚୁଆ ତହସିଲଦାରଙ୍କୁ ଦଣ୍ଡ ମିଳିଛି। ଜମି ପଞ୍ଜୀକରଣ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ମାମଲାରେ ବଲାଙ୍ଗୀର ଭିଜିଲାନସ୍ ସ୍ୱତନ୍ତ୍ର ବିଚାରପତି କୋଡିଙ୍ଗାଁ ତହସିଲଦାର ସୁବ୍ରତ କୁମାର ବେହେରାଙ୍କୁ ୩ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା କୋଡିଙ୍ଗାଁ ତହସିଲଦାର ସୁବ୍ରତ କୁମାର ବେହେରା ୨୦୨୦ ମସିହାରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ଠାରେ ତହସିଲଦାର ଓ ସବରେଜିଷ୍ଟ୍ରାର ରହିଥିଲେ। ସେ ୨୦୨୦ ନଭେମ୍ବର ୧୬ ତାରିଖରେ ଜମି ବିକ୍ରିରେ ଏକ ସେଲ ଡିଡ୍‌କୁ ପଞ୍ଜୀକରଣ ପାଇଁ ଜଣେ ବ୍ୟକ୍ତିଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ। ଏନେଇ ସମ୍ବଲପୁର ଭିଜିଲାନସ୍ ପକ୍ଷରୁ କେସ ନଂ ୨୯ ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନସ୍ ବିଚାରପତି ରାୟ ଶୁଣାଇଛନ୍ତି। ତହସିଲଦାରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦଣ୍ଡାଦେଶ ଆଧାରରେ ତହସିଲଦାରଙ୍କୁ ତାଙ୍କ ଚାକିରିରୁ ବରଖାସ୍ତ କରିବା ପାଇଁ ରାୟ ଶୁଣାଇଛନ୍ତି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ସମ୍ବଲପୁର ଭିଜିଲାନସ୍‌ର ତତ୍‌କାଳୀନ ଡିଏସପି ସଦାନନ୍ଦ ପାଣି ରହିଥିବା ବେଳେ ବଲାଙ୍ଗୀର ଭିଜିଲାନ୍ସ ସ୍ୱତନ୍ତ୍ର ପିପି ଜୟକୃଷ୍ଣ ସାହୁ ପରିଚାଳନା କରୁଥିଲେ।

# ଗରିବଙ୍କ ଝାଳବୁହା ଧନ ନେଇଗଲେ ପୋଷ୍ଟମାଷ୍ଟର!



**ଭୁବନେଶ୍ୱର, ୧୯।୧୨ (ସଂଚାର ବ୍ୟୁରୋ):** ଗରିବ ବିଚରା। ଝାଳ ବୁହା ପରିଶ୍ରମ କରି ରୋଜଗାର କରିଥିଲେ। ଟଙ୍କାଏ ଟଙ୍କାଏ ସଞ୍ଚୟ କରି ଗାଁ ପୋଷ୍ଟ ଅଫିସ୍‌ରେ ଜମା କରିଥିଲେ। ଭାବିଥିଲେ ଭବିଷ୍ୟତରେ କାମରେ ଲାଗିବ। ହେଲେ କ'ଣ ହେବ? ଜମାକାରୀଙ୍କ ଅଜାଣତରେ ପୋଷ୍ଟମାଷ୍ଟର ଜମା ଟଙ୍କା ହଡପ୍ କରିନେଲେ। ଏବେ ବାରଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି ଜମାକାରୀ। ଏପରି ଅଭିଯୋଗ ଆସିଛି ସୁନ୍ଦରଗଡ଼ ଜିଲ୍ଲାରୁ।

କୁତ୍ରା ବ୍ଲକ୍ ଲାଞ୍ଜିବେର୍ଣ୍ଣାରେ ରହିଛି ଉପ ଡାକଘର। ଏହି ଡାକ ଘରେ ଟଙ୍କା ଜମା ରଖିଥିଲେ ନିଲା କିରୋ। ତାଙ୍କର ଆବଶ୍ୟକତା ପଡ଼ିବାରୁ ମାର୍ଚ୍ଚ ୨୪ ତାରିଖରେ ସେ ଡାକଘରେ ଜମି ରଖିଥିବା ଟଙ୍କା ଉଠାଇବାକୁ ଚାହିଁଥିଲେ।ସେଥିପାଇଁ ସେ ଆବେଦନ କରିଥିଲେ। ହେଲେ ତାଙ୍କ ଆକାଉଣ୍ଟରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ତାଙ୍କ ଅଜାଣତରେ ୨୦୨୨ ମସିହା ନଭେମ୍ବର ୨୧ ତାରିଖରେ ୫ ଲକ୍ଷ ଟଙ୍କା ଓ ୨୦୨୩ ମସିହା ଜୁଲାଇ ୨୭ ତାରିଖରେ ୨ ଲକ୍ଷ ଟଙ୍କା ଉଠିଥିଲା। ଏ ସମ୍ପର୍କରେ ଜାଣିବା ପରେ ବିଚଳିତ ହୋଇଥିଲେ। ନିଲା ଏ ନେଇ ଉକ୍ତ ଉପ-ଡାକଘର ପୋଷ୍ଟ ମାଷ୍ଟରଙ୍କ ପାଖରେ ଅଭିଯୋଗ କରିଥିଲେ। ହେଲେ ସେ ଘଟଣାର ତଦନ୍ତ କରାଯିବ ବୋଲି କହି ଚୁପ୍ ବସିଥିଲେ। ଖାଲି ସମୟ ଗଡାଇ ଚାଲିଥିଲେ। ଉପ-ଡାକଘର ପୋଷ୍ଟମାଷ୍ଟରଙ୍କଠାରୁ ନିରାଶ ହେବା ପରେ ନିଲା ସୁନ୍ଦରଗଡ଼ ଜିଲ୍ଲା ଡାକ ନିରୀକ୍ଷକଙ୍କ ନିକଟରେ ୨୦୨୪ ମେ ୨୯ ତାରିଖରେ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଜମାକାରୀ ନିଲାଙ୍କ ଖାତାକୁ ଟଙ୍କା ଫେରିନାହିଁ। ଯାହାକୁ ନେଇ ଚିନ୍ତାରେ ଅଛନ୍ତି।

ଲାଞ୍ଜିବେର୍ଣ୍ଣା ଉପ-ଡାକଘରେ ଟଙ୍କା ଜମା ରଖି କେବଳ ନିଲା କିରୋ ଠକି ନାହାନ୍ତି, ଆଉ ଦୁଇଜଣ ଜମାକାରୀ ସୁକାନ୍ତି ଧନୱାର ଓ ପ୍ରତିମା କିଶପଟ୍ଟାଙ୍କ ମଧ୍ୟ ଫସିଛନ୍ତି। ଉଭୟଙ୍କ ଯୁଗ୍ମ ଜମା ଖାତାରୁ ୨୦୨୩ ମସିହା ଜୁଲାଇ ୨୭ ତାରିଖରେ ଏକ ଲକ୍ଷ ଟଙ୍କା ଉଠାଇ ନିଆଯାଇଛି। ସେହିପରି ଲଳିତା ବାରାଙ୍କ ଫିକ୍ସ ଡିପୋଜିଟ୍ ଟଙ୍କା ମ୍ୟାଚୁରିଟି ପରେ ପ୍ରାୟ ୬୦ ହଜାର ଟଙ୍କା ଉଠାଇ ନିଆଯାଇଛି। ଏମିତି ଅନେକ ଜମାକାରୀ ସେହି ଡାକ ଘରେ ଟଙ୍କା ରଖି ଏବେ ଅଡୁଆ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି।

ଠକାମୀରେ ଶିକାର ହୋଇଥିବା ଜମାକାରୀମାନେ ଆଜି ଲାଞ୍ଜିବେର୍ଣ୍ଣା ଉପ-ଡାକଘର ଯାଇଥିଲେ। ସେତେବେଳେ ଡାକଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ନେବାରୁ ଜଣାପଡ଼ିଛି କିଛି ଦିନ ହେଲା ସଂପୃକ୍ତ ପୋଷ୍ଟ ମାଷ୍ଟର ଡାକଘରେ ତାଲା ପକାଇ ଆସୁନାହାନ୍ତି। ପୋଷ୍ଟ ମାଷ୍ଟର ଜମା ଟଙ୍କା ହଡପ୍ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜମାକାରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ସୁନ୍ଦରଗଡ ମୁଖ୍ୟ ଡାକ ବିଭାଗ ସୁପରିଟେଣ୍ଡେଣ୍ଟ କହିଛନ୍ତି, ପୂର୍ବରୁ ଏନେଇ ଅଭିଯୋଗ ଆସିଛି। ଏହାର ତଦନ୍ତ ହେଉଛି। ଶୀଘ୍ର ଏହାର ସମାଧାନ କରାଯିବ। ପୋଷ୍ଟ ଅଫିସଟିକୁ ମଧ୍ୟ ଖୋଲା ଯିବ ବୋଲି ସେ କହିଛନ୍ତି। ହେଲେ ଜମାକାରୀ କେବେ ଟଙ୍କା ଫେରିପାଇବେ ସେ ନେଇ ପଦୁଟିଏ କହିଲେ ନାହିଁ।

## ପୁଲିସ ବାବୁଙ୍କ ଦବଙ୍ଗଗିରି; ଅଭିଯୁକ୍ତକୁ ନିର୍ଦ୍ଧୁମ ପିଟିଲେ, ପିଠି ଉପରେ ଚଢ଼ିଗଲେ

# ଭିଡ଼ିଓ ଭାଇରାଲ ପରେ ଥାନା ଅଧିକାରୀଙ୍କ ଉପରେ ଆକ୍ସନ



**କଟକ,୧୯।୧୨ (ସଂଚାର ବ୍ୟୁରୋ):** ଦଳିତ ଯୁବକଙ୍କୁ ରାସ୍ତା ଉପରେ ପକାଇ ପିଠି ଉପରେ ଚପଲ ମାଡ଼ି ଚଢ଼ିଯିବା ଘଟଣାର ଫଟୋ ଭାଇରାଲ ପରେ ଥାନା ଅଧିକାରୀଙ୍କୁ ମହଙ୍ଗା ପଡିଛି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବୈଦେଶ୍ୱର ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀଙ୍କୁ ଏସ୍‌ପିଙ୍କ ଅଫିସକୁ ବଦଳି କରାଯାଇଛି। ସୂଚନାଯୋଗ୍ୟ, ବାଙ୍କୀ ବୈଦେଶ୍ୱର ଟି -ବ୍ରିଜ ଉପରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲେ। ସେତିକିବେଳେ ବୈଦେଶ୍ୱର ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଏହି ସମୟରେ ଜଣେ ଯୁବକ ସେହି ରାସ୍ତା ଦେଇ ବାଇକ୍‌ରେ ଯାଉଥିଲେ। ବୈଦେଶ୍ୱର ଥାନା ପୋଲିସ ଯୁବକଙ୍କୁ ଅଟକାଇଥିଲେ। ପରେ ଯୁବକ ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପୋଲିସ କର୍ମଚାରୀ ଯୁବକଙ୍କୁ ନିର୍ଧୂମ୍ ପିଟିଥିଲେ। ଏପରିକି ବୈଦେଶ୍ୱର ଥାନା ଅଧିକାରୀ ପ୍ରିୟଦର୍ଶନ ସେଠୀ ଯୁବକଙ୍କୁ ଟାଣି ଆଣି ଗୋଇଠା ମାରି ତଳେ ପକାଇ ଦେଇଥିଲେ। ପରେ ଯୁବକଙ୍କ ପିଠି ଉପରେ ଗୋଡ଼ ରଖି ପକେଟରୁ ବନ୍ଧୁକ କାଢ଼ି ଧମକ ଦେଇଥିଲେ। ସେହି ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଫଟୋ ଭାଇରାଲ ପରେ ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବୈଦେଶ୍ୱର ଥାନା ଅଧିକାରୀ ସେଠୀଙ୍କୁ ଏସ୍‌ପିଙ୍କ ଅଫିସକୁ ବଦଳି କରାଯାଇଛି। ପୋଲିସ ଅଧିକାରୀଙ୍କ ଦାଦାଗିରି ଘଟଣା ଏବେ ଚାରିଆଡ଼େ ଚର୍ଚ୍ଚା ହେଉଛି। ବାଇକ ଚାଳକଙ୍କୁ ଉପରେ ଠିଆ ହେବା, ଆଉ ଜଣଙ୍କୁ ଆଣ୍ଟେଇବା ପାଇଁ ବଦଳି ଯୁବକଙ୍କୁ ଅଟକାଇ ନିର୍ଧୂମ ପିଟିଲେ। ପରେ ଗୋଇଠା ମାରି ରାସ୍ତାଉପରେ ପକାଇ ପିଠି ଉପରେ ଚପଲ ମାଡ଼ି ଚଢ଼ିଗଲେ। ପୋଲିସ ଗୋଡ଼ ଦେଇ ଚଢ଼ିବା ସମୟର ଫଟୋ ସୋସିଶାଲ ମିଡିଆରେ ଭାଇରାଲ ହେଉଛି। ଏପରି ଘଟଣା ଘଟିଛି କଟକ ଜିଲା ବାଙ୍କୀ ଅଞ୍ଚଳରେ।



ଲକ୍ଷ୍ମୀଙ୍କ ଆଗମନ : ସହଜ ହେଲା ଧାନ ଅମଳ ପ୍ରକ୍ରିୟା। ଫଟୋ: ଚନ୍ଦ୍ରଶେଖର

## ଆଜି ବି କ୍ଷୀରୋଦଙ୍କ ଘରେ ଚଢ଼ାଉ

**ଭୁବନେଶ୍ୱର,୧୯।୧୨ (ସଂଚାର ବ୍ୟୁରୋ):** ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଭାଇଙ୍କ ଘରେ ଆଜି ବି ରେଡ ହୋଇଛି। ୨୩୧ କୋଟି ଠକେଇ ଅଭିଯୋଗରେ ଚାଲିଛି ଇଡିର ରେଡ। ସମ୍ବଲପୁରର ଦାନିପାଲିରେ ରେଡ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ତେବେ ଏହି ମାମଲାରେ ପ୍ରମିଳା ଛନ୍ଦି ହୋଇଯିବେ, ଯାହାକୁ ନେଇ ଚର୍ଚ୍ଚା ହେଉଛି। ଭାଇ କ୍ଷୀରୋଦ ମଲ୍ଲିକଙ୍କ ଘରେ ଇଡି ପକ୍ଷରୁ ବୁଧବାର ଚଢାଉ ହୋଇଥିଲା। ୨୩୧ କୋଟି ଠକେଇ ଅଭିଯୋଗରେ ବଡ଼ଧରଣର ଇଡି ରେଡ ହୋଇଛି। ସମ୍ବଲପୁର ଓ ଦିଲ୍ଲୀରେ ଇଡି ଚଢାଉ କରିଛି। ବିଶ୍ୱ ଏନଜିଓର ଫାଉଣ୍ଡର ହେଉଛନ୍ତି ପ୍ରମିଳା ମଲ୍ଲିକଙ୍କ ଭାଇ । ସମ୍ବଲପୁରରେ ଥିବା ବିଶ୍ୱ ଏନଜିଓର ମୁଖ୍ୟ କାର୍ଯ୍ୟାଳୟ ସମେତ ୩ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା।

# କଳାହାଣ୍ଡିରେ ସ୍ୱାସ୍ଥ୍ୟମନ୍ତ୍ରୀ: ବିଭିନ୍ନ ମଣ୍ଡି ବୁଲି ବୁଝିଲେ ଚାଷୀଙ୍କ ସମସ୍ୟା



**ଭବାନୀପାଟଣା,୧୯।୧:** କଳାହାଣ୍ଡି ଜିଲାକୁ ଦିନିକିଆ ଗସ୍ତରେ ଆସିଛନ୍ତି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଏହି ଅବସରରେ ଗୁରୁବାର ସକାଳ ୮ଟା ୪୫ରେ ଉତ୍କେଳା ଏୟାରପୋର୍ଟରୁ ଓହ୍ଲାଇ ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରୁଛନ୍ତି। ଜୁନାଗଡ଼ ଆର୍‌ଏମ୍‌ସି ଅଧୀନରେ ଥିବା ତଳ ଜରିଙ୍ଗ, ଜୁନାଗଡ଼ ଓ ବଣିଜରା ମଣ୍ଡି ପରିଦର୍ଶନ କରି ଭିତ୍ତିଭୂମି ଦେଖିବା ସହ ଚାଷୀଙ୍କ ସମସ୍ୟା ବୁଝିଥିଲେ। ଜୁନାଗଡ଼ ଆର୍‌ଏମ୍‌ସିକୁ ଯାଇ ବିଭିନ୍ନ ମଣ୍ଡିରେ ଲାଗିଥିବା ସିସିଟିଭି ମଧ୍ୟ ଯାଞ୍ଚ କରିଥିଲେ। ରାଜ୍ୟରେ ଭାଜପା ସରକାର ଆସିଲେ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା କରାଯିବ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲୁ। ସରକାର ଆସିବା ପରେ ଏହି ପ୍ରତିଶ୍ରୁତି ପୂରଣ କରୁଛି ବୋଲି କହିଥିଲେ। ଏଥିପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଚାଷୀମାନେ ମଧ୍ୟ ଧାନ ବିକ୍ରି କରି ୩୧ ଶହ ଟଙ୍କା ପାଇଥିବା ନେଇ ମନ୍ତ୍ରୀଙ୍କୁ କହିଥିଲେ। ଏହି ସମୟରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, କଳାହାଣ୍ଡି ଜିଲାପାଳ ପାୱାର୍ ସଚିନ ପ୍ରକାଶ, ଉପଜିଲାପାଳ ଧୀମାନ ଚକମା ପ୍ରମୁଖ ଉପସ୍ଥିତ ଥିଲେ।

# ଶିମିଳିପାଳରେ ବାଘ ଜଗିବେ ସଶସ୍ତ୍ରବଳ

**ଭୁବନେଶ୍ୱର,୧୯।୧୨:** ମୟୂରଭଞ୍ଜ ଜିଲାର ଶିମିଳିପାଳ ଟାଇଗର ରିଜର୍ଭରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି ସରକାର। ଶିକାର ତଥା ବନ୍ୟଜନ୍ତୁ ଅପରାଧରୁ ଏହି ଅଞ୍ଚଳକୁ ସୁରକ୍ଷିତ ରଖିବା ପାଇଁ ଏକ ୧୩୧ ସଦସ୍ୟ ବିଶିଷ୍ଟ ସଶସ୍ତ୍ର ପୋଲିସ କମ୍ପାନୀ ନିୟୋଜିତ ହେବ। ମୟୂରଭଞ୍ଜ ଏସପି ଏହି ୟୁନିଟ୍ ର ନେତୃତ୍ୱ ନେବେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ) ଏବଂ (ଅଡିଟ୍) କୁ ଦିଆଯାଇଥିବା ବିଜ୍ଞପ୍ତି ମାଧ୍ୟମରେ ଏହି ଘୋଷଣା କରାଯାଇଛି। ମୟୂରଭଞ୍ଜରେ ମୁଖ୍ୟାଳୟ ଥିବା ଏହି କମ୍ପାନୀରେ ୮୭ ସିପାହୀ, ୩୦ ହାଭିଲଦାର, ତିନି ଡ୍ରାଇଭର ହାଭିଲଦାର, ତିନି ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ସଶସ୍ତ୍ର), ତିନି ସବ୍-ଇନ୍ସପେକ୍ଟର (ସଶସ୍ତ୍ର), ଜଣେ ଇନ୍ସପେକ୍ଟର (ସଶସ୍ତ୍ର), ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ (ସଶସ୍ତ୍ର) ସାମିଲ ହେବେ। ଏବଂ




ତିନୋଟି ଡ୍ରାଇଭର ସାମିଲ ରହିବେ। ଏହି ପଦକ୍ଷେପକୁ ଏହା ପ୍ରଥମ ବୋଲି କୁହାଯାଉଛି ଯେଉଁଠାରେ ବନ୍ୟଜନ୍ତୁ ଅଭୟାରଣ୍ୟର ସୁରକ୍ଷା ପାଇଁ ଏକ ସଶସ୍ତ୍ର ପୋଲିସ କମ୍ପାନୀ ନିୟୋଜିତ କରାଯାଉଛି। ପ୍ରକାଶ ପାଇଥିବା ଚିଠା ଅନୁଯାୟୀ, ଓଡ଼ିଶା ସଂରକ୍ଷଣ ସ୍ଥାନ (ଓଆରଭି) ଅଧିନିୟମ ଅନୁଯାୟୀ ନୂତନ ସୃଷ୍ଟି ହୋଇଥିବା ପଦବୀ ପୂରଣ ହେବ ଏବଂ ଏହି ଉତ୍ସର୍ଗୀକୃତ ବଳ ପାଇଁ ସମସ୍ତ ଖର୍ଚ୍ଚ ଜଙ୍ଗଲ ଏବଂ ପରିବେଶ ବିଭାଗ ବହନ କରିବ। ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ (FE & CC) ବିଭାଗର ଅଧିକ ସ୍ପଷ୍ଟୀକରଣ ପରେ ଏହି ନିଷ୍ପତ୍ତି ନିଆଯାଇଛି। "ମିଳିତ ଟାସ୍କ ଫୋର୍ସର ନିୟୋଜନ ପାଇଁ ମୟୂରଭଞ୍ଜ ଜିଲାର ବିଭିନ୍ନ ବର୍ଗର ୧୩୧ ଟି ପଦବୀ ସୃଷ୍ଟି କରି ସଶସ୍ତ୍ର ପୋଲିସ ରିଜର୍ଭ (ଏପିଆର) ଫୋର୍ସର ଏକ ଉତ୍ସର୍ଗୀକୃତ କମ୍ପାନୀ ଗଠନ ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ଜଣାଇବାକୁ ମୋତେ ନିର୍ଦ୍ଦେଶ ଦିଆଯାଇଛି। ମୟୂରଭଞ୍ଜର ଶିମିଳିପାଳ ଟାଇଗର ରିଜର୍ଭ (STR) ରେ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ବିଭାଗ ସମ୍ବାଦଦାତା କହିଛନ୍ତି।

ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଏବଂ ମିଳିତ ଟାସ୍କ ଫୋର୍ସ (ଜେଟିଏଫ) ସହିତ ୟୁନିଟ୍ର ଅପରେସନ୍ ୟୁନିଟ୍ ପରାମର୍ଶରେ ରହିବ। ଗତ କିଛି ମାସ ମଧ୍ୟରେ ଉକ୍ତ ଅଞ୍ଚଳରେ ଜଙ୍ଗଲ କର୍ମଚାରୀଙ୍କ ଉପରେ ଆକ୍ରମଣ ତଥା ଆକ୍ରମଣ ଘଟଣାରେ ଏହି ପଦକ୍ଷେପ ନିଆଯାଇଛି।

## ଫାୟାରିଂ ଅଭ୍ୟାସ ବେଳେ ଓଡ଼ିଆ ଯବାନ ସହିଦ



**କୋରାପୁଟ, ୧୯।୧୨(ସଂଚାର ବ୍ୟୁରୋ):** ଟ୍ୟାଙ୍କ ଫିଲ୍ଡ ଫାଇରିଙ୍ଗ ଅଭ୍ୟାସ ବେଳେ ବିସ୍ଫୋରଣରେ ଜଣେ ଓଡ଼ିଆ ଯବାନ ସହିଦ ହୋଇଛନ୍ତି। ସହିଦ ଯବାନ ହେଲେ କୋରାପୁଟ ଜିଲ୍ଲା ବୈପାରିଗୁଡା ଥାନା ବଡାଗୁଡା ଗ୍ରାମର ଈଶ୍ୱର ତଲିଆ। ସେ ୨୦୧୧ରେ ଭାରତୀୟ ସେନାରେ ଯୋଗ ଦେଇ ସମ୍ପ୍ରତି ଜମ୍ମୁରେ ୪୬ ଆର୍ମୀ ଆର୍ମଡ ରେଜିମେଣ୍ଟରେ ଏଲ୍‌ଡି ପଦବିରେ କାର୍ଯ୍ୟରତ ଥିଲେ। ତାଙ୍କୁ ଫାଇରିଙ୍ଗ ଅଭ୍ୟାସ ପାଇଁ ରାଜସ୍ଥାନର ଫକରନ୍ ପଠାଯାଇଥିଲା। ଫକରନ୍ ରେଞ୍ଜରେ ବୁଧବାର ପୂର୍ବାହ୍ନ ୯ଟା ବେଳେ ଟ୍ୟାଙ୍କ ଫାଇରିଙ୍ଗ ଅଭ୍ୟାସ ଚାଲିଥିବା ବେଳେ ହଠାତ୍ ଟ୍ୟାଙ୍କ ଭିତରୁ ଏକ ବୋମା ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ଉତ୍ତର ପ୍ରଦେଶର ଏସ୍‌ଡିଏମ୍ ଆଶୁତୋଷ ମିଶ୍ର ଏବଂ ରାଜସ୍ଥାନର ଏଲଡି ଜିତେନ୍ଦ୍ର କୁମାର ସହିଦ୍ ହୋଇଥିଲେ। କିନ୍ତୁ ଈଶ୍ୱର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଜସ୍ଥାନରୁ ହେଲିକପ୍ଟର ଯୋଗେ ଚଣ୍ଡୀଗଡ଼ କମାଣ୍ଡ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଈଶ୍ୱର ତଲିଆଙ୍କୁ ଗୁରୁବାର ସକାଳ ୫ଟା ବେଳେ ଡାକ୍ତର ଚିକିତ୍ସାଧୀନ ଅବସ୍ଥାରେ ମୃତ ଘୋଷଣା କରିଛନ୍ତି। ତାଙ୍କ ପରିବାର ଲୋକଙ୍କୁ ଫୋନ୍ ମାଧ୍ୟମରେ ସୂଚନା ଦିଆଯାଇଥିଲା। ମୃତ୍ୟୁ ଖବର ଆସିବା ପରେ ବୈପାରିଗୁଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଈଶ୍ୱର ତଲିଆଙ୍କ ପରିବାର କହିଲେ ସ୍ତ୍ରୀ ବାସନ୍ତୀ ତଲିଆ, ୮ ବର୍ଷର ଝିଅ, ୨ ବର୍ଷର ପୁଅ ଓ ମା' ଅଛନ୍ତି। ସହିଦ ଈଶ୍ୱର ଦଶହରାରେ ଶେଷ ଥର ପାଇଁ ନିଜ ଘରକୁ ଆସିଥିଲେ। ଏହାପରେ ୪ ମାସ ହେବ ସେ ଘରକୁ ଆସି ନ ଥିବାରୁ ପରିବାର ଲୋକେ ତାଙ୍କୁ ଅପେକ୍ଷା କରିଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେଲା କାୱାସାକି ନିଞ୍ଜା ୧୧୦୦ଏସ୍‌ଏକ୍ସ



ନୂଆଦିଲ୍ଲୀ, ୧୯।୧୨: କାଓ୍ୱାସାକି ମୋର୍ଟସ ଇଣ୍ଡିଆ ଦେଶରେ ନୂଆ ୨୦୨୫ ନିଞ୍ଜା ୧୧୦୦ଏସଏକ୍ସ ସ୍ପୋର୍ଟସ ଟୁଅର ବାଇକ ଲଞ୍ଚ କରିଛି। ଏହି ବାଇକ ସହ କମ୍ପାନି ସ୍ପୋର୍ଟସ ଟୁଅରର ମଡେଲର ୫ମ ଜେନେରେସନରେ ଏଣ୍ଟ୍ରି କରିଛି। ବାଇକର ଦାମ ଏକ୍ସ ଶୋରୁମ୍ ଦାମ୍ ୧୩.୪୯ ଲକ୍ଷ ରହିଥିବାବେଳେ ନୂଆ ମଡେଲରେ ରହିଛି ପୂର୍ବ ମଡେଲ ତୁଳନାରେ ଢେର ସାରା ନୂଆ ଫିଚର। ୨୦୨୫ କାଓ୍ୱାସାକି ନିଞ୍ଜା ୧୧୦୦ଏସଏକ୍ସ ସ୍ପୋର୍ଟସ ଟୁଅରର ୫ମ ଜେନେରେସନରେ ଏବେ ଗ୍ରାହକଙ୍କୁ ମିଳିବ ୧୦୯୯ ସିସି ଇନଲାଇନ ୪ସିଲିଣ୍ଡର, ଲିକ୍ୱିଡ କୁଲ୍ ଇଞ୍ଜିନ । ଯାହା ପୂର୍ବ ମଡେଲରେ ଥିବା ୧୦୪୩ ସିସି ମୋଟର ଠାରୁ ବଡ଼। ଏହି ଇଞ୍ଜିନ ୧୩୫ବିଏଚପିର ପାଓ୍ୱାର ଏବଂ ୧୧୩ ଏନଏମର ଟର୍କ ଉତ୍ପନ୍ନ କରିଥାଏ।

ଅବଶ୍ୟ ବାଇକର ଡିଜାଇନ ଏବଂ ଚେସିସରେ କୌଣସି ବିଶେଷ ପରିବର୍ତ୍ତନ କରାଯାଇନାହିଁ। ତଥାପି ବାଇକରେ ନୂଆ ଏବଂ ବଡ଼ ରିୟର ଡିସ୍କ ବ୍ରେକ, ବେମ୍ବ୍ରେ ମୋନୋବ୍ଲକ ୪.୩୨ କେଲିପର୍ସ, ୪୧ ଏମଏମର ଆଡଜଷ୍ଟେବୁଲ ୟୁଏସଡି ଶୋବା ଫ୍ରଣ୍ଟ ଫୋର୍କସ ଆଦି ମଧ୍ୟ ଦେଖିବାକୁ ମିଳିବ। ଏହା ବାଦ ଅପଗ୍ରେଡ ଭାରିଆଣ୍ଟରେ କ୍ୱିକସିଫ୍ଟରକୁ ଅପଡେଟ କରାଯାଇଛି। ଯାହା ବାଇକକୁ ଧୀମା କରିବାପାଇଁ ଗିୟର ସିଫ୍ଟକୁ ଆହୁରି ସହଜ ହେବ। ଅନ୍ୟ ସବୁ ପରିବର୍ତ୍ତନ ମଧ୍ୟରେ ରହିଛ ନୂଆ ହ୍ୟାଣ୍ଡେଲବାର-ମାଉଣ୍ଟେଡ ୟୁଏସବି ଟାଇପ ସି ଆଉଟଲେଟ ଏବଂ ସ୍ମାର୍ଟଫୋନ କନେକ୍ଟିଭିଟି ସହ ଭଏସ କମାଣ୍ଡ ମଧ୍ୟ ସାମିଲ ରହିଛି। ଅନ୍ୟ ଫିଚର୍ସରେ ବାଇକରେ ୪.୩ ଇଞ୍ଚର ଟିଏଫଟି ଡିସପ୍ଲେ, ପାଓ୍ୱାର ମୋଡ୍, ଟ୍ରାକ୍ସନ କଣ୍ଟ୍ରୋଲ, ଏବିଏସ, କ୍ରୁଜ କଣ୍ଟ୍ରୋଲ ଭଳି ଅନେକ ଫିଚର୍ସ ରହିଛି। ନୂଆ ଭାରିଆଣ୍ଟକୁ ମେଟାଲିକ ମ୍ୟାଟ ଗ୍ରାଫାଇଟ ଷ୍ଟିଲ ଗ୍ରେ ଏବଂ ମେଟାଲିକ୍ ଡାଏବ୍ଲୋ ବ୍ଲାକ୍ କଲର୍ ସ୍କିମରେ ଦେଖିବାକୁ ମିଳିବ।

# ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି-ଇମ୍ଫା ବୁଝାମଣା



ଭୁବନେଶ୍ୱର,୧୯।୧୨: ଇଣ୍ଡିଆ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜେ (ଇମ୍ଫା) ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଇମ୍ଫାର ସ୍ମେଲଟର ୟୁନିଟ୍ ଲାଗି ଅକ୍ଷୟ ଶକ୍ତି ସଂଗ୍ରହ କରିବା ନିମନ୍ତେ ଜେଏସ୍‌ଡବ୍ଲ୍ୟୁ ଏନର୍ଜି ସହ କମ୍ପାନୀ ଏକ ଯୌଥ ଉଦ୍ୟୋଗ ସମ୍ପର୍କରେ ଘୋଷଣା କରିଛି। ଏପରିକି ଇମ୍ଫା ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ଓ୍ୱାନ ଲିମିଟେଡ୍ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ସେଭେନ ଲିମିଟେଡ୍ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ବିଶେଷକରି ଏହା ୫୦ ମେଗାଓ୍ୱାଟର ଏସି ସୋଲାର ଓ ୧୦୦ ମେଗାଓ୍ୱାର ପବନ ଶକ୍ତି ସହ ମୋଟ ଚୁକ୍ତି ଆଧାରିତ କ୍ଷମତା ୭୦ ମେଗାଓ୍ୱାଟ୍ ପ୍ରକଳ୍ପରେ ୮୩.୨୬ କୋଟି ଟଙ୍କା ନିବେଶ କରିବ। ଏଥିସହ ଇମ୍ଫା ପକ୍ଷରୁ ନିଜସ୍ୱ ବ୍ୟବହାର ଲାଗି ୨୫ବର୍ଷିଆ ଅବଧିର ଏକ ବିଦ୍ୟୁତ୍ ଶକ୍ତି କ୍ରୟ ରାଜିନାମା ସ୍ୱାକ୍ଷର କରାଯିବ। ଇମ୍ଫା ପକ୍ଷରୁ ଯାଜପୁରର କଳିଙ୍ଗନଗରଠାରେ ବାର୍ଷିକ ୧,୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ଏକ ନୂଆ କାରଖାନା ସ୍ଥାପନ କରାଯାଉଛି। ଏହା କମ୍ପାନୀର ଫେରୋକ୍ରୋମ ଉତ୍ପାଦନ କ୍ଷମତାକୁ ବଢ଼ାଇବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଇମ୍ଫାର ଭାଇସ୍ ପ୍ରେସିଡେଣ୍ଟ ତଥା ହେଡ୍ (ପାଓ୍ୱାର ବିଜ୍‌ନେସ୍ ୟୁନିଟ୍) ବିନୟ ଅଗ୍ରଓ୍ୱାଲ କହିଛନ୍ତି, କାର୍ବନ ଫୁଟ୍ ପ୍ରିଣ୍ଟ କମ କରିବା ଲାଗି ଅକ୍ଷୟ ଶକ୍ତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୌର ଓ ପବନ ଶକ୍ତିର ମିଶ୍ରଣ ସହ ଆମେ ଏକ ସବୁଜ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ ବୋଲି ସେ କହିଛନ୍ତି।

# ବଢ଼ିବ ଇପିଏଫ ବେତନ ସୀମା !

ନୂଆଦିଲ୍ଲୀ,୧୯।୧୨: କେନ୍ଦ୍ର ସରକାର ଖୁବ ଶୀଘ୍ର କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫ) ଯୋଜନା ଅନ୍ତର୍ଗତ ବେତନ ସୀମାକୁ ବଢ଼ାଇପାରନ୍ତି। ବର୍ତ୍ତମାନ ଏହା ୧୫,୦୦୦ରୁ, ୨୧, ୦୦୦ ଟଙ୍କାକୁ ବୃଦ୍ଧି କରିବାର ସମ୍ଭାବନା ରହିଛି। ଗତ କିଛି ଦିନ ଧରି ଇପିଏଫ ସୀମା ବୃଦ୍ଧି କରିବାକୁ କର୍ମଚାରୀମାନେ ଦାବି କରିଆସୁଥିଲେ। ବଢ଼ୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଏହି ଦାବିକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ କେନ୍ଦ୍ର ଅର୍ଥ ବିଭାଗକୁ ପ୍ରସ୍ତାବ ପଠାଇଛି। ସାଧାରଣତଃ ଇପିଏଫରେ କର୍ମଚାରୀଙ୍କ ଅବଦାନ ୧୨ ପ୍ରତିଶତ ବେତନରୁ କଟାଯାଇଥାଏ। କମ୍ପାନୀ ପକ୍ଷରୁ ଅନ୍ୟ ୧୨ ପ୍ରତିଶତ ଟଙ୍କା ଯୋଡି ଏହାକୁ PF ଆକାଉଣ୍ଟରେ ଜମା କରନ୍ତି। ତେଣୁ ଯଦି ବର୍ତ୍ତମାନ ସର୍ବାଧିକ ବେତନ ସୀମା ବୃଦ୍ଧି କରାଯାଏ, ତେବେ କର୍ମଚାରୀ ଅଧିକ ଲାଭବାନ ହେବେ।

ଏହାପୂର୍ବରୁ ସେପ୍ଟେମ୍ବର ୨୦୧୪ ରେ ସରକାର ବେତନ ସୀମାକୁ ଦ୍ୱିଗୁଣିତ କରି ୬,୫୦୦ ରୁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ କରିଥିଲେ। ବର୍ତ୍ତମାନ ସେହି ସୀମାକୁ ୨୧,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଚିନ୍ତା କରୁଛନ୍ତି। ବେତନ ସୀମାରେ ଏହି ବୃଦ୍ଧି ଇପିଏଫ, କର୍ମଚାରୀଙ୍କ ପେନଶନ ସ୍କିମ (ଇପିଏସ) କୁ ପ୍ରଭାବିତ କରିବ। ପ୍ରୋଭିଡେଣ୍ଟ ଫଣ୍ଡ ନିୟମ ଅନୁଯାୟୀ ଯଦି ଜଣେ କର୍ମଚାରୀଙ୍କ ମୌଳିକ ଦରମା ମାସକୁ ୧୫,୦୦୦ ରୁ ଅଧିକ ହୁଏ, ତେବେ ସେମାନେ ଇପିଏଫ ଯୋଜନାରେ ଅଂଶ ହୋଇଥିଲେ ମଧ୍ୟ ସେମାନେ EPS ରେ ଯୋଗ ଦେଇ ପାରିବେ ନାହିଁ।

# ବନ୍ଦର ବିକାଶ ଲାଗି ୫୪ ହଜାର କୋଟି: କାର୍ଯ୍ୟକାରୀ ହେଉଛି ୫୩ ପ୍ରକଳ୍ପ



ଭୁବନେଶ୍ୱର, ୧୯।୧୨: ବନ୍ଦରଭିତ୍ତିକ ଶିଳ୍ପାୟନ, ବନ୍ଦର ଆଧୁନିକୀକରଣ ଓ ବନ୍ଦରକୁ ରାସ୍ତା ସଂଯୋଗ ପ୍ରଦାନ କରିବା ଲାଗି ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ୫୪ ହଜାର କୋଟି ଟଙ୍କାର ୫୩ଟି ପ୍ରକଳ୍ପ ହାତକୁ ନିଆଯାଇଛି। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନାଓ୍ୱାଲ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଚାନ୍ଦିପୁରରେ ୫୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଚାଷ ବିଭାଗ ପକ୍ଷରୁ ଏକ ମାଛଧରା ବନ୍ଦର ବିକାଶ କରାଯାଉଛି। ସେହିପରି ବନ୍ଦର ବିଭାଗ ତରଫରୁ ଖୋର୍ଦ୍ଧାର ବାଲୁଗାଁ ଓ ପୁରୀର କୃଷ୍ଣପ୍ରସାଦଗଡ଼ରେ ୫୪ କୋଟି ଟଙ୍କା ଏବଂ କାନିନାଳି ଓ ତାଳଚୁଆରେ ୧୧୦.୬ କୋଟି ଟଙ୍କା ନିବେଶରେ ରୋପାକ୍ସ ଜେଟି ନିର୍ମାଣ କରାଯାଉଛି। ପାରାଦୀପର ମାଛଧରା ବନ୍ଦରର ଉନ୍ନତୀକରଣ ଓ ଆଧୁନିକୀକରଣରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ୧୦୯.୯୦କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୨.୮୭ କୋଟି ଟଙ୍କା ନିବେଶରେ ଉପକୂଳ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟକୁ କାର୍ଯ୍ୟକାରି କରାଯାଉଛି।

ଏହି ପ୍ରକଳ୍ପଗୁଡ଼ିକ ବ୍ୟତୀତ ୭୯.୭୦ କୋଟି ଟଙ୍କା ନିବେଶରେ ପାରାଦୀପ ବିଓଟି ବର୍ଥକୁ ରେଳ ସଂଯୋଗ ପ୍ରଦାନ କରିବା ଲାଗି ପ୍ରକଳ୍ପ ବିକାଶ କରାଯାଉଛି। ପାରାଦୀପରେ ବର୍ଥର ଯାନ୍ତ୍ରିକୀକରଣରେ ୧୪୩୮ କୋଟି ଟଙ୍କା ବ୍ୟୟ କରାଯାଉଛି। ପାରାଦୀପରେ ଦୁଇଟି ଭ୍ରାମ୍ୟମାଣ ଜାହାଜ କ୍ରେନ୍ ଲାଗି ୭୦ କୋଟି ଟଙ୍କା ଅଟକଳ ରଖାଯାଇଛି। ପାରାଦୀପ ବନ୍ଦରରେ ଆଇଡବ୍ଲୁଟି ଟର୍ମିନାଲ୍ ବିକାଶ ଲାଗି ୮୦ କୋଟି ଟଙ୍କାର ନିବେଶ କରାଯାଉଛି। ୪୩୧ କୋଟି ଟଙ୍କାରେ ପାରାଦୀପ ବନ୍ଦରରେ ବହୁବିଧ ବର୍ଥ ନିର୍ମାଣ କରାଯାଉଛି। ପାରାଦୀପ ମାଛଧରା ବନ୍ଦରରେ ମହାନଦୀ ମୁହାଣରେ ଡ୍ରେଜିଂ ଲାଗି ୨୧ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେହିପରି, ପାରାଦୀପ ବନ୍ଦରରେ ଲୁହାପଥର ରପ୍ତାନି ବର୍ଥ ଲାଗି ୭୪୦ କୋଟି ଟଙ୍କା, କୋଇଲା ଆମଦାନି ବର୍ଥ ଲାଗି ୬୫୬ କୋଟି ଟଙ୍କା, ଏଲ୍‌ପିଜି ଟର୍ମିନାଲ୍ ଲାଗି ୬୯୦ କୋଟି ଟଙ୍କା ନିବେଶ କରାଯାଉଛି। ପାରାଦୀପ ବନ୍ଦରରେ ସଡ଼କ ତଥା ଫ୍ଲାଏଓଭର୍ ନିର୍ମାଣ ଲାଗି ୯୩ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ବିରଳ ଗୋଲ ଅଣ୍ଡା ୨୧,୫୦୦ ଟଙ୍କାରେ ନିଲାମ



ନୂଆଦିଲ୍ଲୀ ୧୯/୧୨: ଇଂଲଣ୍ଡର ଅକ୍ସଫୋର୍ଡଶାୟର୍‌ରେ ଏକ ବିରଳ ଗୋଲାକାର ଅଣ୍ଡା ୨୦୦ ପାଉଣ୍ଡ୍ ଅର୍ଥାତ୍ ପ୍ରାୟ ୨୧,୫୦୦ ଟଙ୍କାରେ ବିକ୍ରି ହୋଇଛି। ଏଡ୍ ପୋନେଲ ନାମକ ଜଣେ ବ୍ୟକ୍ତି ପ୍ରଥମେ ଏହି ଅଣ୍ଡାକୁ କିଣିଥିଲେ। ସେ ଏହାକୁ ଏକ ଅଣ-ଲାଭକାରୀ ସଂଗଠନ ଲୁଭେନ୍‌ଟାସ ଫାଉଣ୍ଡେସନ୍‌କୁ ଦାନ କଲେ। ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ, ଜୀବନ ଶିକ୍ଷା ଏବଂ ମେଣ୍ଟରସିପ୍ କ୍ଷେତ୍ରରେ ଏହି ସଂଗଠନ କାମ କରେ। ସଂଗଠନର ପ୍ରତିନିଧି ରୋଜ୍ ରାପ୍ କହିଛନ୍ତି, ଦାତବ୍ୟ ନିଲାମରେ କେବଳ ଏହି ଅଣ୍ଡା ହିଁ ଏକମାତ୍ର ସାମଗ୍ରୀ ଥିଲା, ଯାହା କେବଳ ୨୦୦ ପାଉଣ୍ଡ ପାଣ୍ଠି ସଂଗ୍ରହ କଲା। ଅନ୍ୟ ସାମଗ୍ରୀ ନିଲାମ ସହିତ ସଂଗଠନ ମୋଟ୍ ୫ ହଜାର ପାଉଣ୍ଡ ପାଣ୍ଠି ସଂଗ୍ରହ କଲା। ସ୍କଟ୍‌ଲାଣ୍ଡର ଆୟିର ସ୍ଥିତ ଏକ ସଉଦା ଦୋକାନରେ ଥିବା ଅଣ୍ଡା ବାକ୍ସରୁ ଜଣେ ମହିଳା ଏହି ବିରଳ ଅଣ୍ଡା ଆବିଷ୍କାର କରିଥିଲେ। ସେ ଏହାକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇ ବର୍କଶାୟାର ସ୍ଥିତ ଲାମ୍‌ବୋର୍ନର ଏଡ୍ ପୋନାଲଙ୍କୁ ଦେଇଥିଲେ। ପୋନାଲ ଏହି ଅନନ୍ୟ ଆବିଷ୍କାରକୁ ଦେଖି ଖୁସି ହୋଇଗଲେ। ସେ ଏହାକୁ ୧୫୦ ପାଉଣ୍ଡ୍‌ରେ କିଣିଲେ। ତା'ପରେ ସେ ଲୁଭେନଟାସ୍ ଫାଉଣ୍ଡେସନ୍‌କୁ ଦାନ କଲେ। ସଂଗଠନ ପ୍ରଥମେ ଏହି ଅଣ୍ଡାକୁ ଥଟ୍ଟାରେ ନେଲା। କିନ୍ତୁ ପରେ ଏହାର ଗୁରୁତ୍ୱ ବୁଝିବା ପରେ ଅଣ୍ଡାର ନିଲାମ ବ୍ୟବସ୍ଥା କଲା। ପୂର୍ବରୁ ଏହି ଅଣ୍ଡା ନିଲାମ ହୋଇଥିବା ଥମ୍‌ସନ ରୋଡିକ୍ କାଲାନ ନିଲାମଗୃହର କର୍ମଚାରୀ ଡେଭିଡ୍ ମିଲର କହିଛନ୍ତି, ଗୋଲାକାର ଅଣ୍ଡାକୁ ୧୦୦ କୋଟିରେ ଗୋଟିଏ ଘଟଣା ଭାବେ ବିବେଚନା କରାଯାଏ। ଏହାର ନିଲାମରୁ ମିଳିଥିବା ପାଣ୍ଠି ମାନସିକ ସ୍ୱାସ୍ଥ୍ୟ ସହ ଲଢ଼େଇ କରୁଥିବା ୧୩-୨୫ ବର୍ଷୀୟ ପିଲାଙ୍କ ସାହାଯ୍ୟରେ ଖର୍ଚ୍ଚ ହେବ। ଗତ ନଭେମ୍ବର ମାସରେ ୧୯୪୭ ମସିହାରେ ଅନୁଷ୍ଠିତ ରାଣୀ ଏଲିଜାବେଥ୍ ୨ୟ ଓ ପ୍ରିନ୍ସ ଫିଲିପ୍‌ଙ୍କ ବିବାହ ଦିନର ଖଣ୍ଡେ କେକ୍ ୨,୩୯,୯୧୫ ଟଙ୍କାରେ ନିଲାମ ହୋଇଥିଲା। ୭୭ ବର୍ଷ ତଳେ ଏହି ରାଜକୀୟ ବିବାହରେ ୯ ଫୁଟର ଏକ ଫ୍ରୁଟ୍‌କେକ୍ ପ୍ରସ୍ତୁତ ହୋଇଥିଲା। ରାଣୀ ଏଲିଜାବେଥ୍ ତାଙ୍କ ପ୍ରାସାଦର ଜଣେ କର୍ମଚାରୀଙ୍କ ପାଖକୁ ଧନ୍ୟବାଦ ଚିଠି ସହିତ ସେହି କେକ୍‌ରୁ ଖଣ୍ଡେ ପଠାଇଥିଲେ।

# ଫେବୃଆରୀ ୨୮ରୁ ଇଣ୍ଡ୍‌ପ୍ଲାସ୍-୨୫

ଭୁବନେଶ୍ୱର,୧୯।୧୨: ଇଣ୍ଡିଆନ୍ ପ୍ଲାଷ୍ଟିକ୍ ଫେଡେରେଶନ (ଆଇପିଏଫ୍)ର ବହୁ ପ୍ରତୀକ୍ଷିତ ବି୨ବି କାର୍ଯ୍ୟକ୍ରମ ତଥା ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ପ୍ରଦର୍ଶନୀ 'ଇଣ୍ଡ୍‌ପ୍ଲାସ୍-୨୫'ର ୧୦ମ ସଂସ୍କରଣ କୋଲକାତାର ବିଶ୍ୱ ବାଙ୍ଗଲା ମେଳା ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଯାଉଛି। ଏପରିକି ଏହି ମେଳା ୨୦୨୫ ଫେବୃଆରୀ ୨୮ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ପ୍ରଦର୍ଶନୀରେ ପ୍ଲାଷ୍ଟିକ୍ ଇଣ୍ଡଷ୍ଟ୍ରିର ବିକାଶ ଏବଂ ନୂତନ ସୁଯୋଗକୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକାଭିମୁଖୀ କରାଯିବ।

ଏହି ପରିପ୍ରେକ୍ଷୀରେ ଆଇପିଏଫ୍ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ହୋଟେଲ ପ୍ରେସିଡେନ୍ସିଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଇଣ୍ଡ୍‌ପ୍ଲାସ୍-୨୫ କମିଟିର ଚେୟାରମ୍ୟାନ୍ ଅଶୋକ ଜାଜୋଡିଆ, ଆଇପିଏଫ୍‌ର ଉପାଧ୍ୟକ୍ଷ ଅମିତ ଅଗ୍ରଓ୍ୱାଲ ଏବଂ ସଚିବ ଶ୍ୟାମଲାଲ ଅଗ୍ରଓ୍ୱାଲ ପ୍ରମୁଖ ଉପସ୍ଥିତ ରହି 'ଇଣ୍ଡ୍‌ପ୍ଲାସ୍-୨୫'ର ଆଭିମୁଖ୍ୟ ଓ ପ୍ରଦର୍ଶନୀ ସମ୍ବନ୍ଧୀୟ ବିଷୟବସ୍ତୁକୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିଭଳି ଆଇପିଏଫ୍ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀର ମୁଖ୍ୟ ଲକ୍ଷ୍ୟ ପ୍ଲାଷ୍ଟିକ୍ ଉତ୍ପାଦନ, ପ୍ରକ୍ରିୟାକରଣ, ପୁନଃ ବ୍ୟବହାର ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ଅଭ୍ୟାସରେ ପ୍ରୟୋଗ ଇତ୍ୟାଦି ସାମିଲ ରହିଛି। ଏହି ଅବସରରେ ୪୦୦ରୁ ଅଧିକ ପ୍ରଦର୍ଶକ, ଯନ୍ତ୍ରପାତି, କଞ୍ଚାମାଲ, ପ୍ୟାକେଜିଂ ଏବଂ ଅନ୍ୟାନ୍ୟ ମଧ୍ୟରେ ଉଦ୍ଭାବନ ପ୍ରଦର୍ଶନ କରିବେ। ଏହି ଚାରିଦିନିଆ ଶୋ'ରେ ୧,୫୦,୦୦୦ରୁ ଅଧିକ ପରିଦର୍ଶକ ଏବଂ ବିଦେଶୀ ଅଂଶଗ୍ରହଣକାରୀଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଦେଶରୁ ପ୍ରଦର୍ଶକମାନେ ଆସିବେ ବୋଲି ଆଶା ରଖାଯାଇଛି।

ଉଲ୍ଲେଖଯୋଗ୍ୟ, ଇଣ୍ଡ୍‌ପ୍ଲାସ୍'୨୫ ପୂର୍ବ ଭାରତର ସର୍ବବୃହତ୍ ବି୨ବି ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ପ୍ରଦର୍ଶନୀ ହେବାକୁ ଯାଉଛି। ଏଥିରେ ଭାରତ ସମେତ ତାଇଓ୍ୱାନ, ଚାଇନା , ମାଲେସିଆ, ଭିଏତ୍‌ନାମ, ଥାଇଲାଣ୍ଡ, ଜର୍ମାନୀ, ଆମେରିକା ଏବଂ ଇରାନ ଭଳି ଅନ୍ୟାନ୍ୟ ଦେଶରୁ ବିଦେଶୀ ପ୍ରଦର୍ଶକମାନେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏପରିକି ଭାରତୀୟ ଭିସା ନୀତି ଯୋଗୁ ଅନେକ ଚାଇନା ପ୍ରଦର୍ଶକ ଉପସ୍ଥିତ ହେବାକୁ ଅସମର୍ଥ ହୋଇଥିବାବେଳେ ଉଭୟ ଭାରତୀୟ ଏବଂ ଆନ୍ତର୍ଜାତିକ ଯନ୍ତ୍ରପାତି, କଞ୍ଚାମାଲ, ଆନୁଷଙ୍ଗିକ ସେବା ଓ ଯୋଗାଣକାରୀ ଏବଂ ମାଷ୍ଟରବ୍ୟାଚ୍ ଉତ୍ପାଦନକାରୀଙ୍କଠାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ମାଗଣାରେ ୪ ହଜାର ଜିବି ଡାଟା ସହ ଏକାଧିକ ଓଟିଟି ସବସ୍କ୍ରିପସନ



ନୂଆଦିଲ୍ଲୀ: ଆଜିକାଲି, ମନୋରଞ୍ଜନ ଠାରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସବୁ ସ୍ଥାନରେ ଇଣ୍ଟରନେଟ୍ ଡାଟାର ଆବଶ୍ୟକତା ରହୁଛି। ଘରେ କ୍ରୀଡା ଦେଖିବା ହେଉ କିମ୍ବା ପିଲାମାନଙ୍କ ପାଇଁ ଶିକ୍ଷାଗତ ବିଷୟବସ୍ତୁ ପ୍ରସ୍ତୁତ କରିବା ହେଉ, ଘରେ ଇଣ୍ଟରନେଟ୍ ଡାଟା ରହିବା ଜରୁରୀ ହୋଇପଡିଛି। ଇଣ୍ଟରନେଟ୍ ଡାଟାର ମୂଲ୍ୟ ମଧ୍ୟ କିଛି ଦିନ ତଳେ ବୃଦ୍ଧି ପାଇଛି, ଯେଉଁ କାରଣରୁ ପକେଟ ଉପରେ ଭାର ବଢ଼ିଛି, କିନ୍ତୁ ଗୋଟିଏ କମ୍ପାନୀ ଅଛି ଯାହା କମ୍ ମୂଲ୍ୟରେ ପର୍ଯ୍ୟାପ୍ତ ଡାଟା ଯୋଗାଉଛି। ଏହି ପ୍ଲାନରେ ଆପଣଙ୍କର ସମସ୍ତ ଆବଶ୍ୟକତା ପୂରଣ ହେବ, କିନ୍ତୁ ଉପଲବ୍ଧ ଡାଟା ସମାପ୍ତ ହେବ ନାହିଁ। ସରକାରୀ କମ୍ପାନୀ ବିଏସଏନଏଲ ଏହାର ବ୍ରଡବ୍ୟାଣ୍ଡ ଯୋଜନାରେ ୪ଟିବି ଅର୍ଥାତ୍ ୪ ହଜାର ଜିବି ଡାଟା ଦେଉଛି। ଏହାର ଅର୍ଥ ହେଉଛି ଉପଭୋକ୍ତାମାନେ ପ୍ରତିଦିନ ୧୦୦ ଜିବିରୁ ଅଧିକ ହାଇ ସ୍ପିଡ୍ ଡାଟା ପାଇବେ। ଏହି ଡାଟା ୩୦୦ ଏମବିପିଏସ ବେଗରେ ଉପଲବ୍ଧ ହେବ। ଯଦି ବି ଜଣେ ଉପଭୋକ୍ତା ଗୋଟିଏ ମାସରେ ୪ଟିବି ଡାଟା ବ୍ୟବହାର କରନ୍ତି, ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଏହା ପରେ ସେ ୧୫ ଏମବିପିଏସ ବେଗରେ ଇଣ୍ଟରନେଟ୍ ଡାଟା ବ୍ୟବହାର କରିବାକୁ ସମର୍ଥ ହେବେ। ଏହି ପ୍ଲାନ ପାଇଁ ଆପଣଙ୍କୁ ମାସକୁ ୧୭୯୯ ଟଙ୍କା ଦେବାକୁ ପଡିବ। ଏହି ପ୍ଲାନ ବିଷୟରେ ବିଶେଷ କଥା ହେଉଛି ଏଥିରେ କେବଳ ଡାଟା ଦିଆଯାଉ ନାହିଁ ବରଂ ଅନେକ ଓଟିଟି ଆପ୍ସର ମାଗଣା ସଦସ୍ୟତା ପ୍ରଦାନ କରାଯାଉଛି। ଏହି ପ୍ଲାନ ସହିତ ଡିସ୍ନି + ହଟଷ୍ଟାର, ଲାୟନ୍ସ ଗେଟ୍, ଶେମାରୋ ମି, ଶେମାରୋ, ହଙ୍ଗାମା, ସୋନିଲିଭ୍ ପ୍ରିମିୟମ୍, ଜି ୫ ପ୍ରିମିୟମ୍ ଏବଂ ୟୁପଟିଭିର ସବସ୍କ୍ରିପସନ ମିଳିବ। ଏହାର ଅର୍ଥ ହେଉଛି ଏହି ଆପଗୁଡ଼ିକରେ କଣ୍ଟେଣ୍ଟ ଦେଖିବା ପାଇଁ ଆପଣଙ୍କୁ ଅତିରିକ୍ତ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। ଯଦି ଆପଣ ବିଏସଏନଏଲ ର ଏକ ଶସ୍ତା ଯୋଜନା ନେବାକୁ ଚାହୁଁଛନ୍ତି ତେବେ ଫାଇବର ଏଣ୍ଟ୍ରି ବ୍ରଡବ୍ୟାଣ୍ଡ ପ୍ଲାନ ଏକ ଭଲ ବିକଳ୍ପ। ଏଥିରେ, ପ୍ରତି ମାସରେ ୧୦୦୦ ଜିବି ଡାଟା ୨୦ଏମବିପିଏସ ବେଗ ସହିତ ଉପଲବ୍ଧ ହେବ। ଏଥିରେ ଆପଣ ଅସୀମିତ ଡାଟା ଡାଉନଲୋଡ୍ ଏବଂ ମାଗଣା ଭଏସ୍ କଲିଂର ସୁବିଧା ମଧ୍ୟ ପାଇବେ। ଏହି ଯୋଜନାର ମୂଲ୍ୟ ମାସକୁ ୩୨୯ ଟଙ୍କା।

# ନିସାନ-ହୋଣ୍ଡା ମିଶ୍ରଣ ହୋଇପାରେ

ନୂଆଦିଲ୍ଲୀ, ୧୯।୧୨: ବିଶ୍ୱର ଦୁଇ ପ୍ରମୁଖ କାର୍ ନିର୍ମାତା ହୋଣ୍ଡା ମୋଟର କମ୍ପାନି ଓ ନିସାନ ମୋଟର କମ୍ପାନି ମଧ୍ୟରେ ମିଶ୍ରଣ ହେବାର ସମ୍ଭାବନା ରହିଛି। ଜାପାନର ପ୍ରମୁଖ କାର୍ ନିର୍ମାତା ଟୟୋଟା ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଏହି ଦୁଇ କମ୍ପାନି ପରସ୍ପର ସହ ମିଶିଯିବା ନେଇ କଥାବାର୍ତ୍ତା କରୁଛନ୍ତି। ମିଳିତ ଭାବେ ସେମାନେ ଟୟୋଟାର ଉଚିତ ମୁକାବିଲା କରିପାରିବେ ବୋଲି ଭାବୁଛନ୍ତି। ହୋଣ୍ଡାର ଜଣେ ଅଧିକାରୀଙ୍କ ବୟାନରୁ ଏହି ମିଶ୍ରଣ କଥା ସାମ୍ନାକୁ ଆସିଛି। ତେବେ କେବଳ ମିଶ୍ରଣ ନୁହେଁ, ଉଭୟ ସଂସ୍ଥା ପୁଞ୍ଜି ସହଯୋଗିତା କିମ୍ବା ଏକ ହୋଲ୍‌ଡିଂ କମ୍ପାନି ଗଠନ କରିବା ବିକଳ୍ପ ଉପରେ ମଧ୍ୟ ଆଲୋଚନା କରୁଛନ୍ତି। ଚଳିତ ମାସରେ ଏନେଇ କିଛି ନିର୍ଦ୍ଦିଷ୍ଟ ଆଲୋଚନା ହେବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ମିଶ୍ରଣ ସମ୍ପର୍କରେ ଜାଣିଥିବା ଜଣେ ବ୍ୟକ୍ତି ସୂଚନା ଦେଇଛନ୍ତି ଯେ ଏକ ବଡ଼ ଯୋଜନା ନେଇ କଥାବାର୍ତ୍ତା ଚାଲିଛି। ତାହା ହେଉଛି ଏକ ହୋଲ୍ଡିଂ କମ୍ପାନି ଗଠନ କରାଯିବ, ଯାହା ଅଧୀନରେ ଉଭୟ ସଂସ୍ଥା ପରିଚାଳିତ ହେବେ।

## ହୁରୁନ୍ 'ନିଜ ଉଦ୍ୟମରେ ଉଦ୍ୟୋଗୀ' ତାଲିକା

# ଓଡ଼ିଶାରୁ ରିତେଶ, ଆଶିଷ, ରାହୁଲ



ଭୁବନେଶ୍ୱର: ଇଣ୍ଡିଆ ଫାଷ୍ଟ ବ୍ୟାଙ୍କ-ହୁରୁନ୍ ଇଣ୍ଡିଆ ପକ୍ଷରୁ ଦେଶର ଶ୍ରେଷ୍ଠ ୨୦୦ 'ନିଜ ଉଦ୍ୟମରେ ଉଦ୍ୟୋଗୀ' ହୋଇଥିବା ତାଲିକା ପ୍ରକାଶ କରାଯାଇଛି। ସେଥିରେ ଓଡ଼ିଶାର ତିନି ଜଣ ଉଦ୍ୟୋଗୀଙ୍କ ନାମ ରହିଛି। ସେମାନେ ହେଉଛନ୍ତି ଓୟୋ ପ୍ରତିଷ୍ଠାତା ରିତେଶ ଅଗ୍ରଓ୍ୱାଲ୍, ଅଫ୍‌ବିଜନେସ୍ ଓ ଓକ୍ସିଜୋର ସହ ପ୍ରତିଷ୍ଠାତା ଆଶିଷ ମହାପାତ୍ର ଓ ପପର୍ଲର ସହ ପ୍ରତିଷ୍ଠାତା ରାହୁଲ ଦାଶ। ରୁଚି କାଲ୍‌ରା, ବସନ୍ତ ଶ୍ରୀଧର, ଭୁବନ ଗୁପ୍ତା ଓ ନୀତୀନ ଜୈନଙ୍କ ସହ ମିଶି ଆଶିଷ ୨୦୧୫ରେ ଅଫ୍‌ବିଜନେସ୍ ପ୍ରତିଷ୍ଠା କରିଥିଲେ। ବର୍ତ୍ତମାନ ତାହା ୪୧,୬୦୦ କୋଟି ଟଙ୍କାର କମ୍ପାନିରେ ପରିଣତ ହୋଇପାରିଛି। ଏହି କମ୍ପାନି ତାଲିକାର ୧୬ତମ ସ୍ଥାନରେ ରହିଛି। ସେହିପରି ରୁଚି ଓ ବସନ୍ତଙ୍କ ସହ ମିଶି ୨୦୧୬ରେ ସେ ସ୍ଥାପନ କରିଥିବା ଅକ୍ସିଜୋ ତାଲିକାର ୧୧୨ତମ ସ୍ଥାନରେ ରହିଛି। ଅକ୍ସିଜୋ ଏବେ ଏକ ୮୩୦୦ କୋଟି ଟଙ୍କାର କମ୍ପାନି। ରିତେଶ ଅଗ୍ରଓ୍ୱାଲ୍ ୨୦୧୨ରେ ଓୟୋ ପ୍ରତିଷ୍ଠା କରିଥିଲେ। ତାହା ଏବେ ୨୦,୧୦୦ କୋଟି ଟଙ୍କାର କମ୍ପାନିରେ ପରିଣତ ହୋଇପାରିଛି। ଓୟୋ ତାଲିକାର ୪୫ତମ ସ୍ଥାନରେ ରହିଛି। ରାହୁଲ ଦାଶଙ୍କ ପର୍ପଲ୍ ୧୦,୯୦୦ କୋଟି ଟଙ୍କାର କମ୍ପାନି ହୋଇଥିବା ବେଳେ ତାହା ତାଲିକାର ୮୨ତମ ସ୍ଥାନରେ ରହିଛି। ହୁରୁନ୍ ପକ୍ଷରୁ ଜାରି କରାଯାଇଥିବା ତାଲିକାର ଏକ ନମ୍ବର ସ୍ଥାନରେ ଆଭେନ୍ୟୁ ସୁପରମାର୍ଟସ୍‌ର ରାଧାକ୍ରିଷ୍ଣ ଦମାନି ରହିଛନ୍ତି। ତାଙ୍କ ପଛକୁ ଶ୍ରେଷ୍ଠ ଦଶ ଜଣ ଉଦ୍ୟୋଗୀଙ୍କ ମଧ୍ୟରେ ଜୋମାଟୋର ଦୀପିନ୍ଦର ଗୋୟଲ, ସ୍ୱିଗିର ଶ୍ରୀହର୍ଷ ମାଜେଟି ଓ ନନ୍ଦନ ରେଡ୍ଡି, ମେକ୍‌ମାଇଁଟ୍ରିପ୍‌ର ଦୀପ୍ କାଲ୍‌ରା ଓ ରାଜେଶ ମାଗୋ, ମ୍ୟାକ୍ସ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍‌ର ଅଭୟ ସୋଇ, ପଲିସି ବଜାର୍‌ର ୟାଶିଷ ଦାହିୟା ଓ ଆଲୋକ ବଂଶଲ, ଡ୍ରିମ୍୧୧ର ଭବିତ ସେଠ୍ ଓ ହର୍ଷ ଜୈନ୍, ଜିରୋଧାର ନୀତୀନ କାମାଥ ଓ ନିଖିଲ କାମାଥ୍, ରେଜର୍‌ପେର ହର୍ଷିଲ୍ ମାଥୁର ଓ ଶଶାଙ୍କ କୁମାର ଏବଂ ନାୟ୍‌କାର ଫାଲ୍‌ଗୁନି ନାୟାରଙ୍କ ନାମ ରହିଛି।

# କମ୍ ଦାମ ସହ ଭଲ ଫିଚର୍ସରେ ୭-ସିଟର ମାରୁତି ସୁଜୁକି ଇରଟିଗା




ନୂଆଦିଲ୍ଲୀ, ୧୯।୧୨: ଯେତେବେଳେ ଆମେ ଏକ ୭-ସିଟର କାର କିଣିବା ପାଇଁ ପ୍ଲାନ୍ କରିଥାନ୍ତି, ସେତେବେଳେ ପ୍ରଥମେ ଆମ ମନକୁ ଆସିଥାଏ ମାଇଲେଜ। ଏଠାରେ ଅପାଣଙ୍କୁ କହିବାକୁ ଯାଉଛୁ ଯାହା ଭାରତରେ ଅଧିକ ମାଇଲେଜ୍ ଦେବା ଭଳି ୭-ସିଟର କାର୍ ହୋଇଛି। ଏହି କାରର ନାମ ମାରୁତି ସୁଜୁକି ଇରଟିଗା, ଯାହାକି ଏହାର ସେଗମେଣ୍ଟରେ ସବୁଠାରୁ ଅଧିକ ମାଇଲେଜ୍ ଦେବା ଭଳି କାର ମଧ୍ୟରୁ ଗୋଟିଏ। ଏହି ୭-ସିଟର କାର୍ ଆଗରେ ବଡ଼ ବଡ଼ କାର୍ ମଧ୍ୟ ଫିକା ପଡିଯିବ। କେବଳ ଏତିକି ନୁହେଁ, କାରରେ ଆପଣଙ୍କୁ ଭରପୂର ଫିଚର୍ସ ମିଳିବ। ଇରଟିଗାର ପ୍ରାଇସ୍ ୮.୬୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇଥାଏ।

ମାରୁତି ସୁଜୁକି ଇରଟିଗାର ମାଇଲେଜ୍ ବିଷୟରେ କହିବାକୁ ଗଲେ, ଏହାର ପେଟ୍ରୋଲ ଭ୍ୟାରିଆଣ୍ଟ ପ୍ରାୟ ୨୬.୧୧ କିଲୋମିଟର ମାଇଲେଜ୍ ଦେଇଥାଏ। ଏହା ସହିତ ଇରଟିଗାର ଇଞ୍ଜିନ୍ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ୍ ସହିତ ଆସିଥାଏ। ମାରୁତି ସୁଜୁକି ଇରଟିଗାର ସ୍ପେସିଫିକେସନ୍ ବିଷୟରେ କହିବାକୁ ଗଲେ, ମାର୍କେଟରେ ଏହି କାର୍ ସର୍ବୋତ୍ତମ ଏମପିଭି ମଧ୍ୟରୁ ଏକ ବୋଲି ମନାଯାଏ। ଏହି ୭-ସିଟର କାରରେ ୧୪୬୨ CC ର ପେଟ୍ରୋଲ ଇଞ୍ଜିନ୍ ରହିଛି। ଏହି ଇଞ୍ଜିନ୍ ୧୦୧.୬୪ ବିଏଚପି ପାଓ୍ୱାର ସହିତ ୧୩୬.୮ ଏନଏମର ପିକ୍ ଟର୍କ ଜେନେରେଟ୍ କରିଥାଏ। ଏହା ସହିତ ଏଥିରେ ମାନୁଆଲ୍ ଟ୍ରାନ୍ସମିସନର ଅପ୍ସନ ମିଳିପାରିବ। କମ୍ପାନୀ ଅନୁଯାୟୀ, ଏହି କାର ଲିଟର ପିଛା ୨୦.୫୧ କିଲୋମିଟର ମାଇଲେଜ୍ ମଧ୍ୟ ପ୍ରଦାନ କରିଥାଏ। ଏହା ସହିତ କାରରେ ଟଚସ୍କ୍ରିନ୍ ଇନଫୋଟେନ୍ମେଣ୍ଟ ସିଷ୍ଟମ ସହିତ ଅଟୋମେଟିକ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ସିଷ୍ଟମ୍ ଦିଆ ଯାଇଛି। ଏହା ବ୍ୟତୀତ କାରରେ ଏବିଏସ ସହିତ ଇବିଡି , ଆଲୋଏ ହୁଇଲ୍ ଏବଂ ପାଓ୍ୱାର ଓ୍ୱିଣ୍ଡୋ ଭଳି ଅନେକ ଫିଚର୍ସ ସାମିଲ୍ ଅଛି। ମାରୁତି ସୁଜୁକି ଇରଟିଗା ସିଏନଜି ଭ୍ୟାରିଆଣ୍ଟରେ ମଧ୍ୟ ମାର୍କେଟରେ ଉପଲବ୍ଧ ଅଛି। ଏହି କାର୍ ମାର୍କେଟରେ କିଆ କାରେନ୍ସ ଭଳି ଏମପିଭି କୁ ଟକ୍କର ଦେବ।

# ଆବର୍ଜନାକୁଣ୍ଡ ପାଲଟିଛି ସେଲ୍ଫି ପଏଣ୍ଟ




**ଖପ୍ରାଖୋଲ,୧୯।୧୨ (ସଂଚାର ବ୍ୟୁରୋ):** ବିଗତ ସରକାରଙ୍କ ସମୟରେ ସହର ତଥା ପଞ୍ଚାୟତ ମାନଙ୍କରସୌନ୍ଦର୍ଯ୍ୟ ବୃଦ୍ଧି ତଥା ଲୋକଙ୍କ ମନ ଆନନ୍ଦ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମିନି ପାର୍କ ଓ ସେଲ୍ଫି ପଏଣ୍ଟ ମାନ ତିଆରି କରିଛନ୍ତି। ହେଲେ ଦୁଃଖର କଥା ସେ ସବୁର ରକ୍ଷଣା ବେକ୍ଷଣ ଅଭାବ ଯୋଗୁଁ ନଷ୍ଟ ହେବାକୁ ବସିଲାଣି ତାର ଜ୍ୱଳନ୍ତ ଉଦାହରଣ ଦେଖା ହେଉଛି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ କାର୍ଯାଳୟ ଠାରୁ ଅନତି ଦୂରରେ ତିଆରି କରାଯାଇଥିବା ମିନି ପାର୍କ ଓ ସେଲ୍ଫି ପଏଣ୍ଟ ସତେ ଅବା ମା ଛେଉଣ୍ଡ ଶିଶୁ ପରି ପଡ଼ି ରହିଛି। ସେଥିରେ ଲେଖାଥିବା ଅକ୍ଷର ଝଡ଼ିବା ଆରମ୍ଭ ହେଲାଣି । ଭିତର ଅଂଶରେ ଅନାବନା ଘାସ ଉଠି ଅପରିଷ୍କାର ପରିବେଶ ସୃଷ୍ଟି କରୁଛି ଫଳରେ ତାହା ଏବେ ଆବର୍ଜନା କୁଣ୍ଡ ପାଲଟି ଗଲାଣି । ଉଦଘାଟନ ର କିଛି ଦିନ ପର୍ଯ୍ୟନ୍ତ ଏହି ମିନି ପାର୍କ ଓ ସେଲ୍ଫି ପଏଣ୍ଟ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ବର୍ତ୍ତମାନ ବିକର୍ଷଣ ହେବାରେ ଲାଗିଛି। ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଧିରେ ଧିରେ ମାଟିରେ ମିଶି ଯିବାକୁ ବସୁଛି । ସେଥିପ୍ରତି ଲୋକ ପ୍ରତିନିଧି କିମ୍ବା ବ୍ଲକ ପ୍ରଶାସନ ଜାଣି ଅଜଣା ରହୁଥିବା ଜଣାପଡୁଛି । କେଉଁ କାରଣରୁ ସେଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି କିଛି ଜଣା ପଡୁନାହିଁ । ସେହି ମିନି ପାର୍କ ଓ ସେଲ୍ଫି ପଏଣ୍ଟ ର ରକ୍ଷଣା ବେକ୍ଷଣ କଲେ ଲୋକେ ମନଖୁସିରେ କିଛି ସମୟ ବିତାଇ ପାରନ୍ତେ ତେଣୁ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେବାକୁ ବୃଦ୍ଧି ଯିବି ମହଲରେ ମତ ପ୍ରକାଶ ପାଉଛି ।

# ହ୍ରାସ ପାଉଛି ପରିବା ଚାଷ

## ନାହିଁ ଜଳସେଚନ ସୁବିଧା, ମୁହଁ ଫେରାଉଛି ଚାଷୀ

**କାକଟପୁର/ଅସ୍ତରଙ୍ଗ,୧୯।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନେକ ସମୟରେ ପ୍ରାକୃତିକ ବିପର୍ଯୟ ଅଞ୍ଚଳ ଭାବେ ସାମ୍ନା କରିଥାଏ। ଯାହାକି ଅସ୍ତରଙ୍ଗ ବ୍ଲକରେ ପନିପରିବା ଚାଷ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅତୀତରେ ପନିପରିବା ଚାଷ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅସ୍ତରଙ୍ଗ ଅଞ୍ଚଳରେ ସେ ଭଳି ଆଉ ପନିପରିବା ଚାଷ ଦେଖିବାକୁ ମିଳୁନାହିଁ। ଯାହାର ପ୍ରଭାବ ଲୋକଙ୍କ ଉପରେ ପଡୁଛି। ନଦୀ ନାଳ ଘେରା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦେବୀ ନଦୀର ଶାଖା ନଦୀ ଚତୁପାର୍ଶ୍ୱରେ ପ୍ରବାହିତ ହୋଇଛି। ପ୍ରତିବର୍ଷ ବର୍ଷା ଋତୁରେ ଉପରୋକ୍ତ ନଦୀରେ ବନ୍ୟା ଆସି ଚାଷବାସକୁ କ୍ଷତି ପହଞ୍ଚାଇଥାଏ। ବର୍ଷା ପରବର୍ତ୍ତୀ ସମୟରେ ବ୍ଲକର ବିସ୍ତୃତ ଅଞ୍ଚଳରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବା ଦ୍ୱାରା ବ୍ୟାପକ ଶୀତ ଦିନିଆ ପନିପରିବା ଚାଷ ହୋଇଥାଏ। ମୁଖ୍ୟତଃ ଓସିଆଁ, ନଈଗୁଆଁ, ବେଣୀପୁର, ଖଣ୍ଡାସାହି, ବେଗୁନିଆବସ୍ତ, ଝାରିଆ, କେନ୍ଦ୍ରାପଟି, ମାଣ୍ଡୁକି, ସରିପୁର, ଶିଶୁଅ ଆଦି ଗ୍ରାମରେ ଏକର ଏକର ଜମିରେ ଶୀତଦିନେ ଫୁଲକୋବି, ବନ୍ଧା କୋବି, ଝୁଡ଼ଙ୍ଗ, ବାଇଗଣ, ମୂଳା, କାକୁଡି, କଲରା, ବିଲାତି ବାଇଗଣ ଭଳି ଅନେକ ପନିପରିବା ଚାଷ ହୁଏ। କିନ୍ତୁ ଯାହା ବର୍ତ୍ତମାନ ଦେଖିବାକୁ ମିଳିଛି ଯଦିଓ ଚାଷ ହୋଇଛି ଏହା କ୍ରମଶଃ ହ୍ରାସ ପାଇଛି। ଅତୀତରେ ଏହି ଅଞ୍ଚଳରୁ ଗାଡି ଗାଡି ପନିପରିବା ଅସ୍ତରଙ୍ଗ ସମେତ ବିଭିନ୍ନ ଜାଗାକୁ ପଠାଇ ଚାହିଦା ପୂରଣ କରୁଥିଲେ। ଗତ କିଛି ବର୍ଷ ହେଲା ଅସ୍ତରଙ୍ଗ ବ୍ଲକରେ ଚାଷ ପରିମାଣ କମୁଥିବା ଦେଖିବାକୁ ମିଳିଛି। ଅନେକ ନଦୀ ନାଳ ଥିଲେ ମଧ୍ୟ ଚାଷକୁ ଉପଯୁକ୍ତ ଜଳସେଚନ ସୁବିଧା ମିଳିପାରୁନାହିଁ। କ୍ରମଶଃ ଭୂତଳ ଜଳସ୍ତରର ହ୍ରାସ ହେତୁ ପୂର୍ବପରି ଜଳ ପ୍ରବାହିତ ହେଉନାହିଁ। ସେହିପରି ଅନେକ ଅଂଚଳରେ ଉଠା ଜଳସେଚନ ପ୍ରକଳ୍ପ ସୁବିଧା ସୁଯୋଗ ଉପଲବ୍ଧ ନଥିବାରୁ ଚାଷ ଜମିକୁ ପାଣି ମଡାଇବା ସମ୍ଭବ ହେଉନାହିଁ। ସେହିପରି ବର୍ତ୍ତମାନ ଭଲ ଗାଈ ଗୋରୁ, ଛେଳି ଓ ମାଙ୍କଡ ଉପଦ୍ରବ ଚାଷକୁ ଅନେକାଂଶରେ କ୍ଷତି ଆଣିଛି। ଏଭଳି ଅନେକ ସମସ୍ୟା ପାଇଁ ଚାଷୀ ପାରମ୍ପରିକ ପନିପରିବା ଚାଷ ଠାରୁ ମୁହଁ ଫେରାଇ ନେଉଛନ୍ତି। ଏହାର ସିଧା ସଳଖ ପ୍ରଭାବ ବଜାରରେ ପ୍ରତିଫଳିତ ହେଉଛି। ବର୍ତ୍ତମାନ ବିଭେଦ ପରିବାରେ ମାସ କିଲୁ ଦେଶୀ ପରିବା ଅସ୍ତରଙ୍ଗ ବଜାର ରେ ଆଖିଦୃଶିଆ ଭାବେ ମିଳି ପାରିନାହିଁ। ବାହାର ରାଜ୍ୟ ଏବଂ ଅନ୍ୟ ଜିଲ୍ଲାରୁ ଶତକଡା ୮୦ଭାଗ ପନିପରିବା ଅସ୍ତରଙ୍ଗ ଆସୁଥିବା ବେଳେ ବଜାର ଦର ବଢା ରହିଛି। ଏହି ଯୋଗୁଁ ଅଧିକ ପ୍ରଭାବିତ ହେଉଛନ୍ତି ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ପରିବାର,ବର୍ତ୍ତମାନ ପରିସ୍ଥିତିକୁ ଗୁରୁତର ଭାବେ ନେଇ ସରକାର ପନିପରିବା ଚାଷ ପାଇଁ ଚାଷୀ କୂଳକୁ ପ୍ରୋତ୍ସାହନ ଯୋଗାଇ ଦେଲେ ସବୁସ୍ତର ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।





# ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବ

**ପଦ୍ମପୁର,୧୯।୧୨ (ସଂଚାର ବ୍ୟୁରୋ):** ଲୋକବାଦ୍ୟ ଓ ଲୋକନାଚରେ ପ୍ରମୁଖିତ ବରଗଡ଼ ଜିଲ୍ଲା ପଦ୍ମପୁର ସହର । ପାରମ୍ପରିକ ବାଦ୍ୟ ଓ ଗୀତରେ ଝୁମିଲେ ଦର୍ଶକ । ପଦ୍ମପୁର ସହର ଅଶୋକ ପଡ଼ିଆରେ ଆୟୋଜିତ ଚତୁର୍ଥ ତମ ପଦ୍ମପୁର ଲୋକ ମହୋତ୍ସବ ହୋଇଛି ଶୁଭାରମ୍ଭ। ଆଉ ଏହି ମହୋତ୍ସବକୁ ଉଦଘାଟନ କରିଥିଲେ ସମ୍ବଲପୁର ଉତ୍ତରାଞ୍ଚଳ ଆରଡିସି ସଚିତ ରାମନ୍ଦ୍ର ଯାଦବ । ବିଲୁପ୍ତ ଲୋକକଳା, ଲୋକ ସଂସ୍କୃତିକୁ ପୁନରୁଦ୍ଧାର କରିବା ପାଇଁ ପଦ୍ମପୁର ଲୋକ ମହୋତ୍ସବ ଏକ ମାଇଲ ଖୁଣ୍ଟ ହୋଇଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୁକ୍କାୟିତ କଳାକାରଙ୍କ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ପଦ୍ମପୁର ଲୋକ ମହୋତ୍ସବ ମଞ୍ଚ କଳାକାରଙ୍କ ପାଇଁ ଏକ ସୁଯୋଗ ଆଣିଥାଏ । ପାଞ୍ଚ ଦିନ ଧରି ଚାଲିଥିବା ଏହି ଲୋକ ମହୋତ୍ସବ ଆସନ୍ତା ଡିସେମ୍ବର ୨୨ ତାରିଖରେ ଉଦଯାପିତ ହେବ ।

# ୫୨ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ



**ଯୋଡ଼ା,୧୯।୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅଧିନସ୍ଥସରକାରୀ ପୌର ଉଚ୍ଚ ବିଦ୍ୟାଳୟ ନାଲଦା ରେ ଆଜି ୫୨ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଜେନା ଙ୍କ ପତ୍ୟେକ୍ଷ ତତ୍ୱାବଧାନ ରେ ହିନ୍ଦୀ ଶିକ୍ଷକ ଶ୍ରୀଯୁକ୍ତ ପୁଲିନ ବିହାରୀ ପ୍ରଧାନ,ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ବନବିହାରୀ ମହନ୍ତ ଙ୍କ ସହଯୋଗ ରେ ଉଦ୍ଘାଟନୀ ଉତ୍ସବ ଆରମ୍ଭ କରାଯାଇଥିଲା।ସ୍ଥାନୀୟ ତାରିଣୀ ମନ୍ଦିର ଠାରୁ ଖେଳ ପଡିଆ ପର୍ଯ୍ୟନ୍ତ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଜ୍ୱଳନ୍ତ ମସାଲ ଧରି ଶୋଭାଯାତ୍ରା ଆସିଥିଲା।ବିଦ୍ୟାଳୟ ଶିକ୍ଷା କମିଟି ର ସଭାପତି ମୁଖ୍ୟ ଅତିଥି ଭାବେ ଏହାକୁ ଶୁଭାରମ୍ଭ କରିଥିଲେ। ପିଲାମାନଙ୍କ ମଧ୍ୟରେ ଲମ୍ବ ଡିଆଁ, ଉଚ୍ଚ ଡିଆଁ,୪୦୦ମିଟର, ୨୦୦ମିଟର ଦୌଡ଼, ସଟ ଫୁଟ, ଯେଭେଲିନ ଥ୍ରୋ, ଓ ମ୍ୟୁଜିକ ଚେୟାର, ଗଣିତ ଦୌଡ଼, ଓ ଚକୋଲେଟ ଡିଆଁ ଆଦି ପ୍ରତିଯୋଗିତା ମାନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ଶିକ୍ଷୟିତ୍ରୀ ବଳିତା ବାରିକ, ମାନଶୀଲତା ସାହୁ, କୁନ୍ତଳା ମହନ୍ତ,ସସ୍ମିତା ମହାନ୍ତି,ଏବଂ ଶିକ୍ଷକ ହୃଦାନନ୍ଦ ମହନ୍ତ, ପ୍ରିୟନାଥ ନାଏକ, ସମ୍ପଦ ମିଶ୍ର,ଅସୀମ ପଟେଲ ଓ ଅଣ ଶିକ୍ଷକ ସଞ୍ଜୟ ମାଝୀ ଓ ତ୍ରିନାଥ ଦେହୁରୀ ଏହି ପ୍ରତିଯୋଗିତା ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ପତାକା ଅବତରଣ କରାଯାଇ ଉଦଯାପନୀ ଉତ୍ସବ ର ପରିସମାପ୍ତି ଘୋଷଣା କରିବା ସହ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଜେନା ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁରୁ ପଞ୍ଚାୟତ ୨୦ କିମି ; ନର୍କ ଯନ୍ତ୍ରଣା ଭୋଗୁଛନ୍ତି ଲୋକେ

**କନ୍ଧମାଳ,୧୯।୧୨(ସଂଚାର ବ୍ୟୁର):** ଗାଁକୁ ଯିବା ପାଇଁ ରାସ୍ତା ନାହିଁ। କୂଅ ବା ନଳକୂପ ନାହିଁ। ଆଜି ପର୍ଯ୍ୟନ୍ତ ଗାଁରେ ପହଞ୍ଚି ପାରିଲାନି ସରକାରଙ୍କ ପାନୀୟ ଜଳ ପ୍ରକଳ୍ପ। ଯେଉଁଥିପାଇଁ ନର୍କ ଯନ୍ତ୍ରଣା ଭୋଗୁଛନ୍ତି ଗାଁ ଲୋକେ। ରାସ୍ତା ନଥିବାରୁ ଲୋକମାନେ ଯିବା ଆସିବାରେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ସଦର ମହକୁମାକୁ ଯିବା ପାଇଁ ହେଲେ ଗାଁ ଲୋକଙ୍କୁ ୨୦ କିମି ଜଙ୍ଗଲୀ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ନାହିଁ ନାହିଁର ଏପରି ଗାଁ ରହିଛି କନ୍ଧମାଳ ଜିଲ୍ଲାରେ। ପାହାଡ଼ କୋଳରେ ରହିଛି ଡାଙ୍ଗେସୀ ଗାଁ। ରାଇକିଆ ବ୍ଲକ୍ ମାଣିକେଶ୍ୱର ପଞ୍ଚାୟତରେ ଯାଉଥିବା ଏହି ଗାଁରେ ୧୫ଟି ପରିବାର କାହିଁ କେଉଁ କାଳରୁ ବସବାସ କରିଆସୁଛନ୍ତି। ମୂଲମଜୁରୀ ଲାଗି ପରିବାର ଭରଣପୋଷଣ କରୁଛନ୍ତି। ହେଲେ ଦୁଃଖର ଓ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ଏହି ଗାଁକୁ ଯିବା ଆସିବା ପାଇଁ ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଲୋକମାନେ ଆବୁଡା ଖାବୁଡ଼ା ଓ ଉଠାଣୀ ଗଡାଣୀ ଜଙ୍ଗଲ ଭିତରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ପାଦେ ପାଦେ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ଲୋକଙ୍କୁମାନେ ଯିବା ପାଇଁ ବାଧ୍ୟ ହେଉଛନ୍ତି। କାହିଁକି ନା ପେଟର ଭୋକ ସେମାନଙ୍କ ପାଦକୁ ଜଙ୍ଗଲୀ ରାସ୍ତାରେ ଆଗକୁ ଟାଣି ନେଉଛି। ସ୍ଥାନୀୟ ଲୋକଙ୍କ କହିବା କଥା ପଞ୍ଚାୟତ ସଦର ମୁହକୁମାରୁ ଗାଁକୁ ଦୂରତା ପ୍ରାୟ ୨୦ କିମି ହେବ। ସରକାରଙ୍କ ପିଡିଏସ୍ ଚାଉଳ ଆଣିବା ପାଇଁ ଗାଁ ଲୋକଙ୍କୁ ପାଦରେ ଚାଲି ଚାଲି ୫ କିମି ଜଙ୍ଗଲୀ ରାସ୍ତା ଅତିକ୍ରମ କରୁଛନ୍ତି। ତା'ପରେ ସେଠାରୁ ଅଟୋରେ ୧୫ କିମି ଦୂରରେ ଥିବା ପଞ୍ଚାୟତ ସଦର ମହକୁମାକୁ ଯାଉଛନ୍ତି। ଡିଲରଙ୍କଠାରୁ ଚାଉଳ ସଂଗ୍ର କରିବା ପରେ ଅଟୋ ଭଡ଼ା କରନ୍ତି। ଏଥିପାଇଁ ଅଟୋ ଚାଳକଙ୍କୁ ଚାଉଳ କିଲୋ ପିଛା ୨ ଟଙ୍କା ଓ ଯାତ୍ରୀଙ୍କ ପିଛା ୧୫ ଟଙ୍କା ଦେବାକୁ ପଡୁଛି। ଜଙ୍ଗଲ ପାର୍ଶ୍ୱରେ ଅଟୋ ପହଞ୍ଚିବା ପରେ ଲୋକମାନେ ଚାଉଳ ବସ୍ତା ମୁଣ୍ଡାଇ ୫ କିମି ଜଙ୍ଗଲି ରାସ୍ତା ଅତିକ୍ରମ କରି ଗାଁରେ ପହଞ୍ଚନ୍ତି। ଇଏ ହେଉଛି ପ୍ରତିଦିନର କଥା। କେବଳ ରାସ୍ତା ନୁହେଁ, ନାନା ସମସ୍ୟାରେ ଜର୍ଜରୀତ ଏହି ଗାଁ ଲୋକ। ଗାଁରେ ପାନୀୟ ଜଳ ମୁନ୍ଦାଏ ପାଇଁ ନଳକୂପ ବା କୂଅଟିଏ ନାହିଁ। ଆଜି ପର୍ଯ୍ୟନ୍ତ ଗାଁରେ ପହଞ୍ଚି ପାରିଲା ନାହିଁ ପାନୀୟ ଜଳ ପ୍ରକଳ୍ପ। ତେଣୁ ଗାଁ ଲୋକଙ୍କୁ ପାହାଡ଼ି ଝରଣା ଉପରେ ନିର୍ଭର କରିବାକୁ ପଡୁଛି। ପାଣି ମୁନ୍ଦାଏ ପାଇଁ ମହିଳାମାନେ ଝରଣାରୁ ଗିନା ଡାଟିଆରେ ପାଣି ସଂଗ୍ରହ କରୁଛନ୍ତି। ଏହି ଚିତ୍ର ଭାରି ଦୟନୀୟ।



# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ବୋରିଗୁମ୍ମା,୧୯।୧୨(ସଂଚାର ବ୍ୟୁର):** ବୋରିଗୁମ୍ମା ଥାନା ଅନ୍ତର୍ଗତ ଆଉଁଳି ପଞ୍ଚାୟତ ଅଧିନ ବିଜାଗୁଡା ଗ୍ରାମ ନିକଟରେ ଏକ ଯୁବକ ଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହ କୁ ପୋଲିସ ଉଦ୍ଧାର କରିଛନ୍ତି।ଗତକାଲି(ବୁଧବାର) ଠାରୁ ବିଜାଗୁଡା ନିକଟସ୍ଥ ଏକ ଜଙ୍ଗଲରେ ଜଣେ ଯୁବକ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା କିଛି ସ୍ଥାନୀୟ ଲୋକମାନେ ଦେଖିଥିଲେ। ଆଜି ସକାଳୁ ବୋରିଗୁମ୍ମା ପୋଲିସ କୁ ଖବର ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକ ଙ୍କ ମୃତ ଦେହ କୁ ଉଦ୍ଧାର କରିଥିଲେ।ତେବେ ମୃତ ଯୁବକ ଙ୍କ ନାମ ପବିତ୍ର ଭତ୍ରା ସେ ନବରଙ୍ଗପୁର ଜିଲ୍ଲା ଏକମ୍ବା ଗ୍ରାମର ବୋଲି ପୋଲିସ ସୂଚନା ଦେଇଛନ୍ତି । ସେହି ଯୁବକ କୁ କେହି ଦୁର୍ବୃତ୍ତ ଜୀବନ ରେ ମାରି ଗଛ ରେ ଓଳାଇଥିଲେ ନା ନିଜେ ଯୁବକ ଆତ୍ମହତ୍ୟା କରିଛନ୍ତି ତାହା ସନ୍ଦେହ ଘେରରେ ଅଛି।ମୃତ ଯୁବକ ଙ୍କ ପରିଚୟ ପାଇବା ପରେ ପୋଲିସ ତଦନ୍ତ ଚଳାଇଥିବା ଥାନା ଆଇଆଇସି ଯୁଗଳ କିଶୋର ସା କହିଛନ୍ତି। ଏନେଇ ମୃତ ଯୁବକ ଙ୍କ ଭାଇ ନନ୍ଦି ଭତ୍ରା ଥାନାରେ ଲିଖିତ ଭାବେ ଜଣାଇଥିଲେ। ବୋରିଗୁମ୍ମା ମେଡ଼ିକାଲ ରେ ଯୁବକ ଙ୍କ ମୃତ ଦେହ ରଖାଯାଇଥିବା ବେଳେ ଶୁକ୍ରବାର ଦିନ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଏସଆଇ ଦ୍ରୋଣାଚାର୍ଯ୍ୟ ବାଗ ସୂଚନା ଦେଇଛନ୍ତି।

# ଦିନିକିଆ ବରଗଡ଼ ଗସ୍ତରେ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକ

**ବରଗଡ଼,୧୯।୧୨(ସଂଚାର ବ୍ୟୁରୋ):** ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକ ଶ୍ରୀମତି କଲ୍ୟାଣୀ ଦାସ ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତଥା ସୂଚନା କେନ୍ଦ୍ର ଏବଂ ପାଠାଗାର ନିରୀକ୍ଷଣ କରିଛନ୍ତି । ନିରୀକ୍ଷଣ ସମୟରେ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କାର୍ଯ୍ୟାଳୟ ସମସ୍ତ ଦସ୍ତବିଜ ଯାଞ୍ଚ କରି କର୍ମଚାରୀ ମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଦିଗ୍ଦର୍ଶନ ଦେଇଥିଲେ । ଏହାପରେ ସଂସ୍କୃତି ଭବନରେ ଥିବା ପାଠାଗାର ପରିଭ୍ରମଣ କରି ପାଠକଙ୍କ ସହ ଆଲଚୋନା କରିଥିଲେ ଏବମ ପାଠକଙ୍କ ସୁବିଧା ପାଇଁ ଯଥା ସମ୍ଭବ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମତି ଦାସ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥିବା ଅବଗତ ହୋଇ ସନ୍ତୋଷ ପ୍ରକାଶ କରିବା ସହ ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ନିରୀକ୍ଷଣ କାର୍ଯ୍ୟ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସହିତ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବାଇକ୍‌କୁ ପିଟିଲା ଟ୍ରକ୍ : ମା'ପୁଅ ମୃତ, ବାପା ଗୁରୁତର



**ଅନୁଗୋଳ,୧୯।୧୨ (ସଂଚାର ବ୍ୟୁରୋ):** ବଅଁରପାଳ ଥାନା ଅନ୍ତର୍ଗତ ବୁଢ଼ାପଙ୍କ ନିକଟରେ ୫୫ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଉଛନ୍ତି, ମନୀଷା ସାଓ ଏବଂ ତାଙ୍କର ୩ ବର୍ଷର ପୁଅ ହର୍ଷଦ ରାଠୋର। ମନୀଷାଙ୍କ ସ୍ୱାମୀ ରୋହିତ ରାଠୋରଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରୋହିତ ରାଠୋର କୌଣସି କାମରେ ବାଇକ୍‌ରେ ପତ୍ନୀ ମନୀଷା ଓ ପୁଅ ହର୍ଷଦଙ୍କୁ ଧରି ମେରାମୁଣ୍ଡଳୀରୁ ଅନୁଗୋଳ ଅଭିମୁଖେ ଯାଉଥିଲେ। ସେହି ସମୟରେ ବୁଢ଼ାପଙ୍କ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ମନୀଷାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରୋହିତ ଓ ୩ ବର୍ଷର ଶିଶୁ ପୁତ୍ର ହର୍ଷଦଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ହର୍ଷଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଉଭୟ ଟ୍ରକ୍ ଓ ବାଇକକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସିଲାଟିରେ ବାର୍ଷିକ କ୍ରୀଡା




**ସୁବର୍ଣ୍ଣପୁର,୧୯।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସିଲଟି ଠାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ରେ ଅଧ୍ୟକ୍ଷ ଅନିଲ କୁମାର ପଟେଲ କ୍ରୀଡା ପତାକା ଉତ୍ତୋଳନ ଓ ମା ଶ୍ରୀ ଅରବିନ୍ଦ ଙ୍କ ଠାରେ ଧୂପ ପୁଷ୍ପ ଅର୍ପଣ କରି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସୁନୀଲ ଭାଇ ଖେଳ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଦୌଡ଼ ,ଲମ୍ବ ଡିଆଁ, ଉଚ୍ଚ ଡିଆଁ , ବାଟି ଚାମଚ ଦୌଡ଼,ଗୋଲା ଫିଙ୍ଗା,ଲକ୍ଷ୍ୟଭେଦ ଖେଳ, ଶଟପୁଟ , ଡ଼ିସକଶ ଥ୍ରୋ,ଦଉଡି ଡିଆଁ,ଗଣିତ ଦୌଡ଼,ମିଠା ଦୌଡ଼ ପରି ଖେଳ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ମଧୁସୂଦନ ଭାଇ,ବାମଦେବ ଭାଇ,ଘନ ଭାଇ,ସୁଶାନ୍ତ ଭାଇ ଚିନ୍ତାମଣି ଭାଇ,ଆଲୋକ ଭାଇ ,ଦୀପକ ଭାଇ ,ବର୍ଷା ଅପା, କୌଶଲ୍ୟା ଅପା ,ରସେଶ୍ୱରୀ ଅପା ସ୍ୱାଗତିକା ଅପା, ସମସ୍ତ ଶିଶୁ ଭାଇଭଉଣୀ ଓ ଅବିଭାବକ ସହଯୋଗ କରିଥିଲେ ।

# ବର୍ଣ୍ଣାଳୀ ତାଲିମ ଶିବିର ଉଦ୍‌ଯାପିତ



**ଡୁଙ୍ଗୁରିପାଲି,୧୯।୧୨ (ସଂଚାର ବ୍ୟୁରୋ):** ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲି ଠାରେ ବ୍ଲକ ସ୍ତରୀୟ ବର୍ଣ୍ଣାଳୀ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ କୁ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବୈଶାଖୁ ପଧାନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ବରିଷ୍ଠ ଗୋଷ୍ଠୀ ସହଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା ଓ ଜଗତ ମଲ୍ଲିକ ତାଲିମ କାର୍ଯ୍ୟକ୍ରମ ପରିଦର୍ଶନ ରେ ଆସି ଲିଙ୍ଗଗତ ଭେଦଭାବ ଦୂରୀକରଣ ପାଇଁ ଶ୍ରେଣୀ ପରିଚାଳନା ର କୌଶଳ ଓ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଭୂମିକା ବିଷୟରେ ପରାମର୍ଶ ଦେଇଥିଲେ । ସୁନାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର,ସାହାଯବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଆର୍ତ୍ତତ୍ରାଣ ପଧାନ ,ଦିଗଶିରା ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନଶିକ୍ଷକ ଅମ୍ଲାନ ପାଣ୍ଡିଆ ଓ ଗଜବନ୍ଧ ସିଆରସିସି ନରେନ୍ଦ୍ର ପୁରୋହିତ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ । ତେତିଶ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଲିଙ୍ଗଗତ ଓ ସାମାଜିକ ଭେଦଭାବ ର ଦୂରୀକରଣ ପାଇଁ ଶ୍ରେଣୀ ପରିଚାଳନା ର କୌଶଳ, ପାଠ୍ୟକ୍ରମ,ପାଠ୍ୟପୁସ୍ତକ ର ବର୍ଣ୍ଣାଳୀ କାର୍ଯ୍ୟପୁସ୍ତିକା ସହ ସଂଯୋଗୀକରଣ ବିଷୟରେ ପ୍ରଶିକ୍ଷଣ ରେ ଅଂଶଗ୍ରହଣ କରିଥିଲେ। ସର୍ଗୁଲ ସିଆରସିସି ନୀଳକଣ୍ଠ ନାଏକ,ପିଏମ ପୋଷଣ ତଥ୍ୟ ପରିଚାଳକ ବିନାୟକ ମିଶ୍ର,ସମଗ୍ର ଶିକ୍ଷା ତଥ୍ୟ ପରିଚାଳକ ଶ୍ରଦ୍ଧା ସାହୁ, ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ପାହାଡ଼ ପାଦଦେଶରୁ ଉଦ୍ଧାର ହେଲା ପୁରାତନ ଦେବୀମୂର୍ତ୍ତି



**ନୀଳଗିରି,୧୯।୧୨(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ ଭାଲୁକାଶୁଣି ଅନ୍ତର୍ଗତ ଆମ୍ବଝର ନିକଟସ୍ଥ କିଛି ବଦାନ୍ୟବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଇଥିବା ପ୍ରାୟ ୨ଏକର ପରିମିତ ପାହାଡି ଜାଗାରେ ଗଢିଉଠିଥିବା 'ଶକ୍ତାରାମ ଫାଉଣ୍ଡେସନ ଏଣ୍ଡ ଚ୍ୟାରିଟେବଲ୍ ଟ୍ରଷ୍ଟ' ଆନୁକୁଲ୍ୟରେ ଯୁବସନ୍ୟାସୀ ବାବା ରୁଦ୍ରବେଶ ସ୍ୱାମୀଙ୍କ ଗୋଶାଳା ଏବଂ ଆଶ୍ରମ। ବାବା ରୁଦ୍ରବେଶାନନ୍ଦ ଗିରି ଓରଫ ପ୍ରଳୟ ନାୟକ ବାଲ୍ୟକାଳରୁ ବାମପନ୍ଥୀ ଚିନ୍ତାଧାରାର ଜଣେ ଉଚ୍ଚଶିକ୍ଷିତ ଥାଇ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। କିଛିଦିନ ହିମାଳୟ ଯାଇ ସାଧୁସଂଗତ କରି ବିଷୟାମୋହ ପରିତ୍ୟାଗ କରି ସନ୍ୟାସୀ ଜୀବନ ବିତାଉଥିବା କହିଛନ୍ତି। ଏପରିକି ରାମକୃଷ୍ଣ ମିଶନ, ୟୁନିସେଫ, କେୟାର ଇଣ୍ଡିଆ ଭଳି ସଂସ୍ଥାରେ କାମ କରିଛନ୍ତି। ଅଧିକାଂଶ ସମୟରେ ରଥଯାତ୍ରା ସମୟରେ ଧାରାବିବରଣୀ ପ୍ରଦାନ, କୁଣ୍ଡଳୀ ଜାଗରଣ ଭଳି କାର୍ଯ୍ୟ କରିବାରେ ନିଜକୁ ନିୟୋଜିତ ଥିବା ସାଧୁ ବୈବାହିକ ବନ୍ଧନରେ ବାନ୍ଧି ହୋଇଥିଲେ। ଗତ ଦୁଇବର୍ଷ ତଳୁ ଉକ୍ତ ଜାଗାରେ ଏକ ଗୋଶାଳା ନିର୍ମାଣକରି ବିଶ୍ୱର ସର୍ବପ୍ରାଚୀନ ସନାତନ ସଂସ୍କୃତି ରକ୍ଷା ଉପରେ ନିଜକୁ ନିୟୋଜିତ କରିଥିଲେ। ଏହି ଗୋଶାଳାରେ ବର୍ତ୍ତମାନ ୧୨/୧୩ଟି ଗୋମାତା ରହିଥିବା ବେଳେ ସେମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱବହନ କରୁଥିବା ବେଳେ ଗତ ୧୮ତାରିଖ ବୁଧବାର ପ୍ରାୟ ୧୨ସମୟରେ ତାଙ୍କର କିଛି ଅନୁଗତ ଗୋଶାଳା ପରିସରରେ ଏକ ପଦ୍ମଗାଡିଆ(ଛୋଟ) ଖୋଳୁଥିବା ସମୟରେ ପ୍ରାୟ ଦୁଇ, ଅଢେଇ ଫୁଟ୍ ଗଭୀର ମାଟିତଳେ ଶାବଳମୁନରେ ପଥରମୂର୍ତ୍ତୀ ଦେହରେ ବାଜିଶବ୍ଦ ହୋଇଥିଲା। ପରେ ଉକ୍ତ ପଥରମୂର୍ତ୍ତୀକୁ ବାହାରକୁ ଅଣାଯାଇଥିବା ବେଳେ ଏହାର ଅଧିକାଂଶ ଭାଗ ଭଗ୍ନଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା।

# ବେଆଇନ ଗୋ-ଚାଲାଣ ପୂର୍ବରୁ ଜବତ କଲା ପୁଲିସ



**ବୈଶିଙ୍ଗା,୧୯।୧୨ (ସଂଚାର ବ୍ୟୁରୋ):** ବେଆଇନ ଗୋଚାଲାଣ ସମ୍ପର୍କରେ ଖବରପାଇ ବୈଶିଙ୍ଗା ଥାନା ଅନ୍ତର୍ଗତ କଦଳିଆ-ମଛପଦା ରାସ୍ତାରେ ଚଢ଼ଉକରି ଏକ ଷଣ୍ଢ ବୋଝେଇ ଟାଟା ଏସି ଭ୍ୟାନ ସମେତ ୪ ମୋଟର ସାଇକେଲକୁ ପୁଲିସ ଜବତ କରିଛି। ବେଆଇନ ଗୋଚାଲାଣ ସୂଚନା ଆଧାରରେ ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏଏସଆଇ ଭାବଗ୍ରାହୀ ମହାନ୍ତ ତଥା ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ସଦଳବଳେ ସ୍ଥାନୀୟ ଲୋକଙ୍କ ସହାୟତାରେ କଦଳିଆ-ମଛପଦା ରାସ୍ତାରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ୨ଷଣ୍ଢକୁ ଅତି ଦୟନୀୟ ଅବସ୍ଥାରେ ବୋଝେଇ କରାଯାଇଥିବା ଟାଟା ଏସି ଭ୍ୟାନରୁ ଉଦ୍ଧାର କରାଯାଇଥିଲା। ଚାଳକ ସମେତ ମୋଟର ସାଇକେଲ ଛାଡି ଅଭିଯୁକ୍ତମାନେ ବିଲ ଭିତରେ ଚମ୍ପଟ ମାରିଥିଲେ। ଘଟଣା ସ୍ଥଳରୁ ଓଡ଼ି-୦୧ଏୱାଇ-୮୦୭୮ନମ୍ବର ବିଶିଷ୍ଟ ଟାଟା ଏସି ସମେତ ଚାରିଗୋଟି ମୋଟର ସାଇକେଲକୁ ପୁଲିସ ଜବତ କରିଛି। ଥାନାକୁ ଆଣି ଟାଟା ଏସି ଭ୍ୟାନରେ ଅତ୍ୟନ୍ତ ଅମାନୁଷିକ ଭାବରେ ଗୋଡ଼ ବାନ୍ଧି ଚାଲାଣ କରାଯାଉଥିବା ଦୁଇଟି ବିଶାଳ ଷଣ୍ଢକୁ ଉଦ୍ଧାରକରି ବୈଶିଙ୍ଗା ପୁଲିସ ପକ୍ଷରୁ ପଶୁ ଡାକ୍ତରଙ୍କ ସହାୟତାରେ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଇଛି। ଏନେଇ ବୈଶିଙ୍ଗା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ ଉଦ୍ଧାର ହୋଇଥିବା ଦୁଇଟି ଷଣ୍ଢଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରାଥମିକ ଚିକିତ୍ସା ପରେ ସ୍ଥିର ଥିବା ତଥା ଖୁବଶୀଘ୍ର ଗୋଚାଲାଣକାରୀ ଗ୍ୟାଙ୍ଗକୁ ଗିରଫ କରାଯିବା ନେଇ ଆଇଆଇସି ତପନ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ହାଟରୁ ମିଳିଥିଲା ଅଧାପୋଡ଼ା ମୃତଦେହ

## ଟଙ୍କା ନ ଦେବାରୁ ଜାଳିଦେଇଥିଲେ ଦୁଇ ଦୋକାନୀ

**ମୟୂରଭଞ୍ଜ,୧୯।୧୨(ସଂଚାର ବ୍ୟୁରୋ):** ଦୁଇ ଦିନ ପୂର୍ବେ ମୟୂରଭଞ୍ଜ ଜିଲ୍ଲା କେନ୍ଦୁଜିଆଣୀ ସାପ୍ତାହିକ ହାଟରୁ ଏକ ଅଧା ପୋଡ଼ା ଅଜଣା ଶବ ମିଳିଥିଲା। କିଏ ଓ କାହିଁକି ଏହି ହତ୍ୟାକାଣ୍ଡ ଘଟାଇଥିଲା, ତାହାର ତଦନ୍ତ ଆରମ୍ଭ କରିଥିଲା ପୁଲିସ୍। ତେବେ ଦୁଇ ଦିନ ପରେ ଏହି ହତ୍ୟା ଘଟଣା ଉପରୁ ପରଦା ହଟିଛି । ସାମାନ୍ୟ କାରଣରୁ ଜଣେ ବ୍ୟକ୍ତିଙ୍କ ଜୀବନ ନେଇଥିବା ଦୁଇ ଜଣଙ୍କୁ ବାନ୍ଧିଛି ପୁଲିସ୍। ମୃତକ ଜଡବିଲ ଗ୍ରାମର କନ୍ଦା ମହାନ୍ତ ବୋଲି ଜଣାଯାଇଛି। ଗିରଫଦ୍ୱୟ ମଧ୍ୟ ତାଙ୍କ ଗ୍ରାମର ରଞ୍ଜିତ ମହାନ୍ତ ଏବଂ ଘନ ଜାମୁଡା ବୋଲି ଜଣାଯାଇଛି। ଗତ ୧୬ତାରିଖରେ କନ୍ଦା ମହାନ୍ତ କେନ୍ଦୁଜୁଆଣି ହାଟକୁ ଆସିଥିଲେ। ସେଠାରେ ସେ ଉଭୟ ଦୋକାନୀଙ୍କ ନିକଟରୁ ପତ୍ରପୋଡା ମାଂସ ସହିତ ଚଣା ଆଣି ଖାଇଥିଲେ। ମାତ୍ର ସେମାନଙ୍କୁ ସେ ଟଙ୍କା ଦେଇ ନ ଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା ଏବଂ ପରେ ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇ ଥିଲା। ଏଥିରେ ଉତ୍ତ୍ୟକ୍ତ ଦୁଇ ଦୋକାନୀ କନ୍ଦା ମହାନ୍ତଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ସେମାନେ ଭୟଭୀତ ହୋଇ ପଡ଼ିଥିବା ବେଳେ ପ୍ରମାଣ ନଷ୍ଟ ନିମନ୍ତେ ନଡ଼ା ସାହାଯ୍ୟରେ ଶବଟି ପୋଡ଼ିବାକୁ ଚେଷ୍ଟା କରିଥିଲେ। ମାତ୍ର ତାହା ଅଧାପୋଡା ଅବସ୍ଥାରେ ହାଟ ପଡ଼ିଆରେ ପଡ଼ି ରହିଥିବା ବେଳେ ଉଭୟ ସେଠାରୁ ଫେରାର ହୋଇ ଯାଇଥିଲେ। ତେବେ ପଚରାଉଚରା ପରେ ଏହା ହତ୍ୟା ହେଇଥିବା ଜାଣି କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ଘଟଣାର ତଦନ୍ତ କରିବା ସହିତ ହତ୍ୟାର ୪୮ଘଣ୍ଟା ଭିତରେ ଦୁଇ ଅଭିଯୁକ୍ତଙ୍କୁ ସଫଳତାର ସହି ଗିରଫ କରିଛି। ଆଜି କ୍ରାଇମ ସିନ୍ ରିକ୍ରିଏସନ କରୁଛି ଠାକୁରମୁଣ୍ଡା ଥାନା ପୁଲିସ ।



# ଦୋକାନରେ ଲାଗିଲା ନିଆଁ, ଜଣେ ଗୁରୁତର

**ପୁରୀ,୧୯।୧୨(ସଂଚାର ବ୍ୟୁରୋ):** ଝାଡେଶ୍ୱରୀ କ୍ଲବ ନିକଟ କ୍ଲାକ ରୋଡରେ ଏକ ଫ୍ଲେକ୍ସ ପ୍ରିଣ୍ଟ ସପ୍‌ରେ ଘଟିଛି ଅଗ୍ନିକାଣ୍ଡ। ଏହି ଅଗ୍ନିକାଣ୍ଡରେ ଜଣେ ଗୁରୁତର ହୋଇଛନ୍ତି। ଦୋକାନରେ ହଠାତ୍ ନିଆଁ ଲାଗି ଯାଇଥିବା ବେଳେ ଭିତରେ ଥିବା ପ୍ଲାଷ୍ଟିକ ସାମଗ୍ରୀ ଜଳି ଯାଇଥିଲା। ତେଣୁ ଆଖପାଖ ଅଞ୍ଚଳ ପୂରା ଧୂଆଁମୟ ହୋଇ ଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।ଏହାପରେ ସେମାନେ ଫ୍ଲେକ୍ସ ପ୍ରିଣ୍ଟ ସପ୍‌ରୁ ଜଣଙ୍କୁ ଉଦ୍ଧାର କରି ପୁରୀ ବଡଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେଠାରେ ସେ ଗୁରୁତର ଥିବା ସୂଚନା ମିଳିଛି। ତେବେ ଅଗ୍ନିକାଣ୍ଡ ଯୋଗୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇ ଯାଇଛି।

# ଅନୁଦାନ ସହଯୋଗ ପାଇଁ ପଡା ଗୌଡ଼ଙ୍କ ଅନୁରୋଧ



**ରାୟଗଡା,୧୯।୧୨୪ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ର କାଶୀପୁର ବ୍ଲକ ସଦର ଗୋରଖପୁର ଗୌଡ଼ ସାହିର ରିତେଶ ଗୌଡ଼, ପିତା ପଡା ଗୌଡା, ମାଁ ମିଥିଲା । ରିତେଶ ନ ବର୍ଷ ତୃତୀୟ ଶ୍ରେଣୀରେ ନିଜ ଗ୍ରାମ ବିଦ୍ୟାଳୟରେ ପଢୁ ଥିଲେ । ବିଦ୍ୟାଳୟରୁ ଘର ଅଧା କିମି ଦୂର ଚାଲି ଆସିବା ସମୟରେ ଗତ ସାତ ତାରିଖ ଦିନ ବାଟରେ ପଡିଯିବାରୁ ମୁଣ୍ଡରେ ଆଘାତ ହୋଇ ରକ୍ତ ବାହାରିଥିଲା । ତିନି ରୁ ଚାରି ଦିନ ପରେ ତାକୁ ରାୟଗଡା ଡାକ୍ତର ଖାନାକୁ ନେଇ ଥିଲେ । ତା ପରେ କୋରାପୁଟ ଡାକ୍ତର ଖାନାକୁ ସ୍ଥାନାନ୍ତର କରି ତିନି ଦିନ ରଖିବା ପରେ, କଟକ ଡାକ୍ତର ଖାନାକୁ ନେଇ ତାର ଚିକିତ୍ସା କରିବାକୁ ହେଲେ ସତୁରି ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିବାରୁ ପଇସା ନ ଥିବାରୁ ଘରେ ଆଣି ରଖିଛନ୍ତି । ବର୍ତ୍ତମାନ ଛୁଆର ଦେହ ଅବସ୍ଥା ବହୁତ ଖରାପ ଅଛି । ପଡା ଗୌଡା ଜଣେ କୁଲି ମଜୁରିଆ ଗରିବ ଲୋକ, ଘର ଦିହ ମଧ୍ୟ କିଛି ନାହିଁ । ଘରର ଛ ଜଣ ପରିବାର ଚଳାଉଛନ୍ତି ଆର୍ଥିକ ଅବସ୍ଥା ଠିକ ନଥିବାରୁ ତେଣୁ ସେ ତାର ଛୁଆକୁ ଚିକିତ୍ସା କରିବାକୁ ହେଲେ ପ୍ରଶାସନ, ପ୍ରତିନିଧି,ଓ ଜନସାଧାରଣଙ୍କ କିଛି ଅନୁଦାନ ସାହାଯ୍ୟ ସହଯୋଗ ପାଇଁ ସମସ୍ତଙ୍କୁ ଅନୁରୋଧ କରୁଛନ୍ତି ।